RNI No.ODIODI/2010/33031
୧୭ ବର୍ଷ Volume- 17
ISSUE -66 ସଂଖ୍ୟା-୬୬
ଭୁବନେଶ୍ୱର, ବୁଧବାର ୨୦ ମଇ ୨୦୨୬
Bhubaneswar, Wednesday 20 May, 2026
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



## ଆହୁରି ବଢ଼ିବ ତାତି, ୩୧ ପର୍ଯ୍ୟନ୍ତ ମିଳିବନି ତ୍ରାହି

ଭୁବନେଶ୍ୱର, ୧୯।୫(ନି.ପ୍ର.): ବଢ଼ୁଛି ତାତି, ଅସମ୍ଭାଳ ଗରମ । ଆସନ୍ତାକାଲିଠାରୁ ଆହୁରି ବଢ଼ିବ ତାତି। ପାଣିପାଗ ବିଶେଷଜ୍ଞଙ୍କ ପୂର୍ବାନୁମାନକୁ ନେଇ ଚିନ୍ତାରେ ରାଜ୍ୟବାସୀ । ସମଗ୍ର ଓଡ଼ିଶା ଜଳୁଥିବାବେଳେ ମେ ୩୧ ତାରିଖ ପର୍ଯ୍ୟନ୍ତ ମିଳିବନି ତ୍ରାହି । ଏପଟେ ଗରମ ଯୋଗୁଁ ଭୁବନେଶ୍ୱରରେ ଦିନ ୧୧ରୁ ରାସ୍ତା ଖାଁ ଖାଁ ହୋଇଯାଉଛି । ବାହାରକୁ ବାହାରିବା ପାଇଁ ଇଚ୍ଛା ହେଉନି । ଗତ କିଛି ଦିନ ରୁ ଅସମ୍ଭାଳ ଗରମ ଯୋଗୁଁ ଅସ୍ତବ୍ୟସ୍ତ ହୋଇପଡିଲେଣି ରାଜଧାନିବାସିନ୍ଦା । ୪୦ଭିତରେ ପାରଦ ରହିଲେ ମଧ ଅତ୍ୟଧିକ ଗୁଳଗୁଳି ଯୋଗୁଁ ୫୦ପରି ଲାଗୁଛି ପାରଦ। ଆଉ ନିଜକୁ ଥଣ୍ଡା ରଖିବା ପାଇଁ ଜୁସ, ଲସି ଦୋକାନ ଆଡ଼କୁ ଧାଇଁ ଯାଉଛନ୍ତି ଲୋକେ। ଏହି ଗରମ ପାଇଁ ଭୁବନେଶ୍ୱରରେ ପୁଣି ଆରମ୍ଭ ହୋଇଗଲାଣି ଜଳଛତ୍ର। ଯାତ୍ରୀଙ୍କ କେବଳ ପାଣି ନୁହେଁ ଦହି ପାଣି ଦିଆଯାଉଛି। କେବେ ଖରା କେବେ ବର୍ଷା ତ କେବେ ନିଆଁ ବର୍ଷା ଏମିତି ବଦଳୁଥିବା ପାଣିପାଗ ପାଇଁ ଚିନ୍ତାରେ ଲୋକେ । ଏପଟେ ଏହି ଖରାରୁ ମିଳିବନି ନିସ୍ତାର ବୋଲି ମଧ ପୂର୍ବାନୁମାନ କରିଛନ୍ତି ସୋଆ ସିଇସି ମୁଖ୍ୟ। ମେ ଶେଷ ବା ଜୁନ ୧ ତାରିଖ ପର୍ଯ୍ୟନ୍ତ ରହିବ ଏମିତି ଗରମ। ରାଜ୍ୟରେ ଉତ୍ତର ପଶ୍ଚିମ ଦିଗରୁ ପବନ ପ୍ରବାହିତ ହେଉଥିବାରୁ ପାରଦ ବୃଦ୍ଧି ପାଉଛି । ଆସନ୍ତାକାଲିଠାରୁ ତାତି ଆହୁରି ବଢ଼ିବ ବୋଲି ପୂର୍ବାନୁମାନ କରିଛନ୍ତି ଶରତ ଚନ୍ଦ୍ର ସାହୁ ।

## ଭୁବନେଶ୍ୱରରେ ପୂର୍ବାଞ୍ଚଳ କୃଷି ସମ୍ମିଳନୀ -୨୦୨୬

# ଚାଷୀ ଓ ମାଟିର ସୁରକ୍ଷା ପାଇଁ କେନ୍ଦ୍ର ଓ ରାଜ୍ୟର ରୋଡମ୍ୟାପ୍

### ଚାଷୀ ଆମ ଅନ୍ନଦାତା, ନକଲି ସାର କାରବାର କଲେ ହେବ ଦୃଢ଼ କାର୍ଯ୍ୟାନୁଷ୍ଠାନ - ଶିବରାଜ ସିଂ ଚୌହାନ

### ପ୍ରତି ବ୍ଲକରେ ଫରଗଟନ ଫୁଡ୍‌ସକୁ କରାଯିବ ପୁନର୍ଜୀବିତ - ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୯।୫(ନି.ପ୍ର.): ପୂର୍ବ ଭାରତର କୃଷି ବିକାଶ ଓ କୃଷକଙ୍କ କଲ୍ୟାଣ ପାଇଁ ଭୁବନେଶ୍ୱରଠାରେ ଆଜି 'ପୂର୍ବାଞ୍ଚଳ କ୍ଷେତ୍ରୀୟ କୃଷି ସମ୍ମିଳନୀ -୨୦୨୬' ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା, ବିହାର, ଛତିଶଗଡ଼, ଝାରଖଣ୍ଡ ଓ ପଶ୍ଚିମବଙ୍ଗ ଆଦି ୫ଟି ରାଜ୍ୟର କୃଷି ବିକାଶ ପାଇଁ ପ୍ରସ୍ତୁତ ହେବ ରୋଡ ମ୍ୟାପ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୂର୍ବ ଭାରତରେ କୃଷିର ଭବିଷ୍ୟତ ଓ ଚାଷୀଙ୍କ ସାମାଜିକ-ଆର୍ଥିକ ଉନ୍ନତି ପାଇଁ ଏକ ବ୍ୟାପକ ରୋଡମ୍ୟାପ୍ ସଂପର୍କରେ ଆଲୋଚନା କରିବା ସହ ରାଜ୍ୟ ସରକାରଙ୍କ କ୍ରାନ୍ତିକାରୀ ଯୋଜନାଗୁଡ଼ିକ ସମ୍ପର୍କରେ ସୂଚନା ଦେଇଛନ୍ତି।

କୃଷି ସମ୍ମିଳନୀରେ ଯୋଗଦେଇ କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂ ଚୌହାନ ଓଡ଼ିଶାର ଚାଷୀ ଓ କୃଷି ବିକାଶର ଭୂୟସୀ ପ୍ରଶଂସା କରିଛନ୍ତି।

ଚଳିତ ବର୍ଷ ଧାନ କ୍ରୟ କ୍ଷେତ୍ରରେ ଓଡ଼ିଶା ସରକାର ଏକ ବଡ଼ ରେକର୍ଡ ସୃଷ୍ଟି କରିଛନ୍ତି ବୋଲି ସେ ପ୍ରକାଶ କରିଛନ୍ତି। କୃଷକମାନଙ୍କ ସମ୍ମାନରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, କୃଷକ ହେଉଛି ଆମର ଅନ୍ନଦାତା ଏବଂ ଯଦି ଏହି ଧରାପୃଷ୍ଠରେ କେହି ଦ୍ୱିତୀୟ ଭଗବାନ ଥାଏ, ତେବେ ସେ ହେଉଛି ଜଣେ କୃଷକ। ପୂର୍ବ ଭାରତର ଉର୍ବର ଭୂମି, ପ୍ରଚୁର ଜଳସମ୍ପଦ ଏବଂ ଅନୁକୂଳ ଜଳବାୟୁ ଆଗାମୀ ଦିନରେ ଏହି ଅଞ୍ଚଳର ଚାଷୀଙ୍କ ବିକାଶ ପାଇଁ ନିଶ୍ଚିତ ରୂପେ ଏକ ଶକ୍ତିଶାଳୀ ଇନ୍ଧନ ସାଜିବ ବୋଲି




ଶ୍ରୀ ଚୌହାନ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ବର୍ତ୍ତମାନର ବିଶ୍ୱସ୍ତରୀୟ ସ୍ଥିତିକୁ ଦୃଷ୍ଟିରେ ରଖି କେନ୍ଦ୍ରମନ୍ତ୍ରୀ ପ୍ରାକୃତିକ ଚାଷ ବା 'ନେଚୁରାଲ୍ ଫାର୍ମିଂ' ଉପରେ ସବୁଠାରୁ ଅଧିକ ଗୁରୁତ୍ୱ ଦେବାକୁ ଆହ୍ୱାନ କରିଛନ୍ତି। ସେ ସମ୍ମିଳନୀରେ ଉପସ୍ଥିତ ସମସ୍ତ ପ୍ରତିନିଧି ଓ ଚାଷୀଙ୍କୁ ଅନୁରୋଧ କରି କହିଛନ୍ତି ଯେ, ପ୍ରତ୍ୟେକ କୃଷକ ନିଜ ଚାଷ ଜମିର ଅତିକମରେ ପାଞ୍ଚ ଭାଗରୁ ଭାଗେ (୨୦ ପ୍ରତିଶତ) ଜମିରେ ନିଶ୍ଚିତ ଭାବେ ପ୍ରାକୃତିକ ଚାଷ କରିବା ଆବଶ୍ୟକ। ଏହାଦ୍ୱାରା ରାସାୟନିକ ସାରର ଆବଶ୍ୟକତା ଧୀରେ ଧୀରେ ହ୍ରାସ ପାଇବ ଏବଂ ମାଟିର ଉର୍ବରତା ବଜାୟ ରହିବ। ଏଥିସହ ନକଲି ସାର ଓ କୀଟନାଶକ କାରବାର କରୁଥିବା ଅସାଧୁ ବ୍ୟକ୍ତିଙ୍କ ବିରୋଧରେ କେନ୍ଦ୍ର ସରକାର ଅତ୍ୟନ୍ତ କଠୋର ଆଭିମୁଖ୍ୟ ଗ୍ରହଣ କରିବେ ଏବଂ ଆଗାମୀ ଦିନରେ କୃଷକଙ୍କ ସୁରକ୍ଷା ପାଇଁ ଏକ ନୂଆ 'ପେଷ୍ଟିସାଇଡ୍ ଆକ୍ଟ' ଅଣାଯିବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ନିଜ ଅଭିଭାଷଣରେ ମାଟିର ସୁରକ୍ଷା ଉପରେ ସବୁଠାରୁ ଅଧିକ ଗୁରୁତ୍ୱ ଦେଇ କହିଛନ୍ତି, ଯେ ଆମକୁ ପ୍ରାକୃତିକ କୃଷିକୁ ଆପଣାଇବାକୁ ହେବ। ଅଧିକରୁ ଅଧିକ ରାସାୟନିକ ସାର ଏବଂ କୀଟନାଶକର ଉପଯୋଗ ଦ୍ୱାରା ଆମ ମାଟି ଧୀରେ ଧୀରେ ବିଷାକ୍ତ ହେବାରେ ଲାଗିଛି। ମୁଖ୍ୟମନ୍ତ୍ରୀ ଆହୁରି ମଧ ପ୍ରକାଶ କରିଛନ୍ତି ଯେ, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ମହାପ୍ରସାଦ ପ୍ରସ୍ତୁତିରେ ବର୍ତ୍ତମାନ ଓଡ଼ିଶାର ଜୈବିକ ଚାଉଳ ବ୍ୟବହାର କରାଯାଉଛି। ଏହା ଓଡ଼ିଶାବାସୀଙ୍କ ପାଇଁ ବଡ଼ ଗୌରବର ବିଷୟ ଏବଂ ଆଗାମୀ ଦିନରେ କେମିତି ପୂର୍ବ ପ୍ରାନ୍ତରେ ଅଧିକରୁ ଅଧିକ ଜୈବିକ ଚାଷ ହୋଇପାରିବ, ସେଥିପାଇଁ ବ୍ୟାପକ ଗବେଷଣା କରିବାକୁ ସେ କୃଷି ବୈଜ୍ଞାନିକମାନଙ୍କୁ ଆହ୍ୱାନ ଦେଇଛନ୍ତି। ଏହାସହ ବିଲୁପ୍ତ ହୋଇଯାଉଥିବା ସ୍ଥାନୀୟ କିସମର ପାରମ୍ପରିକ ଖାଦ୍ୟ ଶସ୍ୟ ଗୁଡ଼ିକର ପୁନରୁଦ୍ଧାର ପାଇଁ ବ୍ଲକ ସ୍ତରରେ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପ୍ରୟାସ କରାଯାଉଥିବା ସଂପର୍କରେ ସେ ସୂଚନା ଦେଇଛନ୍ତି।ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନକୁ ଦୋହରାଇ ସେ କେମିକାଲ୍ ସାରର ବ୍ୟବହାର କମାଇବାକୁ ଚାଷୀ ଭାଇ ଓ ଭଉଣୀମାନଙ୍କୁ ଅନୁରୋଧ କରିଛନ୍ତି।

ଓଡ଼ିଶା ସରକାର ଚାଷୀଙ୍କୁ ଆର୍ଥିକ ମୁଖ୍ୟଧାରାକୁ ଆଣିବା ପାଇଁ ନେଇଥିବା ଐତିହାସିକ ପଦକ୍ଷେପ ବାବଦରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, 'ସମୃଦ୍ଧ କୃଷକ ଯୋଜନା'ରେ ଚାଷୀଙ୍କୁ ବଡ଼ ଆଶ୍ୱାସନା ଦେଇ ପ୍ରତି କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା ଦରରେ ଧାନ କିଣାଯାଉଛି, ଯାହାଦ୍ୱାରା ଗତ ଖରିଫ୍ ଋତୁରେ ପ୍ରାୟ ୧୯ ଲକ୍ଷ ଚାଷୀ ସିଧାସଳଖ ଉପକୃତ ହୋଇଛନ୍ତି। ଏହା ବ୍ୟତୀତ 'ସିଏମ କିଷାନ' ଯୋଜନା ମାଧ୍ୟମରେ ୫୧ ଲକ୍ଷରୁ ଅଧିକ ଚାଷୀଙ୍କୁ ବାର୍ଷିକ ୪,୦୦୦ ଟଙ୍କା ଦିଆଯାଉଛି, ଯାହା କେନ୍ଦ୍ର ସରକାରଙ୍କ ପିଏମ କିଷାନ ସହିତ ମିଶି ଚାଷୀଙ୍କ ହାତରେ ବାର୍ଷିକ ୧୦,୦୦୦ ଟଙ୍କାର ସହାୟତା ରାଶି ପହଞ୍ଚାଉଛି। ଚାଷୀଙ୍କ ପିଲାମାନଙ୍କ ଉଚ୍ଚଶିକ୍ଷା ପାଇଁ 'କୃଷି ବିଦ୍ୟାନିଧି ଯୋଜନା' ଏବଂ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ଚାଷୀଙ୍କ ଅଂଶର ସମ୍ପୂର୍ଣ୍ଣ ପ୍ରିମିୟମ ରାଜ୍ୟ ସରକାର ନିଜେ ବହନ କରୁଥିବା ସେ ପ୍ରକାଶ କରିଛନ୍ତି।

ରାଜ୍ୟରେ କୃଷି ଭିତ୍ତିଭୂମି ଓ ବଜାର ସଂଯୋଗୀକରଣକୁ ମଜବୁତ କରିବା ପାଇଁ ସରକାର ବ୍ୟାପକ ପଦକ୍ଷେପ ନେଇଛନ୍ତି। ରାଜ୍ୟର ସମସ୍ତ ୫୮ଟି ସବ୍-ଡିଭିଜନରେ ଶୀତଳ ଭଣ୍ଡାର ସ୍ଥାପନ ପାଇଁ ଆର୍ଥିକ ସହାୟତା ଯୋଜନା ଆରମ୍ଭ କରାଯାଇଛି ଏବଂ 'ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା'ରେ କୃଷି କ୍ଷେତ୍ରରେ ନିବେଶକୁ ପ୍ରୋତ୍ସାହିତ କରିବା ପାଇଁ ୧ କୋଟି ଟଙ୍କା ପର୍ଯ୍ୟନ୍ତ ସବସିଡି ପ୍ରଦାନ କରାଯାଉଛି। ଓଡ଼ିଶାରେ ୧୮୦୦ରୁ ଅଧିକ କୃଷକ ଉତ୍ପାଦକ ସଂଗଠନ ସଫଳତାର ସହ କାର୍ଯ୍ୟ କରି ଗତ ଦୁଇ ବର୍ଷରେ ୧୨୬ କୋଟି ଟଙ୍କାର କାରବାର କରିଛନ୍ତି।

# ପ୍ରିମିୟମ ପେଟ୍ରୋଲ ଦର ଲିଟର ପିଛା ହେଲା ୧୧୪ ଟଙ୍କା

ଭୁବନେଶ୍ୱର, ୧୯।୫(ନି.ପ୍ର.): ରାଷ୍ଟ୍ରାୟତ୍ତ ତେଲ କମ୍ପାନିଗୁଡ଼ିକ ଆଜି ପୁଣି ପେଟ୍ରୋଲ ଓ ଡିଜେଲ ଦର ପୁଣି ବଢ଼ାଇଛନ୍ତି। ପେଟ୍ରୋଲ ଦର ଲିଟର ପିଛା ୯୩ ପଇସା ବୃଦ୍ଧି ପାଇ ୧୦୫ ଟଙ୍କା ୪୪ ପଇସାରେ ପହଞ୍ଚିଛି। ସେହିଭଳି ଡିଜେଲ ଦର ଲିଟର ପିଛା ୯୬ ପଇସା ବଢ଼ି ୯୬ ଟଙ୍କା ୫୫ ପଇସା ହୋଇଛି। ଏଥିସହିତ ପ୍ରିମିୟମ ପେଟ୍ରୋଲ ଦର ଲିଟର ପିଛା ୯୪ ପଇସା ବଢ଼ି ୧୧୪ ଟଙ୍କା ୫୬ ପଇସା ଛୁଇଁଛି। ଗତ ୫ ଦିନ ଭିତରେ ଏହା ପେଟ୍ରୋଲ ଓ ଡିଜେଲର ଦ୍ୱିତୀୟ ଦରବୃଦ୍ଧି।




୪ ରାଜ୍ୟ ଓ ଗୋଟିଏ କେନ୍ଦ୍ର ଶାସିତ ଅଞ୍ଚଳର ନିର୍ବାଚନ ଫଳ ଚଳିତମାସ ୩ ତାରିଖରେ ପ୍ରକାଶ ପାଇଥିଲା। ଏହା ପରେ ଚଳିତମାସ ୧୫ ତାରିଖରେ ସରକାରୀ ତେଲ କମ୍ପାନିଗୁଡ଼ିକ ପେଟ୍ରୋଲ ଓ ଡିଜେଲ ଦର ଲିଟର ପିଛା ୩ ଟଙ୍କାରୁ ଅଧିକ ବଢ଼ାଇଥିଲେ। ଫଳରେ ଭୁବନେଶ୍ୱର ବଜାରରେ ପେଟ୍ରୋଲ ଦର ୧୦୪ ଟଙ୍କା ୫୧ ପଇସା, ଡିଜେଲ ଦର ୯୫ ଟଙ୍କା ୯୯ ପଇସା ଏବଂ ପ୍ରିମିୟମ ପେଟ୍ରୋଲ ଦର ୧୧୩ ଟଙ୍କା ୬୨ ପଇସାରେ ପହଞ୍ଚିଥିଲା। ଆଜିର ବୃଦ୍ଧି ଫଳରେ ଦେଶରେ ପେଟ୍ରୋଲ ଓ ଡିଜେଲ ଆହୁରି ମହଙ୍ଗା ହୋଇଯାଇଛି।ଇରାନ-ଆମେରିକା ଯୁଦ୍ଧ ପରେ ହର୍ମୁଜ ପ୍ରଣାଳୀ ବନ୍ଦ ରହିଛି। ଉପସାଗରୀୟ ଦେଶ ଅଞ୍ଚଳରୁ ଅଶୋଧିତ ତେଲ ବିଶ୍ୱ ବଜାରକୁ ଆସି ପାରୁନାହିଁ। ଏହା ଫଳରେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର ବଢ଼ିଯାଇଛି। ଅନ୍ୟପଟେ ଡଲାର ତୁଳନାରେ ଟଙ୍କା ଦିନକୁ ଦିନ ଦୁର୍ବଳ ହୋଇ ଚାଲିଛି। ତେଣୁ ଉଭୟ ଅଶୋଧିତ ତେଲ ଦରବୃଦ୍ଧି ଏବଂ ଟଙ୍କା ଦୁର୍ବଳ ହେବାର ପ୍ରତିକୂଳ ପ୍ରଭାବ ପେଟ୍ରୋଲିୟମ କମ୍ପାନିଙ୍କ ଉପରେ ପଡୁଛି। କମ୍ପାନିଗୁଡ଼ିକୁ ଏଥିପାଇଁ ପେଟ୍ରୋଲ ଓ ଡିଜେଲ ବିକ୍ରିରେ ବିପୁଳ କ୍ଷତି ସହିବାକୁ ପଡୁଥିବାରୁ ସେମାନେ ଏହି ବୋଝ ଗ୍ରାହକଙ୍କ ଉପରେ ଲଦିବା ଆରମ୍ଭ କରିଦେଇଛନ୍ତି। ନିର୍ବାଚନ ପୂର୍ବରୁ ଦରବୃଦ୍ଧି ନକରିବା ପାଇଁ ଯେଉଁ ରାଜନୈତିକ ବାଧ୍ୟବାଧକତା ସେମାନଙ୍କ ଉପରେ ଥିଲା ବର୍ତ୍ତମାନ ତାହା ନାହିଁ। ତେଣୁ ସରକାରୀ କମ୍ପାନିଗୁଡ଼ିକ ପେଟ୍ରୋଲ ଓ ଡିଜେଲ ଦର ବଢ଼ାଇବା ଆରମ୍ଭ କରିଦେଇଛନ୍ତି।

## ସୌମ୍ୟରଞ୍ଜନ ସ୍ୱାଇଁ ହତ୍ୟା ଘଟଣାରେ ଆଉ ୨ ଗିରଫ

ଭୁବନେଶ୍ୱର, ୧୯।୫ :ବାଲିଅନ୍ତା ଥାନା ଅଞ୍ଚଳରେ ଜିଆରପି କନଷ୍ଟେବଲ ସୌମ୍ୟରଞ୍ଜନ ସ୍ୱାଇଁଙ୍କୁ ଲୋକେ ପିଟି ପିଟି ମାରି ଦେବା ଘଟଣାରେ କ୍ରାଇମ ବ୍ରାଞ୍ଚ ଆଉ ୨ ଜଣଙ୍କୁ ଗିରଫ କରିଛି। ସେମାନଙ୍କୁ ମଧ ମୁଖ୍ୟ ଅଭିଯୁକ୍ତ ବୋଲି ଦର୍ଶାଇଛି କ୍ରାଇମ ବ୍ରାଞ୍ଚ। ଗିରଫ ଦୁଇ ଅଭିଯୁକ୍ତ ହେଉଛନ୍ତି ପଞ୍ଚାନନ ବଡଜେନା ଓରଫ କାଳିଆ ଓ ରଞ୍ଜିତ ରଣା। କ୍ରାଇମବ୍ରାଞ୍ଚ ପକ୍ଷରୁ ଜାରି କରାଯାଇଥିବା ପ୍ରେସ୍ ରିଲିଜ୍‌ରେ କୁହାଯାଇଛି ଯେ ତଦନ୍ତ ବେଳେ ଯଥେଷ୍ଟ ପ୍ରମାଣ ମିଳିବା ପରେ ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ପଞ୍ଚାନନ ବଡଜେନା ଓରଫ କାଳିଆ ଓ ରଞ୍ଜିତ ରଣାଙ୍କୁ ନୟାଗଡର ରଣପୁର ଜଙ୍ଗଲରୁ ଗିରଫ କରାଯାଇଛି। ଏହି ମାମଲାରେ ଏଯାବତ୍ ୧୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେମାନଙ୍କ ମଧ୍ୟରୁ ୧୧ ଜଣଙ୍କୁ ସ୍ଥାନୀୟ ପୁଲିସ ଗିରଫ କରିଥିଲା। ପଞ୍ଚାନନ ବଡଜେନା ଓରଫ କାଳିଆ ଓ ରଞ୍ଜିତ ରଣାଙ୍କ ପୂର୍ବରୁ ରଞ୍ଜିତ ପାତ୍ର ଓରଫ ଚିନୁ (୨୪)ଙ୍କୁ ଗିରଫ କରିଥିଲା କ୍ରାଇମ ବ୍ରାଞ୍ଚ। ତାଙ୍କ ଘର କଟକ ସଦର ଥାନା ଗଙ୍ଗେଶ୍ୱରଗଡରେ। ସୌମ୍ୟଙ୍କ ଗୋଡ ଓ ହାତକୁ ରଶିରେ ବନ୍ଧା ଯାଇଥିବା ବେଳେ ରଞ୍ଜିତ ତାଙ୍କ ମୁଣ୍ଡକୁ ବାଉଁଶରେ ପିଟି ଥିବା ନେଇ ପ୍ରମାଣ ରହିଥିବା କ୍ରାଇମ ବ୍ରାଞ୍ଚ କହିଛି। ତାଙ୍କୁ ମଧ ମୁଖ୍ୟ ଅଭିଯୁକ୍ତ ଦର୍ଶାଇଥିଲା କ୍ରାଇମ ବ୍ରାଞ୍ଚ। ତା' ପୂର୍ବରୁ ମେ' ୧୧ ତାରିଖରେ ଜଣେ ଅଭିଯୁକ୍ତ ଯୁଧିଷ୍ଠିର ଜେନା ଓରଫ ବଣ୍ଟି (୨୨)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା କ୍ରାଇମ ବ୍ରାଞ୍ଚ।

# ବାଲି ମାଫିଆଙ୍କ ଗୁଣ୍ଡାରାଜ

### ଥାନା ଅଧିକାରୀଙ୍କୁ ପଥର ମାଡ କରି ଛଡାଇନେଲେ ବାଲି ବୋଝେଇ ଟ୍ରାକ୍ଟର

ଢେଙ୍କାନାଳ, ୧୯।୫(ନି.ପ୍ର.): ଥାନା ଅଧିକାରୀ ଓ ତାଙ୍କ ଟିମ୍ ଉପରକୁ ପଥର ମାଡ କରି ବାଲି ବୋଝେଇ ଟ୍ରାକ୍ଟର ଛଡାଇ ନେଲେ ବାଲି ମାଫିଆ। ଢେଙ୍କାନାଳ ଜିଲ୍ଲା ଭୁବନ ଥାନା ଅନ୍ତର୍ଗତ ମୃଦଙ୍ଗା ଗ୍ରାମରେ ଘଟିଛି ଏହି ଘଟଣା।



ରାତି ସାରା ବେଧଡକ ବାଲି ଚୋରା ଚାଲାଣ ହେଉଥିବା ଖବର ପାଇ ଆଜି ସକାଳ ପ୍ରାୟ ୫ଟା ବେଳେ ଭୁବନ ଥାନାଧିକାରୀ ରେଣୁବାଳା ସାହୁ ଓ ତାଙ୍କ ଟିମ୍ ମହୁଲପାଳ ସ୍ଥିତ କଣପାଳ ବେଆଇନ ବାଲି ଖାଦାନ ଉପରେ ଚଢ଼ାଉ କରିଥିଲେ।

ବାଲି ଖାଦାନରୁ ଦୁଇଟି ବେଆଇନ ବାଲି ଟ୍ରାକ୍ଟରକୁ ପିଛା କରିଥିଲା ପୁଲିସ ଟିମ୍। ମୃଦଙ୍ଗା ଗ୍ରାମ ଶିବ ମନ୍ଦିର ନିକଟରେ ପୁଲିସ ଓ ବାଲି ମାଫିଆଙ୍କ ମଧ୍ୟରେ ହୋଇଥିଲା ମୁହାଁମୁହିଁ। ବାଲି ମାଫିଆ ପୁଲିସ ଉପରକୁ ଆକ୍ରମଣ କରି ଗୋଟିଏ ବାଲି ବୋଝେଇ ଟ୍ରାକ୍ଟର ଖସେଇ ନେବାରେ ସକ୍ଷମ ହୋଇଥିଲେ। ସେମାନେ ପୁଲିସ ଟିମ୍ ଉପରକୁ ପଥରମାଡ କରିଥିଲେ। ଏମିତିକି ସେମାନେ ଥାନାଧିକାରୀ ରେଣୁବାଳା ସାହୁଙ୍କ ବାମ ହାତକୁ ମୋଡି ଦେଇଥିଲେ ବୋଲି ଜଣାପଡିଛି। ଏହି ଘଟଣାରେ ବାଲି ମାଫିଆ ଭରତ ଚନ୍ଦ୍ର ଦାଶ ସହିତ ଗାଡି ମାଲିକ ଦେବାଶିଷ ଦାସଙ୍କୁ ଅଟକ ରଖିଛି ଭୁବନ ପୁଲିସ। କାମାକ୍ଷାନଗର ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ଚିତ୍ତରଞ୍ଜନ ବେହେରା ଘଟଣାର ତଦନ୍ତ କରୁଛନ୍ତି।

## ପୂର୍ବ କଙ୍ଗୋରେ ଇବୋଲା ମୃତ୍ୟୁ ୧୩୧ ଛୁଇଁଲା, ୫୧୩ ସନ୍ଦିଗ୍ଧ ମାମଲା

କିନ୍‌ସାସା ୧୯।୫(ନି.ପ୍ର.): ସରକାରଙ୍କ ବିଳମ୍ବ ପ୍ରତିକ୍ରିୟା ବିଷୟରେ ବିବରଣୀ ପ୍ରକାଶ ପାଇବା ପରେ କଙ୍ଗୋ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ମଙ୍ଗଳବାର ଦିନ କହିଛି ଯେ, ପୂର୍ବ କଙ୍ଗୋରେ ଇବୋଲା ୧୩୧ ଜଣଙ୍କର ମୃତ୍ୟୁ ଘଟିଛି। ୫୧୩ ସନ୍ଦିଗ୍ଧ ମାମଲା ରିପୋର୍ଟ କରାଯାଇଛି ବୋଲି ଜନସ୍ୱାସ୍ଥ୍ୟ ମନ୍ତ୍ରୀ ସାମୁଏଲ୍ ରୋଜର କାମ୍ବା କହିଛନ୍ତି। ଏଗୁଡ଼ିକ ସନ୍ଦେହଜନକ ମୃତ୍ୟୁ, ଏବଂ କେଉଁଗୁଡ଼ିକ ପ୍ରକୃତରେ ଏହି ରୋଗ ସହିତ ଜଡିତ ତାହା ନିର୍ଣ୍ଣୟ କରିବା ପାଇଁ ତଦନ୍ତ ଚାଲିଛି। ରବିବାର ଦିନ ଡବ୍ଲୁଏଚ୍‌ଓ ଇବୋଲା ପ୍ରକୋପକୁ ଅନ୍ତର୍ଜାତୀୟ ଚିନ୍ତାର ଏକ ସାର୍ବଜନୀନ ସ୍ୱାସ୍ଥ୍ୟ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରିଥିଲା।ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷ କହିଛନ୍ତି ଯେ ଶୁକ୍ରବାର ଦିନ ପ୍ରଥମେ ନିଶ୍ଚିତ ହୋଇଥିବା ବର୍ତ୍ତମାନର ପ୍ରକୋପ ବୁଣ୍ଡିବୁଗ୍ୟୋ ଭାଇରସ ଯୋଗୁଁ ହୋଇଛି, ଏହା ଇବୋଲା ରୋଗର ଏକ ବିରଳ ଭାରିଆଣ୍ଟ ଯାହାର କୌଣସି ଅନୁମୋଦିତ ଚିକିତ୍ସା କିମ୍ବା ଟୀକା ନାହିଁ। କଙ୍ଗୋ ଏବଂ ଉଗାଣ୍ଡାରେ ୨୦ ରୁ ଅଧିକ ଥର ଇବୋଲା ସଂକ୍ରମଣ ଘଟିଛି। ତେବେ ତୃତୀୟ ଥର ପାଇଁ ଏହା ବୁଣ୍ଡିବୁଗ୍ୟୋ ଭାଇରସ ବୋଲି ଚିହ୍ନଟ ହୋଇଛି। ଉତ୍ତର କିଭୁର ବିଦ୍ରୋହୀ ରାଜଧାନୀ ଗୋମା, ମୋଙ୍ଗବାଲୁ, ବୁଟେମ୍ବୋ ଏବଂ ନାଇକୁଣ୍ଡେରେ ବୁନିଆରେ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

ଚଣ୍ଡିଖୋଲ ଅଶୋଧିତ ତୈଳ ସଂରକ୍ଷଣ ପ୍ରକଳ୍ପ ଆରମ୍ଭ ହେବ କେବେ? : କଂଗ୍ରେସ (ପୃ-୮)

# ଭିଜିଲାନ୍ସ ଜାଲରେ କୋଟିପତି ନିର୍ବାହୀ ଯନ୍ତ୍ରୀ

ଭୁବନେଶ୍ୱର, ୧୯।୫(ନି.ପ୍ର.): ଭିଜିଲାନ୍ସ ଜାଲରେ ପଡିଛନ୍ତି କଳାହାଣ୍ଡି ଜିଲ୍ଲା ଧର୍ମଗଡ ଆର୍ ଆଣ୍ଡ ବି ସବ୍-ଡିଭିଜନର ନିର୍ବାହୀ ଯନ୍ତ୍ରୀ ଭୁବନେଶ୍ୱର ଶବର। ଚଢ଼ାଉ ବେଳେ ତାଙ୍କର ପୁଳା ପୁଳା ସଂପତ୍ତି ଠାବ କରିଛି ଭିଜିଲାନ୍ସ। ନିର୍ବାହୀ ଯନ୍ତ୍ରୀ ଭୁବନେଶ୍ୱର ଶବର ଓ ତାଙ୍କ ପରିବାର ଲୋକଙ୍କ ନାଁରେ ୪ଟି ଦ୍ୱିମହଲା କୋଠା, ୩୩ଟି ପ୍ଲଟ୍, ଗୋଟିଏ ଫାର୍ମ ହାଉସ ଓ ଗୋଟିଏ ମାର୍କେଟ୍ କଂପ୍ଲେକ୍ସ ରହିଛି। ଏହା ବ୍ୟତୀତ ଅନ୍ୟାନ୍ୟ ସଂପତ୍ତି ରହିଛି।

୪ଟି ଦ୍ୱିମହଲା କୋଠା ମଧ୍ୟରୁ ଦୁଇଟି କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ କୁସୁମଖୁଣ୍ଟିରେ ରହିଛି। ସେଥିରୁ ଗୋଟିଏ ୨୬୨୫ ବର୍ଗଫୁଟ୍ ଜାଗାରେ ନିର୍ମିତ ହୋଇଥିବା ବେଳେ ଅନ୍ୟଟି ୧୩୦୦ ବର୍ଗଫୁଟ୍ ଅଞ୍ଚଳରେ ରହିଛି। ସେହିପରି କୋକସରାରର ମୋଟେର ଛକରେ ତାଙ୍କର ଗୋଟିଏ ଦ୍ୱିମହଲା କୋଠା ରହିଛି, ଯାହା ୪୨୨୮ ବର୍ଗଫୁଟ୍ ଜାଗାରେ ନିର୍ମିତ ହୋଇଛି। ଅନ୍ୟ କୋଠାଟି ଭବାନୀପାଟଣା ସହରର ଗୋସାଣିମୁଣ୍ଡାରେ ରହିଛି, ଯାହାକୁ ୪୫୦୦ ବର୍ଗଫୁଟ ଜାଗାରେ ନିର୍ମାଣ କରାଯାଇଛି।

କୋକସରାରେ ନିର୍ବାହୀ ଯନ୍ତ୍ରୀ ଭୁବନେଶ୍ୱର ଶବରଙ୍କର ଏକ ମାର୍କେଟ କଂପ୍ଲେକ୍ସ ଅଛି। ଏହି ମାର୍କେଟ କଂପ୍ଲେକ୍ସରେ ୮ଟି କ୍ୟାବିନ୍ ଅଛି। ସେହିପରି ଭବାନୀପାଟଣା ସହର ନିକଟସ୍ଥ କିଟପଦରଠାରେ ତାଙ୍କର ଏକ ଫାର୍ମ ହାଉସ ରହିଛି। ୯ ଏକରରୁ



ଅଧିକ ଜାଗା ଉପରେ ଏହି ଫାର୍ମ ହାଉସ୍ ରହିଛି। ଭବାନୀପାଟଣା ଓ କୋକସରା ଉପକଣ୍ଠରେ ନିର୍ବାହୀ ଯନ୍ତ୍ରୀ ଶ୍ରୀ ଶବରଙ୍କର ୩୩ଟି ପ୍ଲଟ୍ ରହିଛି। ଏହି ସମସ୍ତ ପ୍ଲଟ୍‌ର ମୋଟ ଜାଗା ମିଶି ୩୯ ଏକର ୬୪ ଡିସିମିଲ ହେଉଛି। ଏସବୁ ବାଦ୍ ତାଙ୍କର ଗୋଟିଏ ଚାରି ଚକିଆ ଗାଡି (ହ୍ୟୁଣ୍ଡାଇ କ୍ରେଟା) ଅଛି। ବ୍ୟାଙ୍କ ଓ ଡାକଘର ସହିତ ସେ ଅନ୍ୟାନ୍ୟ ସ୍ଥାନରେ ନିବେଶ କରିଛନ୍ତି, ଯାହାର ଖୋଳତାଡ ଜାରି ରହିଛି। ଏହି ସମସ୍ତ ଘର ଓ ପ୍ଲଟ୍ ସହିତ ଫାର୍ମ ହାଉସ୍ ଏବଂ ମାର୍କେଟ କଂପ୍ଲେକ୍ସର ମୂଲ୍ୟ ଜାଣିବା ପାଇଁ ଭିଜିଲାନ୍ସର ବୈଷୟିକ ଶାଖା ପକ୍ଷରୁ ମାପଚୁପ ଜାରି ରହିଛି।

**୪ କୋଠା, ୩୩ ପ୍ଲଟ୍, ଗୋଟିଏ ମାର୍କେଟ କଂପ୍ଲେକ୍ସ ଓ ୯ ଏକରର ଫାର୍ମ ହାଉସ**

ଭୁବନେଶ୍ୱର ଶବର ୧୯୯୯ ମସିହାରେ ୬୦୦୦ ଟଙ୍କାରେ ତାଙ୍କର ସରକାରୀ ଚାକିରି ଜୀବନ ଆରମ୍ଭ କରିଥିଲେ। ୧୯୯୯ ଜୁଲାଇ ୧ ତାରିଖରେ କୋରାପୁଟ ଆର ଆଣ୍ଡ ବି ଡିଭିଜନ ଅଧୀନ ସୁନାବେଡା ସେକ୍ସନରେ ସେ କନିଷ୍ଠ ଯନ୍ତ୍ରୀ ଭାବେ ଯୋଗ ଦେଇଥିଲେ। ସେଠାରେ ସେ ୨୦୦୩ ମସିହା ପର୍ଯ୍ୟନ୍ତ ରହିଥିଲେ। ୨୦୦୩ରୁ ୨୦୦୬ ପର୍ଯ୍ୟନ୍ତ ସେ ନବରଙ୍ଗପୁର ଆର ଆଣ୍ଡ ବି ସେକ୍ସନରେ କାର୍ଯ୍ୟ କରିଥିଲେ। ୨୦୦୭ ରୁ ୨୦୧୩ ପର୍ଯ୍ୟନ୍ତ ସେ ଭବାନୀପାଟଣା ଆର ଆଣ୍ଡ ବି ସେକ୍ସନ ଦୁଇରେ କାର୍ଯ୍ୟ କରିଥିଲେ। ୨୦୧୩ରେ ସେ ସହାକରୀ ଯନ୍ତ୍ରୀ ଭାବେ ପଦୋନ୍ନତି ପାଇଥିଲେ ଓ ସେହି ଭବାନୀପାଟଣା ଆର ଆଣ୍ଡ ବି ସେକ୍ସନ ଦୁଇରେ ଅବସ୍ଥାପିତ ହୋଇଥିଲେ। ପରେ ସେ ସହକାରୀ ନିର୍ବାହୀ ଯନ୍ତ୍ରୀ (ଇରର) ଭାବେ ପଦୋନ୍ନତି ପାଇଥିଲେ ଓ ଧର୍ମଗଡ ଆର ଆଣ୍ଡ ବି ସବ୍-ଡିଭିଜନରେ ନିଯୁକ୍ତ ହୋଇଥିଲେ। ୨୦୧୬ରୁ ୨୦୨୪ ପର୍ଯ୍ୟନ୍ତ ସେ ଏହି ପଦରେ ରହି କାର୍ଯ୍ୟ କରିଥିଲେ। ୨୦୨୪ ମାର୍ଚ୍ଚରେ ସେ ନିର୍ବାହୀ ଯନ୍ତ୍ରୀ ଭାବେ ପଦୋନ୍ନତି ପାଇଥିଲେ ଓ ଧର୍ମଗଡ ଆର ଆଣ୍ଡ ବି ସବ୍-ଡିଭିଜନରେ କାର୍ଯ୍ୟ ଜାରି ରଖିଥିଲେ। ଏବେ ସେ ସେଠାରେ କାର୍ଯ୍ୟରତ ଥିବା ବେଳେ ୨୦୨୫ ଜାନୁଆରୀରୁ ଭବାନୀପାଟଣା ଆର ଆଣ୍ଡ ବି ଡିଭିଜନର ନିର୍ବାହୀ ଯନ୍ତ୍ରୀ ଭାବେ ଅତିରିକ୍ତ ଦାୟିତ୍ୱ ମଧ ତୁଲାଇ ଆସୁଛନ୍ତି।

### ଡାହୁକ



ଦେଇ ବହୁମତ ଯେଉଁ ସର୍କାରକୁ
କୁଣ୍ଡେଇକି ଆମେ ଧଇଲେ
ସଲେଇକି ପଟି ମାଇଲେ
ଏମିତିକା ଭେଟି ଥୋଇଲେ
ଅଖା ଧୋଉଥିବା ଗୁଣ ଗାଉଥିବା
ବଙ୍କା ହେବ ନେଇଁ କହିଲେ।
-ବିଧୁ

## ୧୮ ହଜାର ଟଙ୍କା ଲାଞ୍ଚ ନେଇ ଧରାପଡିଲେ

କରଞ୍ଜିଆ, ୧୯।୫: ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ବ୍ଲକ ଅନ୍ତର୍ଗତ ମିର୍ଗିନେଣ୍ଡି ଗ୍ରାମ ପଞ୍ଚାୟତର ପଞ୍ଚାୟତ ନିର୍ବାହୀ ଅଧିକାରୀ ପର୍ଶୁରାମ ନାଏକଙ୍କୁ ମଙ୍ଗଳବାର ଗିରଫ କରିଛି ଭିଜିଲାନ୍ସ। ସେ ସେହି ପଞ୍ଚାୟତର ଜଣେ କର୍ମଚାରୀ (ପାଣି ପମ୍ପ ଡ୍ରାଇଭର)ଙ୍କ ବକେୟା ଦରମା ଓ ପରବର୍ତ୍ତୀ ସମୟରେ ନିୟମିତ ଦରମା ପ୍ରଦାନ ପ୍ରକ୍ରିୟାକୁ ଆଗକୁ ବଢ଼ାଇବା ପାଇଁ ୧୮,୦୦୦ ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡିଛନ୍ତି। ଉକ୍ତ କର୍ମଚାରୀଙ୍କୁ ଦରମା ପ୍ରଦାନ କରିବା ପାଇଁ ବିଡିଓ ନିର୍ଦ୍ଦେଶ ଦେଇଥିଲେ ମଧ ୨୬.୦୩.୨୦୨୩ ରୁ ୦୩.୦୪.୨୦୨୫ ପର୍ଯ୍ୟନ୍ତ ସେ ତାଙ୍କର ପ୍ରାପ୍ୟ ପାଇନଥିଲେ। ବକେୟା ଦରମା ପାଇବା ପାଇଁ ସେ ପିଇଓ ଶ୍ରୀ ନାଏକଙ୍କୁ ବାରମ୍ବାର ଅନୁରୋଧ କରିଥିଲେ। ମାତ୍ର ଶ୍ରୀ ନାଏକ ତାଙ୍କୁ ୧୮,୦୦୦ ଟଙ୍କା ଲାଞ୍ଚ ମାଗିଥିଲେ। କର୍ମଚାରୀ ଜଣଙ୍କ ଏତେ ଟଙ୍କା ଦେଇପାରିବେ ନାହିଁ ବୋଲି କହିଥିଲେ। କିନ୍ତୁ ପିଇଓ ଧମକ ଦେଇଥିଲେ ଯେ ୧୮ ହଜାର ଟଙ୍କା ନଦେଲେ ସେ ଆଗି ତାଙ୍କ କାମ କରିବେ ନାହିଁ। ଅନ୍ୟ କୌଣସି ଉପାୟ ନପାଇ ଶେଷରେ ଉକ୍ତ କର୍ମଚାରୀ ଜଣଙ୍କ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ।ଯୋଜନା ପ୍ରକାରେ ଉକ୍ତ କର୍ମଚାରୀ ଜଣଙ୍କ ଆଜି ପିଇଓ ଶ୍ରୀ ନାଏକଙ୍କୁ ୧୮,୦୦୦ ଟଙ୍କା ଲାଞ୍ଚ ଦେଇଥିଲେ। ସେ ଲାଞ୍ଚ ଅର୍ଥ ଗ୍ରହଣ କରୁଥିବେ ବେଳେ ଭିଜିଲାନ୍ସ ଟିମ୍ ଚଢ଼ାଉ କରି ତାଙ୍କୁ ଧରିଥିଲେ। ତାଙ୍କଠାରୁ ସମସ୍ତ ଲାଞ୍ଚ ଅର୍ଥ ଜବତ କରିଛି ଭିଜିଲାନ୍ସ।



# ୮୦ ତମ ସ୍ୱାଧୀନତା ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ

ଅସ୍ତରଙ୍ଗ,୧୯।୫:(ମନ୍ଥନ) ଆଗାମୀ ୮୦ ତମ ସ୍ୱାଧୀନତା ଦିବସ ପାଳନ ପାଇଁ ଅସ୍ତରଙ୍ଗ ପ୍ରେସ୍ କ୍ଲବର ଏକ ପ୍ରସ୍ତୁତି ବୈଠକ ଅସ୍ତରଙ୍ଗ ବଜାର ସ୍ଥିତ ବାବା ଗଣପତି ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ଏହି ଦିବସକୁ ସୁନ୍ଦର ଓ ନିଷ୍ଠାପର ଭାବେ ପାଳନ କରିବା ପାଇଁ ପ୍ରେସ୍ କ୍ଲବ୍ ସଭାପତି ଶରତ ପରିଡାଙ୍କ ସଭାପତିତ୍ୱରେ ଉକ୍ତ ବୈଠକରେ ଆଲୋଚନା ହୋଇଥିଲା। ଓଡ଼ିଶା କର୍ମଜୀବୀ ସାମ୍ବାଦିକ ସଂଘ ପୁରୀ ଜିଲ୍ଲା ଶାଖା ଓ ଅସ୍ତରଙ୍ଗ ପ୍ରେସ୍ କ୍ଲବର ମିଳିତ ଆନୁକୂଲ୍ୟରେ ପ୍ରତିଭା ସମ୍ମାନ ପ୍ରଦାନ କରାଯିବା ଉପରେ ଉକ୍ତ ବୈଠକରେ ନିଷ୍ପତ୍ତି ହୋଇଥିଲା । ଏହି ସମ୍ମାନ ଅସ୍ତରଙ୍ଗ ଓ କାକଟପୁରର ଚଳିତ ବର୍ଷ ଦଶମ, ଦ୍ୱାଦଶ ଓ ସ୍ନାତକରେ ଉତ୍ତୀର୍ଣ୍ଣ କୃତୀ ଛାତ୍ରଛାତ୍ରୀ, ଡାକ୍ତର, ଇଞ୍ଜିନିୟର,



ସମାଜସେବୀ, ଆଦର୍ଶ ଶିକ୍ଷକ, ପୂର୍ବତନ ଶିକ୍ଷକ, ଜିଲ୍ଲା ସ୍ତରୀୟ ପ୍ରଶାସନିକ ଅଧିକାରୀ ଓ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯିବ। ସ୍ୱାଧୀନତା ଦିବସ କାର୍ଯ୍ୟକ୍ରମରେ ରାଜ୍ୟ ଓ ଜିଲ୍ଲା ସ୍ତରର ବିଶିଷ୍ଟ ବ୍ୟକ୍ତି ଯୋଗଦେବେ ବୋଲି ପ୍ରେସ୍ କ୍ଲବ୍ ସଭାପତି ଶ୍ରୀଯୁକ୍ତ ପରିଡା ସୂଚନା ଦେଇଛନ୍ତି। ଉକ୍ତ ବୈଠକରେ ପ୍ରେସ୍ କ୍ଲବ୍ ସମ୍ପାଦକ ବୃନ୍ଦାବନ ବିଶ୍ୱାଳ, କୋଷାଧ୍ୟକ୍ଷ ପ୍ରିୟବ୍ରତ ମୁଦୁଲି,ସାମାଜିକ ଗଣମାଧ୍ୟମ ସମ୍ପାଦକ ଆଲେଖ ବିଶ୍ୱାଳ, ପ୍ରଶାନ୍ତ କୁମାର ଜେନା, ତ୍ରିଲୋଚନ ବେହେରା, ପ୍ରମୋଦ କୁମାର ଦାଶ ଓ ବିନୋଦ ସେଠୀ ପ୍ରମୁଖ ଯୋଗଦେଇଥିଲେ ।

# ଜିଲ୍ଲାସ୍ତରୀୟ ଆର୍ଟ ଅଫ ଗିଭିଂ ଦିବସ ପାଳିତ

ଯାଜପୁର୧୯।୫:(ମନ୍ଥନ)ରାଜ୍ୟରେ ବଢୁଥିବା ନାରୀ ନିର୍ଯାତନା ଓ ମହିଳା ସୁରକ୍ଷା ପ୍ରସଙ୍ଗକୁ ନେଇ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଛି ବିଜୁ ଜନତା ଦଳ। ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକରେ ଆୟୋଜିତ ନାରୀ ଅଧିକାର ଅଭିଯାନରେ ସାମିଲ ହୋଇଥିଲେ ବବି, ପ୍ରମିଳା, ସୁଜାତା ଓ ଶର୍ମିଷ୍ଠାଙ୍କ ପରି ବିଜେଡିର ଛାମୁଆଁ ନେତା ଓ ମହିଳା ନେତୃବୃନ୍ଦ। ଡବଲ ଇଞ୍ଜିନ ସରକାରଙ୍କ ବିରୋଧରେ ଜୋରଦାର ବର୍ଷି ଥିଲେ ଏହି ନେତୃତ୍ୱ ମାନେ। ଏହି ଅବସରରେ ହଜାର ହଜାର ମହିଳାଙ୍କ ସହ ପ୍ରତିବାଦ ଶୋଭାଯାତ୍ରା କରାଯାଇ ସରକାର ବିରୋଧରେ ସ୍ଲୋଗାନ ଦିଆଯାଇଥିଲା। ଯାଜପୁର ଜିଲ୍ଲା ଦଶରଥପୁରରେ ବିଜେଡି ପକ୍ଷରୁ ଆୟୋଜିତ ନାରୀ ଅଧିକାର ଅଭିଯାନରେ ଦଳର ବହୁ ବରିଷ୍ଠ ନେତା ଓ ମହିଳା କର୍ମୀ ସାମିଲ ହୋଇଥିଲେ। ଜିଲ୍ଲା ସଭାପତି ସରୋଜ ମହାପାତ୍ରଙ୍କ ନେତୃତ୍ୱରେ ଓ ଦଶରଥପୁର ମହିଳା ସଭାନେତ୍ରୀ ରଞ୍ଜିତା ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା ଏକ ବିଶାଳ ପ୍ରତିବାଦ ସଭା। ଯେଉଁଥିରେ ରାଜ୍ୟ ବିଜେଡି ଉପସଭାପତି ପ୍ରଣବ ପ୍ରକାଶ ଦାସ, ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ପୂର୍ବତନ ସାଂସଦ ଶର୍ମିଷ୍ଠା ସେଠି ଓ ଯାଜପୁର ବିଧାୟିକା ସୁଜାତା ସାହୁ ପ୍ରମୁଖ ସାମିଲ ହୋଇଥିଲେ। ସଭାରେ ଉପସ୍ଥିତ ନେତୃବୃନ୍ଦ ଅଭିଯୋଗ କରିଥିଲେ ଯେ, ରାଜ୍ୟରେ ମହିଳାମାନେ ଏବେ ନିଜକୁ ସୁରକ୍ଷିତ ମନେ କରୁନାହାନ୍ତି। ପ୍ରତିଦିନ ନାରୀ ନିର୍ଯାତନା, ହତ୍ୟା ଓ ଧର୍ଷଣ ଘଟଣା ବଢୁଥିବା ବେଳେ ସରକାର କେବଳ ରାଜନୀତି କରୁଛନ୍ତି। ମହିଳାଙ୍କ ନାଁରେ ଡବଲ ଇଞ୍ଜିନ ସରକାର ଡବଲ ଧୋକା ଦେଉଥିବା ଅଭିଯୋଗ କରିଥିଲା ବିଜେଡି। ସେହିପରି ମହିଳା ଆରକ୍ଷଣ ବିଲ୍ ?କୁ ନେଇ ମଧ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରାଯାଇଥିଲା । ନାରୀ ସଶକ୍ତିକରଣ କ୍ଷେତ୍ରରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ଓ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅବଦାନ ସର୍ବାଗ୍ରେ ରହିଥିବା ନେତାମାନେ କହିଥିଲେ । ଦୁଇବର୍ଷର ସରକାର ଆଇନଶୃଙ୍ଖଳା ପରିସ୍ଥିତି ସମ୍ଭାଳିବାକୁ ଅକ୍ଷମ। ଆସନ ସଂରକ୍ଷଣ ଠାରୁ ଆରମ୍ଭ କରି ପ୍ରତିଟି କ୍ଷେତ୍ରରେ ମହିଳା ମାନେ ନିଜକୁ ସୁରକ୍ଷିତ ମଣୁନାହାନ୍ତି । ପ୍ରକାରାନ୍ତରେ ଏଥିପାଇଁ ରାଜ୍ୟ ସରକାରଙ୍କୁ ଦାୟୀ କରିଛନ୍ତି ଉଭୟ ପ୍ରମିଳା ଓ ବବି। ସେମାନେ ନିଜ ଭାଷଣରେ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରି କଡା ସମାଲୋଚନା କରିଛନ୍ତି । ତେବେ ଏହି ବାର୍ତାକୁ ଘରେ ଘରେ ପହଂଚାଇବା ସହ ମହିଳାଙ୍କ ସୁରକ୍ଷା ଓ ଅଧିକାର ପାଇଁ ବିଜେଡି ପକ୍ଷରୁ ଏଭଳି ଅଭିଯାନ ଜାରି ରହିବ ବୋଲି କୁହାଯାଇଥିଲା । ପରେ ସଭାସ୍ଥଳରୁ ସହସ୍ରାଧିକ ମହିଳା ଏକ ବିଶାଳ ପ୍ରତିବାଦ ଶୋଭାଯାତ୍ରାରେ ବାହାରି ଡବଲ ଇଞ୍ଜିନ ସରକାର ବିରୋଧରେ ସ୍ଲୋଗାନ ଦେଇ ଦଶରଥପୁର ବ୍ଲକ କାର୍ଯ୍ୟାଳୟରେ ପହଂଚିଥିଲେ । ସେଠାରେ ମହାମହିମ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ବ୍ଲକ ଉନ୍ନୟନ ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା । ଯାହା ଜଣାଯାଏ ଆଗକୁ ବିଜେଡି ମହିଳା କାର୍ଡରେ କରିବ ରାଜନୀତି। ପଂଚାୟତ ନିର୍ବାଚନ ଆସିବା ଆଗରୁ ବିଜେଡି ନେତା ମାନେ ଏବେ ଠୁଁ ମହିଳାକୁ ଇସ୍ୟୁ କରି ସରକାରଙ୍କୁ ଘେରିବା ଆରମ୍ଭ କରିଦେଲେଣି। ତେବେ ଆଗକୁ କେଉଁ ପାଣି କୁଆଡେ ଯାଉଛି ତାହା ସମୟ କହିବ ।

## ନଦୀରୁ ଯୁବକର ମୃତ ଦେହ ଉଦ୍ଧାର

ବଲଙ୍ଗା, ୧୯।୫:(ମନ୍ଥନ)ମଙ୍ଗଳ ବାର ଅପରାହ୍ନରେ ବଲଙ୍ଗା ସ୍ଥିତ ଭାର୍ଗବୀ ସେତୁ ନିକଟରୁ ନଦୀରେ ଭାସୁଥିବା ଜଣେ ଯୁବକର ମୃତ ଦେହକୁ ପୋଲିସ ଅଗ୍ନିଶମ ବାହିନୀ ସହାୟତାରେ ଉଦ୍ଧାର କରିଛି । ମୃତ ଯୁବକ ବଲଙ୍ଗା ଥାନା ଅନ୍ତର୍ଗତ ଗୋରପଡା ଗ୍ରାମର ଲୋକନାଥ ବେହେରା ହୋଇଥିଲା ବେଳେ ତାଙ୍କର ସାମାନ୍ୟ ମାନସିକ ବିକୃତ ରହିଥିବା ଲୋକେ କହୁଛନ୍ତି । ସୂଚନା ମୁତାବକ ଲୋକନାଥ ଅନେକ ସମୟରେ ବାହାରେ ବୁଲାବୁଲି କରି ଥାଆନ୍ତି । ମଙ୍ଗଳବାର ଅପରାହ୍ନରେ ଜଣେ ଯୁବକର ମୃତ ଦେହ ଭାର୍ଗବୀ ନଦୀରେ ମୁହଁତଳକୁକରିଭାସୁଥିବା ଅବସ୍ଥାରେ ସ୍ଥାନୀୟ ଲୋକେ ଦେଖିଥିଲେୟ ପରେ ଖବର ପ୍ରଚାରିତ ହେବା ପରେ ଘଟଣା ସ୍ଥଳରେ ବଲଙ୍ଗା ପୋଲିସ ପହଁଚିଥିଲା । ମୃତ ଦେହ ଭାସୁଥିବା ସ୍ଥାନଟି ଖାଲୁଆ। ହୋଇଥିବାରୁ ପୋଲିସ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲା । ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଁଚି ନଦୀ ରୁ ଯୁବକର ମୃତ ଦେହକୁ ଉଦ୍ଧାର କରାଯିବା ପରେ ତାର ପରିଚୟ ଜଣାପଡ଼ିଥିଲା ।

# ପରମହଂସନାଥ ମନ୍ଦିରରେ ଆରମ୍ଭ ହେଲା ପୁନରୁଦ୍ଧାର କାର୍ଯ୍ୟ

ଫୁଲନଖରା,୧୯।୫:(ମନ୍ଥନ)କଟକ ସଦର ବ୍ଲକ ଅନ୍ତର୍ଗତ ପ୍ରସିଦ୍ଧ ଶୈବପୀଠ ଶ୍ରୀଶ୍ରୀ ପରମହଂସନାଥ ଦେବଙ୍କ ମୁଖ୍ୟ ମନ୍ଦିର ଏବଂ ଦଧିନଉତିର ମରାମତି କାର୍ଯ୍ୟ ଶେଷରେ ଆରମ୍ଭ ହୋଇଛି । ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗର ପର୍ଯ୍ୟବେକ୍ଷଣରେ ଏହି ପ୍ରାଚୀନ ଐତିହ୍ୟବାହୀ ମନ୍ଦିରର ସଂରକ୍ଷଣ ଓ ପୁନରୁଦ୍ଧାର କାମ କରାଯାଉଛି । ମରାମତି କାର୍ଯ୍ୟକୁ ସୁଚାରୁ ଭାବେ ସମ୍ପାଦନ ପାଇଁ ମନ୍ଦିର ଚାରିପାଖରେ ଉଚ୍ଚ ବାଉଁଶର ଶିଡ଼ି ଓ ସୁରକ୍ଷା ବ୍ୟବସ୍ଥା ବନ୍ଧାଯାଇଛି। ବିଭାଗୀୟ ସୂଚନାନୁସାରେ, ବର୍ଷା ଋତୁ ପୂର୍ବରୁ ଯୁଦ୍ଧକାଳୀନ ଭିତ୍ତିରେ ଏହି କାର୍ଯ୍ୟ ସମାପ୍ତ କରିବାକୁ ଲକ୍ଷ୍ୟ ଧରାଯାଇଛି । ଉଲ୍ଲେଖଯୋଗ୍ୟ ଯେ, ଗତ ଏପ୍ରିଲ ୧ ତାରିଖ ରାତିରେ କାଳବୈଶାଖୀ ବାତ୍ୟା ସହ ପ୍ରବଳ ବଜ୍ରପାତ ଘଟିଥିଲା। ଏହାର ପ୍ରଭାବରେ ପରମହଂସନାଥ ମନ୍ଦିର ଓ ଦଧିନଉତିର କିଛି ଅଂଶରେ ଗଭୀର କ୍ଷତି ସୃଷ୍ଟି ହୋଇଥିଲା । ବଜ୍ରପାତର ତୀବ୍ରତାରେ ମନ୍ଦିରର କେତେକ ପଥର ଖଣ୍ଡ ବି ଖସିପଡ଼ିଥିବା ଜଣାପଡ଼ିଥିଲା। ପରବର୍ତ୍ତୀ



ସମୟରେ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗର ଅଧିକାରୀମାନେ ଘଟଣାସ୍ଥଳ ପରିଦର୍ଶନ କରି ତଦନ୍ତ କରିଥିଲେ । ତଦନ୍ତ ସମୟରେ ମନ୍ଦିରରେ ଯଥାଯଥ ଅର୍ଥିଂ ବ୍ୟବସ୍ଥା ନଥିବା ଚିହ୍ନଟ ହୋଇଥିଲା । ଫଳରେ ବଜ୍ରପାତ ସମୟରେ ବିଦ୍ୟୁତ ପ୍ରବାହ ସିଧାସଳଖ ଭାବେ ମନ୍ଦିର ଗଠନକୁ ପ୍ରଭାବିତ କରି କ୍ଷତି ସୃଷ୍ଟି କରୁଥିବା ସନ୍ଦେହ କରାଯାଇଛି। ଏହାକୁ ଦୃଷ୍ଟିରେ ରଖି ପ୍ରଥମ ପର୍ଯ୍ୟାୟରେ ମନ୍ଦିରରେ ଆଧୁନିକ ଅର୍ଥ ବ୍ୟବସ୍ଥା ସ୍ଥାପନ କରାଯିବ । ଏହା ପରେ କ୍ଷତିଗ୍ରସ୍ତ ପଥର ଅଂଶଗୁଡ଼ିକର ସଂରକ୍ଷଣ ଓ ମରାମତି କାମ କରାଯିବ ବୋଲି ବିଭାଗୀୟ ସୂତ୍ରରୁ ଜଣାପଡ଼ିଛି । ସ୍ଥାନୀୟ ଭକ୍ତ ଓ ଅଞ୍ଚଳବାସୀମାନେ ଏହି ପ୍ରାଚୀନ ଶୈବପୀଠର ମରାମତି କାର୍ଯ୍ୟ ଆରମ୍ଭ ହେବାକୁ ସ୍ୱାଗତ କରିଛନ୍ତି। ସେମାନଙ୍କ ଆଶା, ମନ୍ଦିରର ଐତିହ୍ୟ ଓ ଆଧ୍ୟାତ୍ମିକ ଗୌରବ ଅକ୍ଷୁଣ୍ଣ ରଖି ସୁଦୃଢ଼ ଭାବେ ପୁନରୁଦ୍ଧାର କାର୍ଯ୍ୟ ସମାପ୍ତ ହେବ ।

# ଲୁହାକଳା ଗ୍ରାମରେ ଦ୍ୱିତୀୟ ବାର୍ଷିକ ଅଖଣ୍ଡ ନାମଯଜ୍ଞ

କେନ୍ଦୁଝର,୧୯।୫:(ମନ୍ଥନ)ବାଂଶପାଳ ବ୍ଲକ୍ ଓଡ଼ିଶାର ଉଚ୍ଚତମ ଖଣ୍ଡାଧାର ଜଳପ୍ରପାତ ନିକଟରେ ଲୁହାକଳା ଗ୍ରାମଟି ଅବସ୍ଥିତ, ଅଞ୍ଚଳ ବାସୀଙ୍କ ଶାନ୍ତି ନିମନ୍ତେ ଦ୍ୱିତୀୟ ବର୍ଷ ଚବିଶ ପ୍ରହାର ଅଖଣ୍ଡ ନାମଯଜ୍ଞ ରେ ପାଞ୍ଚ ଗୋଟି କୀର୍ତ୍ତନ ସମାଜ ହରିନାମ ଗାୟନ କରିଥିଲେ । ତଥା କାଦକଳା,ତିରିବ,ଓଡାଳ,ଭେଜିଡ଼ିହି ଏବଂ ଲୁହାକଳା ଗ୍ରାମର କୀର୍ତ୍ତନ ସମାଜ ଅତି । ସୁନ୍ଦର ଭାବେ ପରିବେଷଣ ଏଥିରେ ଝିଅ ମାନେ ମଧ ଭାଗ ନେଇ



ଥିଲେ ଫଳରେ ଆଧିକ ଭକ୍ତ ଙ୍କୁ ମନମୁଗ୍ଧ କରିଥିଲା, ଅନୁଷ୍ଠାନର ସଭାପତି ଦେଶ ପ୍ରଧାନ,ସମ୍ପାଦକ ଇନ୍ଦୁ କୁମାର ପ୍ରଧାନ,ଶ୍ରୀକାନ୍ତ ଦେହୁରୀ,ବନ ନାଏକ, ଟଙ୍କଧର ପ୍ରଧାନ,ପୁଡ଼ା ଗିରି ଓ ଗ୍ରାମବାସୀଙ୍କ ସହଯୋଗ ଓ ତତ୍ତ୍ୱାବଧାନ ରେ ଦ୍ୱିତୀୟ ବର୍ଷ ହରିନାମ ମହାମନ୍ତ୍ର ବହୁ ଆଡମ୍ବର ସହକାରେ ଅନୁଷ୍ଠିତ ହୋଇଯାଇଛି ।

# ଗୁଳୁଗୁଳି ଓ ତାତିରୁ ମିଳୁନି ତ୍ରାହି, ଜନ ଜୀବନ ଅସ୍ତବ୍ୟସ୍ତ

ବୁଗୁଡା,୧୯।୫:(ମନ୍ଥନ) ଏଇ କିଛି ଦିନ ହେବ ତାପମାତ୍ରା ବୃଦ୍ଧି ପାଇଥିବା ବେଳେ ଗତ ତିନ ହେଲା ତାପମାତ୍ରା ୪୦ ଡିଗ୍ରୀରୁ କମୁନଥିବାରୁ ବୁଗୁଡା ଅଞ୍ଚଳରେ ଜନ ଜୀବନ ଅସ୍ତବ୍ୟସ୍ତ ହୋଇପଡିଛି । ସକାଳ ୮ଟାରୁ ଗରମ ଅନୁଭବର ଆରମ୍ଭ ହୋଇ ମଧ୍ୟାହ୍ନ ଓ ଅପରାହ୍ନ ବେଳକୁ ଅସହ୍ୟ ହୋଇପଡୁଛି । ପ୍ରବଳ ତାତି ଯୋଗୁଁ ଅଂଶୁଘାତର ଭୟ ଘାରୁଛି । ରାସ୍ତାଘାଟ ଶୂନଶାନ ହୋଇପଡୁଛି । କୌଣସି ଜରୁରୀ କାମରେ ଯେ କେହି ଘରୁ ବାହାରିଲେ ବାଧ ହୋଇ ପାଣି ବୋତଲ ସହ ମୁଣ୍ଡରେ ଗାମୁଛା ବାନ୍ଧି କିମ୍ବା ଛତା ଧରିବାକୁ ପଡୁଛି ୟ ଗରମରୁ ତ୍ରାହି ପାଇବା ପାଇଁ ଲୋକେ ଟିକେ ବର୍ଷାକୁ ଚାତକ ଭଳି ଚାହିଁ ବସିଥିଲେ ହେଁ ତାହାର ଦେଖା ମିଳୁନି । ବେଳେ ବେଳେ ପାଗ ମେଘୁଆ ରହିଲେ ମଧ ଅସହ୍ୟ ଗୁଳୁଗୁଳି ଅନୁଭୂତ ସାଙ୍ଗକୁ ଶରୀର ଝାଳେଇ ଯାଉଛି । ଅନ୍ୟପକ୍ଷରେ ବାହାର ଗରମରୁ ରକ୍ଷା ପାଇବା ପାଇଁ ଘରେ ରହିଲେ ମଧ ଘନ ଘନ ବିଦ୍ୟୁତ କାଟ ଯୋଗୁଁ କଲବଲ ହେବାକୁ ପଡୁଛି । ତେବେ ତାତିରୁ ତ୍ରାହି ମିଳୁ ନଥିବାରୁ ଜନ ଜୀବନ ଅସ୍ତବ୍ୟସ୍ତ ହୋଇପଡିଛି ।

# ସ୍ୱତନ୍ତ୍ର ସଘନ ସଂଶୋଧନ ନେଇ ସର୍ବଦଳୀୟ ବୈଠକ ଅନୁଷ୍ଠିତ

କେନ୍ଦୁଝର, ୧୯।୫:(ମନ୍ଥନ)ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ କେନ୍ଦୁଝରଠାରେ ସ୍ୱତନ୍ତ୍ର ସଘନ ସଂଶୋଧନ ବା ସ୍ପେଶାଲ ଇଣ୍ଟେନସିଭ୍ ରିଭିଜନ (ଏସ ଆଇ ଆର) ସମ୍ବନ୍ଧୀୟ ବୈଠକ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଶ୍ରୀ ଶାଲ ସିଂହଙ୍କ ଅଧ୍ୟକ୍ଷତାରେ ମିନି କନଫରେନ୍ସ ହଲଠାରେ ଅନୁଷ୍ଠିତ ହୋଇଯାଇଛି । ବିଭିନ୍ନ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ପ୍ରତିନିଧିଙ୍କ ଉପସ୍ଥିତିରେ ଆୟୋଜିତ ବୈଠକରେ ଜିଲ୍ଲାରେ ଏସ.ଆଇ.ଆର ପ୍ରକ୍ରିୟାକୁ ସୁଚାରୁରୂପେ ପରିଚାଳନା କରିବା ଏବଂ ଭୋଟର ତାଲିକାକୁ ଅଧିକ ସ୍ୱଚ୍ଛ ତଥା ତ୍ରୁଟିଶୂନ୍ୟ କରିବା ନେଇ ଆଲୋଚନା କରାଯାଇଥିଲା । ବୈଠକରେ ଜିଲ୍ଲାପାଳ ଏସ.ଆଇ.ଆର. ପ୍ରକ୍ରିୟାର ବିଭିନ୍ନ ବୈଷୟିକ ଓ ପ୍ରଶାସନିକ ଦିଗ ଉପରେ ଆଲୋକପାତ କରିଥିଲେ । ଏକ ଗଣତାନ୍ତ୍ରିକ ପ୍ରକ୍ରିୟାରେ ଯୋଗ୍ୟ ଭୋଟରଙ୍କ ନାମ ସାମିଲ କରିବା ଏବଂ ସାମଗ୍ରିକ ଭୋଟର ତାଲିକାର ଶୁଦ୍ଧତା ବଜାୟ ରଖିବାରେ ରାଜନୈତିକ ଦଳଗୁଡ଼ିକର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମତପ୍ରକାଶ କରିଥିଲେ । ଏଥିସହିତ ପ୍ରତିଟି ମତଦାତା କେନ୍ଦ୍ର ଗୁଡିକରେ ବୁଥ୍ ସ୍ତରୀୟ ଏଜେଣ୍ଟ (ବିଏଲଏ) ନିଯୁକ୍ତି କରି ପ୍ରକ୍ରିୟାକୁ ଅଧିକ କ୍ରିୟାଶୀଳ କରିବାକୁ ସେ ଦଳଗୁଡ଼ିକର ପ୍ରତିନିଧି ମାନଙ୍କୁ ନିବେଦନ କରିଥିଲେ । ଆଲୋଚନା ସମୟରେ ଉପସ୍ଥିତ ରାଜନୈତିକ ଦଳର ପ୍ରତିନିଧିମାନେ ଏସ.ଆଇ.ଆର. କାର୍ଯ୍ୟକ୍ରମକୁ ନେଇ ନିଜ ନିଜର ମତାମତ ଓ ପ୍ରସ୍ତାବ ଉପସ୍ଥାପନ କରିଥିଲେ । ନୂତନ ଭୋଟରଙ୍କ ପଞ୍ଜୀକରଣ, ପ୍ରବାସୀ ଭୋଟରଙ୍କ ସମସ୍ୟା ଏବଂ ତାଲିକାରୁ ମୃତ ଓ ସ୍ଥାନାନ୍ତରିତ ଭୋଟରଙ୍କ ନାମ ବାଦ୍ ଦେବା ଭଳି ପ୍ରସଙ୍ଗରେ ଦଳଗୁଡ଼ିକ ପକ୍ଷରୁ ଗଠନମୂଳକ ଆଲୋଚନା କରାଯାଇଥିଲା ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ମନ୍ଦରଧର ମହାଳିକ,ଉପଜିଲ୍ଲାପାଳ କେନ୍ଦୁଝର ଉମାଶଙ୍କର ଦଳାଇ,ଅତିରିକ୍ତ ଉପଜିଲ୍ଲାପାଳ ପୁନମ ବିନିତା ବାଗେ,ଡେପୁଟି କଲେକ୍ଟର( ନିର୍ବାଚନ) ଅରୁଣିମା ସାହୁ,ଦୀନେଶ ପୂର୍ତ୍ତି, ମିତାଲି ମଧୁସ୍ମିତା,ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାୟ, ସହକାରୀ ଜିଲ୍ଲାପାଳ ସନ୍ତୋଷ କୁମାର ପରିଡ଼ା, ଭାରତୀୟ ଜନତା ପାର୍ଟିର ପ୍ରକାଶ ସୂତ୍ରଧର,ବିଜୁ ଜନତା ଦଳର ପ୍ରମୋଦ ପଟ୍ଟନାୟକ,ଭାରତୀୟ ଜାତୀୟ କଂଗ୍ରେସର ସୁଢଳ କୁମାର ସେଠୀ,ଆମ ଆଦମୀ ପାର୍ଟିର ଭବାନୀଶଙ୍କର ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ ।

# ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମ ସମ୍ପର୍କରେ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ସହ ବୈଠକ

ଜଗତସିଂହପୁର,୧୯।୫:(ମନ୍ଥନ)ଆଜି ଜଗତସିଂହପୁର ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟସ୍ଥିତ ସଦଭାବନା ସଭାଗୃହ ରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ, ଜଗତସିଂହପୁର ଶ୍ରୀ ଜେ. ସୋନାଲ ଙ୍କ ଅଧକ୍ଷତାରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ Special Intensive Revision (SIR) କାର୍ଯ୍ୟକ୍ରମ ସମ୍ପର୍କରେ ସ୍ୱୀକୃତିପ୍ରାପ୍ତ ଜାତୀୟ ଓ ରାଜ୍ୟସ୍ତରୀୟ ରାଜନୈତିକ ଦଳ ର ପ୍ରତିନିଧିମାନଙ୍କ ସହ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଉକ୍ତ ବୈଠକରେ ଜିଲ୍ଲା ର ୪ ନିର୍ବାଚନ ମଣ୍ଡଳୀ ର ପଞ୍ଜିକରଣ ଅଧିକାରୀ- ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ସମ୍ବିତ କୁମାର ରାଉତ(ବାଲିକୁଦା ଏରସମା), ଅତିରିକ୍ତ ଜିଲ୍ଲାପାଳ, ପାରାଦୀପ ଶ୍ରୀ ନିରଞ୍ଜନ ବେହେରା(ପାରାଦ୍ୱୀପ), ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀ ଜ୍ୟୋତି ଶଙ୍କର ରାୟ(ତିର୍ତ୍ତୋଲ), ଉପ-ଜିଲ୍ଲାପାଳ ଶ୍ରୀ ପ୍ରଶାନ୍ତ କୁମାର ତରାଇ(ଜଗତସିଂହପୁର), ଡେପୁଟି କଲେକ୍ଟର ନିର୍ବାଚନ ଶ୍ରୀ ପ୍ରଶାନ୍ତ କୁମାର ସେଠୀ, ଶ୍ରୀମତୀ କୁଞ୍ଜିତା ସାମଲ ଏବଂ ଜିଲ୍ଲା ସୂଚନାଏବଂ ଲୋକସମ୍ପର୍କ ଅଧିକାରୀ ଶ୍ରୀମତୀ ପ୍ରତିଚୀ ତନୟା ମହାନ୍ତି ଏବଂ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ଉପସ୍ଥିତ ଥିଲେ । ବୈଠକର ପ୍ରାରମ୍ଭରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀ ଜ୍ୟୋତି ଶଙ୍କର ରାୟ ଦୀର୍ଘ ୨୪ ବର୍ଷ ପରେ ରାଜ୍ୟ ରେ ହେବାକୁ ଯାଉଥିବା ସ୍ୱତନ୍ତ୍ର ସଘନ ସଂଶୋଧନ ସମ୍ପର୍କିତ



ପ୍ରକ୍ରିୟା, ବିଭିନ୍ନ ଫର୍ମ ଏବଂ ସଂଶୋଧନ କାର୍ଯ୍ୟକ୍ରମର ବିଭିନ୍ନ ପର୍ଯ୍ୟାୟ ସମ୍ପର୍କରେ ସଂକ୍ଷିପ୍ତ ଆଲୋଚନା କରିଥିଲେ । ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ,ଜଗତସିଂହପୁର ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା ପୂର୍ବ ପ୍ରସ୍ତୁତି ଅନ୍ତର୍ଗତ ୯୭.୨୫% ମ୍ୟାପିଂ କାର୍ଯ୍ୟ ସଫଳତାର ସହ ଶେଷ କରିଥିବାରୁ ସମସ୍ତ ନିର୍ବାଚନ ପଞ୍ଜୀକରଣ ଅଧିକାରୀମାନଙ୍କୁ ଅଭିନନ୍ଦନ ଜଣାଇଥିଲେ । ବୈଠକରେ ଗଣନା ଫର୍ମ ବଣ୍ଟନ ଓ ସଂଗ୍ରହ, ଦାବି ଓ ଆପତ୍ତି ଦାଖଲ ପ୍ରକ୍ରିୟା, ବୁଥ ସ୍ତରୀୟ ପ୍ରତିନିଧି ନିଯୁକ୍ତି ଏବଂ ନିର୍ବାଚନ ଅୟୋଗଙ୍କ ନିର୍ଦ୍ଧାରିତ ସମୟସୀମା ସମ୍ପର୍କରେ ରାଜନୈତିକ ଦଳମାନଙ୍କୁ ଅବଗତ କରାଯାଇଥିଲା । ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ସମ୍ବିତ କୁମାର ରାଉତ ସମସ୍ତ ରାଜନୈତିକ ଦଳକୁ ତୁରନ୍ତ ବୁଥ ସ୍ତରୀୟ ପ୍ରତିନିଧି ନିଯୁକ୍ତ କରିବା ପାଇଁ ଅନୁରୋଧ କରିଥିଲେ ।ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା ରେ ବୁଥ ସ୍ତରୀୟ ପ୍ରତିନିଧି ମାନେ ମଧ ରାଜନୈତିକ ଦଳମାନଙ୍କ ପ୍ରତିନିଧିଙ୍କ ଦ୍ୱାରା ଉଠାଯାଇଥିବା ପ୍ରଶ୍ନ ଓ ପରାମର୍ଶଗୁଡ଼ିକର ଉତ୍ତର ଅଧିକାରୀ ମାନଙ୍କଦ୍ୱାରା ପ୍ରଦାନ କରାଯାଇଥିଲା । ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମକୁ ସଫଳ ଓ ସୁଚାରୁ ଭାବେ ସମ୍ପାଦନ ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ ।

# ଜନଜାତି ଉନ୍ନତି ପାଇଁ ପ୍ରଶାସନ ପକ୍ଷରୁ ଜନ ଭାଗିଦାରୀ ଅଭିଯାନ ଆରମ୍ଭ

ଯାଜପୁର,୧୯।୫:(ମନ୍ଥନ) ଅନୁସୂଚିତ ଜନଜାତିଙ୍କ ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ସରକାରଙ୍କ ଏକ କଲ୍ୟାଣକାରୀ ନୂତନ କାର୍ଯ୍ୟକ୍ରମ 'ଜନ ଭାଗିଦାରୀ ଅଭିଯାନ' ଶୁଭାରମ୍ଭ ହୋଇଛି। ଏହି ଅଭିଯାନ ମଇ ୧୮ ରୁ ୨୫ ତାରିଖ ଯାଏଁ ଚାଲିବ। ଯାଜପୁର ଜିଲ୍ଲାରେ ମଧ ଏହି କାର୍ଯ୍ୟକ୍ରମରେ ଅନୁସୂଚିତ ଜନଜାତିଙ୍କ ନିମନ୍ତେ ଉଦ୍ଦିଷ୍ଟ ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନାର ପ୍ରଚାର ପ୍ରସାର ସହ ସଫଳ ରୂପାୟନ ପାଇଁ ବିଭିନ୍ନ ବିଭାଗ ଦ୍ୱାରା ହିତାଧିକାରୀ ସାଚୁରେଶନ କ୍ୟାମ୍ପ, ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇ ସିଧାସଳଖ ହିତାଧିକାରୀଙ୍କୁ ସମସ୍ତ ଯୋଜନାର ସୁଫଳ ଯୋଗାଇ ଦିଆଯିବ। ଏନେଇ ଅଭିଯାନ ସମ୍ପର୍କରେ ଜନସାଧାରଣଙ୍କ ଅବଗତି ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ଅଧକ୍ଷତାରେ ଏକ ସାମ୍ବାଦିକ ସମ୍ମିଳନୀର ଆୟୋଜନ କରାଯାଇଥିଲା। ଯାଜପୁର ଜିଲ୍ଲାର ୫ ଟି ଅନୁସୂଚିତ ଜନଜାତି ବହୁଳ ବ୍ଲକ ଯଥା ସୁକିନ୍ଦା, ଦାନଗଦୀ, କୋରେଇ, ଧର୍ମଶାଳା ଓ ବଡ଼ଚଣା ଅଂଚଳରେ ବସବାସ କରୁଥିବା ଆଦିବାସୀ ଗୋଷ୍ଠୀ ବିଶେଷ ଭାବେ ଉପକୃତ ହେବେ। ପ୍ରାୟ ୬୯ ଟି ଜନଜାତି ବହୁଳ ଗ୍ରାମରେ ଏହି ଅଭିଯାନ ବ୍ୟାପକ ଭାବେ ଅନୁଷ୍ଠିତ ହେବ। ବିଶେଷ କରି ପିଏମ୍ ଜନମନ୍ ଏବଂ ଧରତୀ ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନ ଯୋଜନାର ସଫଳ ରୂପାୟନ କରାଯିବ। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ, ଜିଲ୍ଲା ମଙ୍ଗଳ ଅଧିକାରୀ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ମାଙ୍ଗଳିକା ରାଉତରାୟ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ଏବଂ ବିଭିନ୍ନ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ।

# ବେଲଗଛିଆ ପଞ୍ଚାୟତରେ ପ୍ରଶାସନ ଶୁଣିଲା ଲୋକଙ୍କ ଅଭିଯୋଗ

ଫୁଲନଖରା,୧୯।୫:(ମନ୍ଥନ)ବାରଙ୍ଗ ବ୍ଲକ ଅନ୍ତର୍ଗତ ବେଲଗଛିଆ। ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଜନ ଅଭିଯୋଗ ଶୁଣାଣି ଶିବିର ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ଲୋକମାନଙ୍କ ସମସ୍ୟାକୁ ସ୍ଥାନୀୟ ସ୍ତରରେ ଶୁଣି ତ୍ୱରିତ ସମାଧାନ କରିବା ଉଦ୍ଦେଶ୍ୟରେ ଆୟୋଜିତ ଏହି ଶିବିରରେ ସାଧାରଣ ଲୋକଙ୍କର ସକ୍ରିୟ ସହଭାଗିତା ଦେଖିବାକୁ ମିଳିଥିଲା । ବାରଙ୍ଗ ବ୍ଲକର ସମସ୍ତ ୧୬ଟି ଗ୍ରାମ ପଞ୍ଚାୟତରେ ପ୍ରଥମ ପର୍ଯ୍ୟାୟର ଜନ ଶୁଣାଣି ସଫଳତାର ସହ ସମାପ୍ତ ହେବା ପରେ ବର୍ତ୍ତମାନ ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହୋଇଛି । ସେହି ପର୍ଯ୍ୟାୟରେ ବେଲଗଛିଆ। ପଞ୍ଚାୟତରେ ଆୟୋଜିତ ଏହି ଶିବିରରେ ସର୍ବମୋଟ ୧୬ଟି ବ୍ୟକ୍ତିଗତ ଓ ସାମୂହିକ ଅଭିଯୋଗ ଗ୍ରହଣ କରାଯାଇଥିଲା । ଅଭିଯୋଗଗୁଡ଼ିକ ମଧ୍ୟରୁ ୬ଟିର ତତ୍କାଳ ସମାଧାନ କରାଯାଇଥିବାବେଳେ ଅବଶିଷ୍ଟ ଅଭିଯୋଗଗୁଡ଼ିକୁ ଯଥାଶୀଘ୍ର ନିଷ୍ପତ୍ତି ପାଇଁ ସମ୍ପୃକ୍ତ ବିଭାଗଗୁଡ଼ିକୁ ପ୍ରେରଣ କରାଯାଇଥିଲା । ଏହା ଫଳରେ ଅଞ୍ଚଳବାସୀମାନେ ସରକାରୀ ପ୍ରଶାସନର ତ୍ୱରିତ ପ୍ରତିକ୍ରିୟା ଓ ସମସ୍ୟା ସମାଧାନ ପ୍ରତି ଆସ୍ଥା ପ୍ରକାଶ କରିଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ (ବିଡିଓ)ସ୍ୱାଗତ ଦାସ ଶିବିରରେ ଉପସ୍ଥିତ ରହି ସ୍ୱୟଂ ସମସ୍ତ ଅଭିଯୋଗର ଶୁଣାଣି କରିଥିଲେ । ସେ ଉପସ୍ଥିତ ଲୋକଙ୍କୁ ନିଶ୍ଚିତ କରାଇଥିଲେ ଯେ, ପ୍ରତ୍ୟେକ ଅଭିଯୋଗକୁ ଗୁରୁତ୍ୱ ସହ କ୍ଷୁଦ୍ରତମ ସମୟରେ



ସମାଧାନ କରାଯିବ। ଶିବିରରେ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ନିଜ ନିଜ ବିଭାଗ ସମ୍ବନ୍ଧୀୟ ଅଭିଯୋଗର ଶୁଣାଣି କରିଥିଲେ। ସେମାନଙ୍କ ମଧ୍ୟରେ ସିଡିପିଓ ସଂଯୁକ୍ତା ମହାରଣା, ସାମାଜିକ ସୁରକ୍ଷା ଅଧିକାରୀ ସ୍ମିତାରାଣୀ ସାହୁ, ଯୋଗାଣ ଅଧିକାରୀ ଜୟଶ୍ରୀ ହରିଚନ୍ଦନ, ସାମାଜିକ ସମ୍ପ୍ରସାରଣ ଅଧିକାରୀ ହରପ୍ରିୟା ସାମଲ, ଜଳ ଓ ପରିମଳ ବିଭାଗର ସହକାରୀ ଯନ୍ତ୍ରୀ ସଞ୍ଜା ସାଗରିକା ସ୍ୱାଇଁ, ପରିମଳ ସଂଯୋଜକ ମହେନ୍ଦ୍ର ବେହେରା, ବିପିଏ ନିର୍ମଳ ମହାନ୍ତି, ପିଇଓ ଭବାନୀ ଶଙ୍କର ସାହୁ, ରାଜଲକ୍ଷ୍ମୀ ଭୂୟାଁ, ପ୍ରୀତମ ପୃଷ୍ଟି, ଏଡିଇ ମୋନାଲିସା ଦାଶ, ମିତୁ ସ୍ମିତା ବେଉରା, ମିଶନ ଶକ୍ତି ବିପିଏମ୍ ସ୍ମୃତିରେଖା ମହାନ୍ତି , ବିପିଏମ୍ ଗଙ୍ଗୋତ୍ରୀ ପ୍ରିୟଦର୍ଶନୀ, ସୁଭଦ୍ରା ସଂଯୋଜିକା ମାମା ଭୂୟାଁ ଏବଂ ନରେଗା ଏସିପି ପବିତ୍ର ମୁଳିଆ। ପ୍ରମୁଖ ଉପସ୍ଥିତ ଥିଲେ । ଏହାସହ ବେଲଗଛିଆ। ଗ୍ରାମ ପଞ୍ଚାୟତର ସରପଞ୍ଚ ମାନିନୀ ସାହୁ, ସମିତି ସଭ୍ୟ ନାରାୟଣ ସେନାପତି ଏବଂ ବହୁ ସ୍ଥାନୀୟ ଜନପ୍ରତିନିଧି ଓ ଗ୍ରାମବାସୀ ଏହି ଶିବିରରେ ଯୋଗଦେଇଥିଲେୟ ଜନ ଅଭିଯୋଗ ଶୁଣାଣି ଶିବିର ମାଧ୍ୟମରେ ଲୋକମାନେ ନିଜ ସମସ୍ୟାକୁ ସିଧାସଳଖ ଭାବେ ପ୍ରଶାସନ ସମ୍ମୁଖରେ ଉଠାଇପାରୁଥିବାରୁ ଏପରି ପଦକ୍ଷେପକୁ ସାଧାରଣ ଲୋକ ସ୍ୱାଗତ କରିଛନ୍ତି। ଏହି ଶିବିର ଦ୍ୱାରା ପ୍ରଶାସନ ଓ ଜନସାଧାରଣଙ୍କ ମଧ୍ୟରେ ସମନ୍ୱୟ ଆହୁରି ସୁଦୃଢ଼ ହୋଇଥିବା ମତ ପ୍ରକାଶ ପାଇଛି ।

# ନୃତ୍ୟ, ସଙ୍ଗୀତ ଓ ସମ୍ମାନନାର ଭବ୍ୟ ଆସରରେ ମୁଗ୍ଧ ହେଲେ ଶତାଧିକ ଦର୍ଶକ

ଫୁଲନଖରା,୧୯।୫:(ମନ୍ଥନ)କଟକ ସଦର ୪୨ ମୌଜା ସାଂସ୍କୃତିକ ମହୋତ୍ସବର ଅନ୍ତିମ ଦିବସ ଅର୍ଥାତ ଉଦ୍ୟାପନୀ ସନ୍ଧ୍ୟା ରଙ୍ଗାରଙ୍ଗ ସାଂସ୍କୃତିକ ପରିବେଶରେ ଅତ୍ୟନ୍ତ ଆଡମ୍ବରପୂର୍ଣ୍ଣ ଭାବେ ଅନୁଷ୍ଠିତ ହୋଇଥିଲା। ପଣ୍ଡିତ ରବିନାରାୟଣ ନନ୍ଦ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ମାନିନୀ ସାଂସ୍କୃତିକ କଳା ପରିଷଦ ପକ୍ଷରୁ କୁଶଳୀ ନୃତ୍ୟଶିଳ୍ପୀମାନେ ଓଡ଼ିଶୀ, ସମ୍ବଲପୁରୀ ଓ ଦେଶାତ୍ମବୋଧକ ସଙ୍ଗୀତରେ ଆକର୍ଷଣୀୟ ନୃତ୍ୟ ପରିବେଷଣ କରିଥିଲେ । ପରିଷଦର ନିର୍ଦ୍ଦେଶିକା ସୁଶ୍ରୀ ଶୈବାଳିନୀ ତ୍ରିପାଠୀଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ ଏହି ନୃତ୍ୟାନୁଷ୍ଠାନ




ଦର୍ଶକମାନଙ୍କ ମନକୁ ମୋହିତ କରିଥିଲା। ସୁନାମଧନ୍ୟା ଘୋଷିକା ଓ ଶିକ୍ଷାବିତ୍ ସୌଦାମିନୀ ତ୍ରିପାଠୀ କାର୍ଯ୍ୟକ୍ରମକୁ ସୁଚାରୁ ଭାବେ ସଂଯୋଜନା କରିଥିଲେ। ନୃତ୍ୟଶିଳ୍ପୀମାନଙ୍କ ସୁନ୍ଦର ପରିବେଷଣରେ ଦର୍ଶକମାନେ ବାରମ୍ବାର କରତାଳି ଦେଇ ଉତ୍ସାହିତ କରିଥିଲେ। ଉଦ୍ୟାପନୀ ସନ୍ଧ୍ୟାରେ ପ୍ରସିଦ୍ଧ କୋରିଓଗ୍ରାଫର ଓ ଚଳଚ୍ଚିତ୍ର ନିର୍ଦ୍ଦେଶକ ବବି ଇସ୍ଲାମ ମୁଖ୍ୟ ଅତିଥି ଭାବେ ଯୋଗଦେଇ ୪୨ ମୌଜା ସାଂସ୍କୃତିକ ମହୋତ୍ସବର ମଞ୍ଚକୁ ଭୂୟସୀ ପ୍ରଶଂସା କରିଥିଲେ ।ସେ କହିଥିଲେ ଯେ, ଏପରି ମଞ୍ଚ ଗ୍ରାମାଞ୍ଚଳର ପ୍ରତିଭାମାନଙ୍କୁ ନିଜ ଦକ୍ଷତା ପ୍ରଦର୍ଶନ ପାଇଁ ସୁଯୋଗ ଯୋଗାଇ ଦେଉଛି । ଏହି ଅବସରରେ ନାଟ୍ୟ ନିର୍ଦ୍ଦେଶକ ସମରେନ୍ଦ୍ର ମହାପାତ୍ର, ହାସ୍ୟ ଅଭିନେତା ପ୍ରଦୀପ୍ତ କୁମାର ମହାପାତ୍ର, ଅଭିନେତା ନବକିଶୋର ନାୟକ ଏବଂ ୪୨ ମୌଜାରେ କାର୍ଯ୍ୟରତ ସାମ୍ବାଦିକମାନଙ୍କୁ ବବି ଇସ୍ଲାମଙ୍କ ହସ୍ତରେ ସମ୍ମାନିତ କରାଯାଇଥିଲା । ମାନିନୀ ସାଂସ୍କୃତିକ କଳା ପରିଷଦର ନିର୍ଦ୍ଦେଶିକା ଶୈବାଳିନୀ ତ୍ରିପାଠୀ ଓ ସୌଦାମିନୀ ତ୍ରିପାଠୀ ସମସ୍ତ କଳାକାରଙ୍କୁ ପୁଷ୍ପଗୁଚ୍ଛ, ଉପହାର ଓ ଶ୍ରୀଜଗନ୍ନାଥଙ୍କ ଫଟୋ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ଉଦ୍ୟାପନୀ ସନ୍ଧ୍ୟାରେ ବିଶାଳ ସଂଖ୍ୟାରେ ଦର୍ଶକଙ୍କ ସମାଗମ ହୋଇଥିଲା । ମୀନାବଜାରରେ ମଧ ଭାରି ଭିଡ଼ ଦେଖିବାକୁ ମିଳିଥିଲା । ସାରା ପରିବେଶ ଉତ୍ସବମୁଖର ହୋଇଉଠିଥିଲା । କାର୍ଯ୍ୟକ୍ରମରେ ଅଧ୍ୟାପକ ଖଲିକୁଦ୍ଦିନ ଜମାନ ଖାଁ, ପ୍ରକାଶ କୁମାର ଦାସ, ଆଡଭୋକେଟ୍ ମାଧବେନ୍ଦ୍ର ମହାନ୍ତି, ଆଡଭୋକେଟ୍ ପ୍ରମୋଦ କୁମାର ପତି, ପ୍ରସନ୍ନ କୁମାର ପତି, ନିତ୍ୟାନନ୍ଦ ପତି, ସିଦ୍ଧେଶ୍ୱର ପତି, ବିଳାଶ ଚନ୍ଦ୍ର ବେହେରା, ବିକ୍ରମ କିଶୋର ପତି, ବିଶ୍ୱଜିତ ପତି, ସତ୍ୟନାରାୟଣ ମହାନ୍ତି, ସୁକାନ୍ତ ବେଉରା, ଦୀପ୍ତି ରଞ୍ଜନ ଶତପଥୀ, ଚନ୍ଦନ ମହାନ୍ତି, ସୁଧୀର ଶତପଥୀ, ଅଶୋକ କୁମାର ପତି, ଅଧ୍ୟାପକ ପ୍ରଫୁଲ୍ଲ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ସାଂସ୍କୃତିକ ମହୋତ୍ସବ କମିଟିର ସଭାପତି ସନ୍ତୋଷ କୁମାର ପତି ସମସ୍ତ ଅତିଥି, କଳାକାର, ସାମ୍ବାଦିକ ଓ ଦର୍ଶକମାନଙ୍କୁ ଧନ୍ୟବାଦ ଜଣାଇଥିଲେ । ୪୨ ମୌଜା ସାଂସ୍କୃତିକ ମହୋତ୍ସବର ଏହି ଉଦ୍ୟାପନୀ ସନ୍ଧ୍ୟା ସମସ୍ତଙ୍କ ମନରେ ଅମର ସ୍ମୃତି ଛାଡ଼ିଯାଇଛି ।



# ଅନ୍ୱେଷଣ ଥିଏଟର ଗ୍ରୁପ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ

ଯାଜପୁର, ୧୯।୫:(ମନ୍ଥନ)ଯାଜପୁର ଜିଲ୍ଲାର ଅଗ୍ରଣୀ, ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ଅନ୍ୱେଷଣ ଥିଏଟର ଗ୍ରୁପ ଓ ସମ୍ବାଦ ଆମ ଓଡ଼ିଶା ପରିବାର ମିଳିତ ସହଯୋଗରେ ଯାଜପୁର ଜିଲ୍ଲା ଯାଜପୁର ବ୍ଲକ ଅନ୍ତର୍ଗତ ପଣସା ପଞ୍ଚାୟତର ପଣସା ଉପ୍ରା ବିଦ୍ୟାଳୟ ଠାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଅନ୍ୱେଷଣ ଥିଏଟର ଗ୍ରୁପର ସମ୍ପାଦକ ଅଭିମନ୍ୟୁ ମିଶ୍ରଙ୍କ ଜନ୍ମ ଦିନ ଅବସରରେ ଗ୍ରୀଷ୍ମ ଋତୁରେ ରକ୍ତଭଣ୍ଡାରରେ ରକ୍ତ ଅଭାବ ଦୂର କରିବା ଉଦ୍ଦେଶ୍ୟରେ ଅନ୍ୱେଷଣ ପରିବାର ସଦସ୍ୟ ସଦସ୍ୟାମାନଙ୍କ ଦ୍ୱାରା ଏହା ଏକ ଛୋଟିଆ ପ୍ରୟାସ। ପ୍ରକାଶ ଥାଉକି ଅନ୍ୱେଷଣ ଥିଏଟର ଗ୍ରୁପ ଓ ସମ୍ବାଦ ଆମ ଓଡ଼ିଶା ପରିବାର ପକ୍ଷରୁ ପ୍ରତ୍ୟେକ ବର୍ଷ ଏହି ୧୯ ତାରିଖରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ କରାଯାଏ। ଏହି ରକ୍ତଦାନ ଶିବିରରେ ଅନୁଷ୍ଠାନର ସଦସ୍ୟ ସଦସ୍ୟା ଓ ଯାଜପୁର ପଣସା ପଞ୍ଚାୟତ ଓ ଯାଜପୁର ସହର ନିକଟସ୍ଥ ରକ୍ତଦାତାମାନେ ସ୍ୱଇଚ୍ଛାରେ ରକ୍ତଦାନ କରିଥିଲେ। ଏହି ରକ୍ତଦାନ ଶିବିରରେ ମୋଟ୍ ୨୨ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ବୃନ୍ଦାବନ ମିଶ୍ରଙ୍କ ତତ୍ତ୍ୱାବଧାନରେ ମୁଖ୍ୟ ଅତିଥିଭାବେ ଭୂଲେଖ ବନ୍ଦୋବସ୍ତ ଆୟୁକ୍ତ ଯାଜପୁର ରୋଡ଼ର ଅକ୍ଷୟ କୁମାର ମଲ୍ଲିକ, ଅତିରିକ୍ତ ଆରକ୍ଷୀ



ଅଧିକ୍ଷକ ଶୀତିକଣ୍ଠ କାନୁନ୍‌ଗୋ, ଯାଜପୁର ଥାନାଅଧିକାରୀ ଶରତ କୁମାର ନାୟକ, ଅବସରପ୍ରାପ୍ତ ପ୍ରଧାପକ ଦାମୋଦର ବେହେରା, ବରିଷ୍ଠ ବିଜେପି ଯୁବ ନେତା ମୃତ୍ୟୁଞ୍ଜୟ ମିଶ୍ର, ବରିଷ୍ଠ କଂଗ୍ରେସ ନେତା ଶିଶିର କୁମାର ନାୟକ, ଅନନ୍ୟା ସାହିତ୍ୟ ସଂସଦର ସଭାପତି ସନ୍ତୋଷ କୁମାର ନନ୍ଦ, ବରିଷ୍ଠ ସମାଜସେବୀ ନିଶିଥ୍ କୁମାର ଦାସ ଓ ପଣ୍ଡିତ ବିଜୟ ଭୂଷଣ ନନ୍ଦ ଯୋଗଦାନକରି ରକ୍ତଦାନ ଶିବିରକୁ ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ଉପସଭାପତି ସୁବାସ ଚନ୍ଦ୍ର ଦେବତା, କୋର କମିଟି ଅଧକ୍ଷ ସେକ୍ ଅବ୍‌ଦୁଲ୍ ସାଜିଦ୍ (ଚନ୍ଦ ବାବୁ), ସାଂସ୍କୃତିକ ସମ୍ପାଦକ ଶଙ୍କର ସାହୁ, ସହ ସମ୍ପାଦିକା ସକୁନ୍ତଳା ବେହେରା, କୋର କମିଟିର ବରିଷ୍ଠ ସଦସ୍ୟ ରବିନାରାୟଣ ରାଉତ, ସୁରଜ କୁମାର ପଣ୍ଡା, ଅଶୋକ କୁମାର ପାଣିଗ୍ରାହୀ, ଭରତ ଚନ୍ଦ୍ର ବେହେରା, ସୌଭାଗ୍ୟ ତ୍ରିପାଠୀ, କୋଷାଧକ୍ଷ ଦିଜେନ୍ଦ୍ର ନାଥ ରାଉତ, ସଂଗଠନ ସମ୍ପାଦକ ଧନଞ୍ଜୟ ପୃଷ୍ଟି, ସଦସ୍ୟ ଖଗେଶ୍ୱର ସାହୁ, ପ୍ରଦୀପ କୁମାର ନନ୍ଦ, ଶିଶିର କୁମାର ମହାପାତ୍ର, କୈଳାସ ଚନ୍ଦ୍ର ବେହେରା, ଗୋପାଳ ଚନ୍ଦ୍ର ବେହେରା, ଶ୍ୟାମସୁନ୍ଦର ନାୟକ, ଦାମୋଦର ନନ୍ଦ, ଜୟ ପ୍ରକାଶ ନାୟକ, କିଶୋର କୁମାର ଦାଶ, ଉପେନ୍ଦ୍ର କୁମାର ଜେନା, ଜିତେନ୍ଦ୍ର କୁମାର ସାହୁ, ରଜତ କୁମାର ମିଶ୍ର, ରୂପକ କୁମାର ଦାସ, ଅଭିନାଶ ଦାସ, ଅବକାଶ ରଥ, ସଦସ୍ୟା ବ୍ରଜମାଧୁରୀ ଦାସ, ଟୁନି ବେହେରା, ସସ୍ମିତା ନନ୍ଦ, ମଧୁସ୍ମିତା ରଥ, ମନିଶା ରାଉତ, ସମ୍ପାଦକ ଅଭିମନ୍ୟୁ ମିଶ୍ର ପ୍ରମୁଖ ଯୋଗଦାନ କରି କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ବିଶେଷକରି ଅନୁଷ୍ଠାନର ସଦସ୍ୟ ଜୟପ୍ରକାଶ ନାୟକ ଏବଂ ତାଙ୍କର ସହଧର୍ମିଣୀ ଉଭୟ ରକ୍ତଦାନ କରି ସମାଜକୁ ଏକ ବାର୍ତ୍ତା ପ୍ରଦାନ କରିଥିଲେ ତତ୍ ସହିତ କୋର କମିଟିର ସଦସ୍ୟ ସୁରଜ କୁମାର ପଣ୍ଡା, ରବିନାରାୟଣ ରାଉତ, ସହ ସମ୍ପାଦିକା ସକୁନ୍ତଳା ବେହେରାଙ୍କ ପୂର୍ଣ୍ଣ ସହଯୋଗରେ ଏହି ମହାନ କାର୍ଯ୍ୟକ୍ରମ ସଫଳ କରାଯାଇଥିଲା।

# ମୌଳିକ ସୁବିଧାରୁ ବଞ୍ଚିତ ସାଧୁଆପଲ୍ଲୀ ଗ୍ରାମବାସୀ

ଖଣ୍ଡପଡ଼ା, ୧୯।୫:(ମନ୍ଥନ)ବର୍ଷ ବର୍ଷ ଧରି ମାଳମାଳ ଯୋଜନା ଦ୍ୱାରା ବିକାଶର ଲକ୍ଷ ହାସଲ ହେଉଥିବା ବେଳେ ଅନେକ ସ୍ଥାନରେ ଏହା ଆଜି ମଧ୍ୟ ଅପହଞ୍ଚ ହୋଇ ରହିଯାଇଛି। ପ୍ରଶାସନିକ ଅବହେଳା ଯୋଗୁଁ ଆଜି ମଧ୍ୟ ଅନେକ ଗାଁ ମୁଖ୍ୟସ୍ରୋତରେ ସାମିଲ ହେବାକୁ ସଂଘର୍ଷ କରୁଛିଯ ନୟାଗଡ ଜିଲ୍ଲା ଖଣ୍ଡପଡ଼ା ବ୍ଲକ ଗଡିଆସାହି ପଞ୍ଚାୟତର ସାଧୁଆପଲ୍ଲୀ ଗ୍ରାମରୁ ଏଭଳି ସଙ୍ଗିନ ଅଭିଯୋଗ ଆସିଥିବା ବେଳେ ପ୍ରଶାସନିକ କଳର ଅବହେଳା ସ୍ପଷ୍ଟ ବାରିହେଉଛି। ଉକ୍ତ ଗ୍ରାମବାସୀ ସ୍ୱାଧୀନତାର ଦୀର୍ଘବର୍ଷ ପରେ ମଧ୍ୟ ମୌଳିକ ସୁବିଧା ପାଉନଥିବା ବେଳେ ଅଭିଯୋଗ ସମୂହ ପ୍ରଶାସନିକ ନାଲିଫିତା ତଳେ ଚାପିହୋଇଯାଇଛି। ମିଳିଥିବା ଅଭିଯୋଗ ଅନୁଯାୟୀ ବ୍ଲକ ସଦର ମହକୁମା ଠାରୁ ମାତ୍ର ୧୦ କିମି ଦୂରରେ ଥିବା ଆଦିବାସୀ ଅଧୁଷିତ ଏହି ଗ୍ରାମର ଲୋକେ ଏକପ୍ରକାର ଅଭିଶପ୍ତ ଜୀବନ ଜିଉଁଛନ୍ତି। ଗଡିଆସାହି ବଜାର ଠାରୁ ଗ୍ରାମକୁ ନିୟମିତ ରାସ୍ତା ନଥିବା ବେଳେ ବର୍ଷ ବର୍ଷ ଧରିପ୍ରଶାସନ ନିକଟରେ ଅଭିଯୋଗ କରିଆସୁଛନ୍ତି। ଗ୍ରାମକୁ ଲମ୍ବିଥିବା ଅସ୍ଥାୟୀ ରାସ୍ତା ଜୈନେକ ବ୍ୟକ୍ତିଙ୍କ କବଳରେ ରହିଥିବା ବେଳେ ପ୍ରଶାସନ ଜମି ଅଧିଗ୍ରହଣ କରି ରାସ୍ତା ଟିଏ ପାଇଁ ପ୍ରୟାସ ମଧ୍ୟ କରିନାହିଁ। ଶିଳ୍ପ କିମ୍ବା ଘରୋଇ ସଂସ୍ଥା ପାଇଁ ଜମି ଅଧିଗ୍ରହଣ ମାତ୍ର କେଇ ମାସ ଏପରିକି କିଛି ମିନିଟ ମଧ୍ୟରେ ହୋଇପାରୁଥିବା ବେଳେ ଗୋଟିଏ ଗାଁକୁ ରାସ୍ତା ପାଇଁ ବର୍ଷ ବର୍ଷ ଧରି ସ୍ଥାନୀୟପ୍ରଶାସନ ସତେଯେପରି ଆଖିବୁଜିଦେଇଛି। ପାନୀୟ ଜଳ ପାଇଁ ଗ୍ରାମରେ ଥିବା ଏକମାତ୍ର ନଳକୂପ ଭରସା ପାଲଟିଥିବା ବେଳେ ଫ୍ଲୋରାଇଡ ଯୁକ୍ତ ପାଣି ସମସ୍ୟାକୁ ଦ୍ୱିଗୁଣିତ କରିଛି। ପାଇପ ଯୋଗେ ପାନୀୟ ଜଳ ଯୋଗାଣ ସାତସପନ ପାଲଟିଥିବା ବେଳେ ସୋଲାର ପାନୀୟ ପ୍ରକଳ୍ପ ପ୍ରତିଶ୍ରୁତିରେ ସୀମିତ ରହିଯାଇଛି। ଅନ୍ୟପକ୍ଷରେ ନଳକୂପ ପାଣି ପିଇବା ଯୋଗ୍ୟ ହୋଇନଥିବାରୁ ବାଧ ହୋଇ ଖୋଲା ଉସ ତଥା କୂଅରୁ ପାଣି ସଂଗ୍ରହ କରୁଛନ୍ତି ସାଧୁଆପଲ୍ଲୀ ଗ୍ରାମବାସୀ। ଫଳରେ ବିଭିନ୍ନ ସମୟରେ ଦୂରାରୋଗ୍ୟ ବ୍ୟାଧିର ଶିକାର ହେବା ସହ ଅକାଳରେ ଜୀବନ ଯାଉଥିବା ଅଭିଯୋଗ ହେଉଛି। ୨୫ ପରିବାର ବିଶିଷ୍ଟ ଏହି ଆଦିବାସୀ ଗ୍ରାମରଲୋକେ ରାସନ, ଭତ୍ତା ଭଳି ଯୋଜନାରେ ସାମିଲ ହୋଇଥିଲେ ମଧ୍ୟ ଏକାଧିକ ପରିବାର ପାଇଁ ମୁଣ୍ଡ ଉପରେ ଛାତ ସାତସପନ ପାଲଟିଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଲୋକଙ୍କୁ ଘର ମିଳୁଥିବା ବେଳେ କେଉଁ ଅଜଣା କାରଣରୁ ଆଜି ମଧ୍ୟ ସଂଖ୍ୟାଧିକ ଲୋକେ ଚାଳ ଛପର ଓ ଝାଟିମାଟି ଘରେ ଜୀବନ ଜିଇଁବା ସହ ଯୋଜନାକୁ ଅନେଇ ବସିଛନ୍ତି। ଗ୍ରାମ ନିକଟସ୍ଥ ଜଙ୍ଗଲରୁ ପତ୍ର ସଂଗ୍ରହ କରି ପରିବାର ଚଳାଇବା ମୁଖ୍ୟ ଜୀବିକା ହୋଇଥିବା ବେଳେ ଏବେ ଜଙ୍ଗଲରୁ ଅବାଧ ଗଛ କଟା ସେମାନଙ୍କୁ ଚିନ୍ତାରେପକାଇଛି। ବିଭିନ୍ନ ସମସ୍ୟା ବାବଦରେ ବ୍ଲକ ପ୍ରଶାସନ ଏପରିକି ଜିଲ୍ଲା ପ୍ରଶାସନକୁ ଲିଖିତ ଅଭିଯୋଗ କରାଯାଇଥିବା ନେଇ ଗ୍ରାମବାସୀ କହୁଥିବା ବେଳେ ସମସ୍ୟା ପୂର୍ବଭଳି ରହିଛି। ଗତ ୨୦୨୪ ସାଧାରଣ ନିର୍ବାଚନରେ ଲୋକେ ଭୋଟ ବର୍ଜନ କରିଥିବା ବେଳେ ଗାଁର ସମସ୍ୟା ଏବେ ହାଇକୋର୍ଟରେ ବିଚାରଧିନ ରହିଛି। ଏସବୁ ମଧ୍ୟରେ ଗ୍ରାମବାସୀଙ୍କ ନିମନ୍ତେ ରାସ୍ତା ଭଳି ମୌଳିକ ସୁବିଧା କେବେ ଉପଲବ୍ଧ ହେଉଛି ଦେଖିବାକୁ ବାକି ରହିଲା ବୋଲି ସ୍ଥାନୀୟ ଜନପ୍ରତିନିଧି କୁହନ୍ତି।

# ବିଦେଶୀ ମଦ ଜବତ, ଜଣେ ଗିରଫ

ବୁଗୁଡା, ୧୯।୫:(ମନ୍ଥନ)ବୁଗୁଡ଼ା ଥାନା ଅନ୍ତର୍ଗତ ବିରଞ୍ଚିପୁର ଗ୍ରାମର ମୁଖ୍ୟ ସଡକସ୍ଥିତ ଏକ ପାନଦୋକାନରେ ପୋଲିସ ଚଢାଉ କରି ୪୯ଲି.୧୩୦ମିଲି ବିଦେଶୀ ମଦ ଜବତ କରିବା ସମ୍ପୃକ୍ତ ମଦବେପାରୀକୁ ଗିରଫ କରାଯାଇଥିବା ଜଣାଯାଇଛି। ଗିରଫ ମଦବେପାରୀ ଜଣକ ସେହି ଗ୍ରାମର ଅମର ବେହେରା (୩୯) ହୋଇଥିବା ବେଳେ ଏ ନେଇ କେସ୍ ନଂ ୨୫୨/୨୬ରେ ଏକ ମାମଲା ରୁଜୁ ହୋଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କଠାରୁ ପ୍ରକାଶ ପାଇଛି। ପ୍ରକାଶ ଯେ, କୌଣସି ସୂତ୍ରରୁ ଖବର ପାଇ ମଙ୍ଗଳବାର ଅପରାହ୍ନରେ ଏସଆଇ ଅଜୟ ମଲ୍ଲିକଙ୍କ ନେତୃତ୍ୱରେ ପୋଲିସ ଟିମ୍ ଚୋରାରେ ମଦ ବିକ୍ରି ହେଉଥିବା ପାନଦୋକାନରେ ଚଢାଉ କରି ମଦ ଜବତ ସହ ବେପାରୀକୁ ଗିରଫ କରିଥିଲେ।

# ପାରାଦୀପ ରେ ଏସଆଇଆର ପ୍ରସ୍ତୁତି ବୈଠକ

ପାରାଦୀପ, ୧୯।୫:(ମନ୍ଥନ)ପାରାଦୀପର ଅତିରିକ୍ତ ଜିଲ୍ଲାପାଳ (ଏଡିଏମ୍) ଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) ପ୍ରସ୍ତୁତି ବୈଠକ ମେ ୧୮ ତାରିଖ ସୋମବାର ଦିନ ଅନୁଷ୍ଠିତ ହୋଇଯାଇଛି। ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରାଙ୍କ



ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ପାରାଦୀପ ପୌରପାଳିକା ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା, କୁଜଙ୍ଗ ତହସିଲଦାର ସ୍ୱରୂପ ନନ୍ଦନ ବେହେରା, କୁଜଙ୍ଗ ବିଡିଓ ଦୀପକ ପ୍ରସାଦ ସ୍ୱାଇଁ, ତିର୍ତ୍ତୋଲ ତହସିଲଦାର ମହେଶ୍ୱର ବେହେରା, ପାରାଦୀପ ଉପ-ଜିଲ୍ଲାପାଳ ସୟଦା ନୟେଲା, ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀ (ଏଇଆରଓ)ଙ୍କ ସମେତ ବିଜେପି, ବିଜେଡି, କଂଗ୍ରେସ, ବିଏସପିର ରାଜନୈତିକ ଦଳର ନେତା ତଥା ପ୍ରତିନିଧି ମାନେ ଉପସ୍ଥିତ ଥିଲେ। ଭୋଟର ତାଲିକାକୁ ଅଧିକ ସଠିକ୍, ସ୍ୱଚ୍ଛ, ନିର୍ଭୁଲ ଏବଂ ନିର୍ଭରଯୋଗ୍ୟ କରିବା ଏବଂ ଏଥିରେ ବୁଥ୍ ସ୍ତରୀୟ ଅଧିକାରୀ (ବିଏଲଓ) ମାନଙ୍କ ଭୂମିକା, ମ୍ୟାପିଂ ପ୍ରକ୍ରିୟା ଏବଂ ଭୋଟର ସତ୍ୟାପନ ପ୍ରକ୍ରିୟା ଉପରେ ବିଶେଷ ଆଲୋଚନା କରାଯାଇଥିଲା।

# ଓଡ଼ିଶାକୁ ପ୍ରଗତି ପଥରେ ଆଗେଇ ନେବାକୁ ଲୋକନାଥ ଚୌଧୂରୀଙ୍କ ନୀତିଆଦର୍ଶ ରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଲେ ନିରଞ୍ଜନ ପଟ୍ଟନାୟକ

ପାରାଦୀପ, ୧୯।୫:(ମନ୍ଥନ)ଜଗତସିଂହପୁର ଜିଲ୍ଲା ଓ କୁଜଙ୍ଗ ମାଟି ର ସାମ୍ୟବାଦୀ ଚିନ୍ତାଧାରା ର ପ୍ରତିକ୍, ଜଣେ ଅପ୍ରତିଦ୍ୱନ୍ଦି ଜନନାୟକ, ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଲୋକନାଥ ଚୌଧୁରୀ ଙ୍କ ୧୦୧ ତମ ଜନ୍ମଜୟନ୍ତୀ ଅବସରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ କୁଜଙ୍ଗ କମ୍ୟୁନିଷ୍ଟ ଭବନ ଠାରେ ସ୍ୱର୍ଗତ ଲୋକନାଥ ଚୌଧୁରୀ ଙ୍କ ଅବୟବ ପ୍ରତିମୂର୍ତ୍ତି ଉନ୍ମୋଚନ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ରେ ସିପିଆଇ ର ଜାତୀୟ ସମ୍ପାଦକ ରାମକୃଷ୍ଣ ପଣ୍ଡା, ଜାତୀୟ କଂଗ୍ରେସ ର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକ, ଜଗତସିଂହପୁର ବିଜେଡି ସଭାପତି ତଥା ପୂର୍ବତନ ବିଧାୟକ ପ୍ରଶାନ୍ତ ମୁଦୁଲି, ପୂର୍ବତନ ମନ୍ତ୍ରୀ ଶଶୀଭୁଷଣ ବେହେରା, ସିପିଆଇ ରାଜ୍ୟ ସମ୍ପାଦକ ପ୍ରଶାନ୍ତ ମିଶ୍ର, ପାରାଦୀପ ପୌରାଧକ୍ଷ ବସନ୍ତ ବିଶ୍ୱାଳ, ବରିଷ୍ଠ ସମାଜସେବୀ ବାଳକୃଷ୍ଣ ଜେନା, ସ୍ୱର୍ଗତ ଲୋକନାଥ ଚୌଧୁରୀ ଙ୍କ ଦୁଇଝିଅ ସଂଯୁକ୍ତା ଚୌଧୁରୀ ଓ ସବିତା ଚୌଧୁରୀ ଙ୍କ ସମେତ କୁଜଙ୍ଗ ଅଞ୍ଚଳ ର ବରିଷ୍ଠ ସିପିଆଇ ନେତା ସୁବାସ ମହାପାତ୍ର ଙ୍କ ସମେତ ବରିଷ୍ଠ ମାନ୍ୟଗଣ୍ୟ ନେତୃବୃନ୍ଦ ଯୋଗଦେଇ ଏହି ମହାନ ସ୍ୱାଧୀନତା




ସଂଗ୍ରାମୀ ଙ୍କ ସ୍ମୃତିଚାରଣ କରିଥିଲେ। କୁଜଙ୍ଗ ବ୍ଲକ ପଡିଆ। ଠାରେ ଆୟୋଜିତ ସର୍ବଦଳୀୟ ସଭା ରେ ଉପସ୍ଥିତ ଅତିଥି ମାନେ ସ୍ୱର୍ଗତ ଲୋକନାଥ ଚୌଧୁରୀ ଙ୍କ ନୀତି, ଆଦର୍ଶ ଓ ସାମ୍ୟବାଦୀ ଚିନ୍ତାଧାରା ରେ କିଭଳି ନିଜ ଅଞ୍ଚଳ ସହିତ ସାରା ଓଡିଶା ତଥା ସମାଜର ତଳସ୍ତରରେ ବସବାସ କରୁଥିବା ଲୋକ ମାନଙ୍କ କଥା କୁ ସଂସଦ ରେ ଉପସ୍ଥାପନ କରିବାରେ ସ୍ୱର୍ଗତ ଲୋକନାଥ ଚୌଧୁରୀ ଙ୍କ ଅବଦାନ ଅତୁଳନୀୟ ହୀନ ରାଜନୀତିରୁ ଉର୍ଦ୍ଧରେ ରହି ନୂତନ ଓଡିଶା ତଥା ଭାରତବର୍ଷ କୁ ନିର୍ମାଣପଥର ପଥିକ ହେଇ କାର୍ଯ୍ୟ କରିବାକୁ ଯୁବପିଢ଼ି ଙ୍କୁ କଂଗ୍ରସ ନେତା ନିରଞ୍ଜନ ପଟ୍ଟନାୟକ ଆହ୍ୱାନ ଦେଇଥିଲେ। ଆଜି ରାଜ୍ୟ ତଥା ଦେଶରେ ଆଇନ ଶୃଙ୍ଖଳା ପରିସ୍ଥିତି ଭୁଶୁଡି ପଡିଛି, ଏଠି ବିକାଶ ନାମରେ ବିନାଶ ଚାଲିଛି। ହୀନ ରାଜନୀତି ମଣିଷ ସମାଜକୁ କବଳିତ କରି ଚାଲିଥିଲାବେଳେ ଜାତି ନାଁରେ ଧର୍ମ ନାଁରେ ଭାଗ ଭାଗ କରି ଲୋକ ମାନଙ୍କ ଭିତରେ ବିଷମଞ୍ଜି ବୁଣି ଅରାଜକତା ସୀମାସହରଦ ପାଲଟି ଗଲାଣି ଆଜି ଦିନରେ ମହିଳା ସୁରକ୍ଷିତ ମଣୁନାହାନ୍ତି, ଆଜି ଦିନ ଦ୍ୱିପ୍ରହର ରେ ପୋଲିସ ସାମ୍ନାରେ ଯୋଡଭଳି ବିଭିସ୍ଥ ହତ୍ୟାକାଣ୍ଡ ଘଟିଚାଲିଛି ଘୃଣା ଚକ୍ଷୁରେ ଦେଖିଥିଲେ ଏପରିକି ଅହେତୁକ ଦରଦାମ ସାଧାରଣ ଲୋକଙ୍କ ମେରୁଦଣ୍ଡ ଦୋହଲାଇ ଦେଇଥିବାରୁ ତ୍ରାହିତ୍ରାହି ଛାଡିଲେଣି ଦୁର୍ନୀତି ଏପରି ସ୍ତରକୁ ଆସିଗଲାଣି ସରକାର ଆଜି ସ୍ଥାଣୁ ପାଲଟିଯାଇଛନ୍ତି, ଯାହାକୁ ସମ୍ପୂର୍ଣ୍ଣ ବିରୋଧ କରୁଥିଲେ ସ୍ୱର୍ଗତ ଲୋକନାଥ ଚୌଧୁରୀ, ସେ ଦେଖିଥିଲେ ସ୍ୱାଧୀନତା ର ସ୍ୱପ୍ନ, ସେ ଥିଲେ ଅଞ୍ଚଳ ପାଇଁ ଜଣେ ବୀରପୁତ୍ର, କିପରି ସାଧାରଣ ଲୋକଟି ମୁହଁରେ ହସ ଫୁଟିବ ଏହାଥିଲା ସେହି ମହାନ ବ୍ୟକ୍ତିତ୍ୱ ଙ୍କ ମହାନ ଚିନ୍ତାଧାରା। ଆଜି ଲୋକନାଥ ଚୌଧୁରୀ ନାହାନ୍ତି ସତ କିନ୍ତୁ କୁଜଙ୍ଗ ଓ ଜଗତସିଂହପୁର ଜିଲ୍ଲା ପାଇଁ କରିଥିବା କାର୍ଯ୍ୟ ଆଜି ତାଙ୍କୁ ସବୁଦିନ ମନେ ପକାଇବ ବୋଲି ଉପସ୍ଥିତ ଅତିଥି ମାନେ ନିଜର ଅଭିଭାଷଣ ରେ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମ ରେ କୁଜଙ୍ଗ, ପାରାଦୀପ, ଏରସମା ସହିତ ସାମଗ୍ର ଜିଲ୍ଲା ରୁ ଲୋକନାଥ ଚୌଧୁରୀ ଙ୍କୁ ଭଲ ପାଉଥିବା ଏବଂ ସାମ୍ୟବାଦୀ ଚିନ୍ତାଧାରା ରେ ନିଜକୁ ଅନୁପ୍ରାଣିତ କରୁଥିବା ବ୍ୟକ୍ତି ବିଶେଷ ଓ କର୍ମୀ ମାନେ ଯୋଗଦେଇ କାର୍ଯ୍ୟକ୍ରମ କୁ ସଫଳ କରିବାରେ ସହଯୋଗ କରିଥିଲେ।

# ଖଣ୍ଡପଡ଼ାରେ ପୂର୍ବତନ ବିଧାୟକଙ୍କ ସାଙ୍ଗଠନିକ ବୈଠକକୁ ନେଇ ଚର୍ଚ୍ଚା

ଖଣ୍ଡପଡ଼ା, ୧୯।୫:(ମନ୍ଥନ)ଆସନ୍ତା ବର୍ଷ ଜାନୁଆରୀ ମାସରେ ପଞ୍ଚାୟତ ନିର୍ବାଚନ ନେଇ ରାଜ୍ୟ ସରକାର ପ୍ରସ୍ତୁତ ହେଉଛନ୍ତି। ଏ ପରିପ୍ରେକ୍ଷୀରେ ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀରେ ଉଷ୍ମ ହେଲାଣି ରାଜନୈତିକ ପାଣିପାଗ। ପୂର୍ବତନ ରାଜ୍ୟସଭା ସାଂସଦ ତଥା ଖଣ୍ଡପଡ଼ାର ପୂର୍ବତନ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ଲେଉଟାଣି ଏବେ ଚର୍ଚ୍ଚାରେ। ଚଳିତବର୍ଷ ଆରମ୍ଭରୁ ବନ୍ଧୁମିଳନ ଆଳରେ ହଜାର ହଜାର ସମର୍ଥକ ଏକାଠି ହେବା ଏବଂ ଗତ କିଛିଦିନ ହେବ ଜୋନସ୍ତରୀୟ ସାଙ୍ଗଠନିକ ବୈଠକ କରି ପଞ୍ଚାୟତ ନିମନ୍ତେ ପ୍ରସ୍ତୁତ ହେଉଥିବାର ବାର୍ତ୍ତା ଦେଇଛନ୍ତି ସୌମ୍ୟ। ଫଳରେ ଶାସକ ଓ ବିରୋଧୀ ଶିବିରରେ ଶ୍ରୀ ପଟ୍ଟନାୟକଙ୍କ ବୈଠକକୁ ନେଇ ଭାଳେଣି ପଡିଲାଣି। ମିଳିଥିବା ସୂଚନା ମୁତାବକ ଆଜି ପୂର୍ବାହ୍ନରେ ୭ ନଂ ଜୋନ ଅଧୀନ ଏକାଧିକ ପଞ୍ଚାୟତର କର୍ମୀଙ୍କୁ ନେଇ ବୈଠକ କରିଥିଲେ ପୂର୍ବତନ ରାଜ୍ୟସଭା ସାଂସଦ ଶ୍ରୀ ପଟ୍ଟନାୟକ। ବୈଠକରେ ଆସନ୍ତା ୨୦୨୭ ପଞ୍ଚାୟତ ନିର୍ବାଚନରେ କିଭଳି ରଣନୀତି କରି ଲଢିବେ ସେ ନେଇ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ଶ୍ରୀ ପଟ୍ଟନାୟକ ଏବେ କୌଣସି ଦଳରେ ନଥିଲେ ମଧ୍ୟ ତାଙ୍କର ହଜାର ହଜାର ସମର୍ଥକ ଓ ଶୁଭେଚ୍ଛୁ ଏବେ ମଧ୍ୟ ସକ୍ରିୟ ରାଜନୀତିରେ ଅଛନ୍ତ। ପୂର୍ବରୁ ଖଣ୍ଡପଡ଼ା ବ୍ଲକ ଅଧୀନ ୫ ନଂ ଓ ୬ ନଂ ଜୋନ ବୈଠକ ଶେଷ ହୋଇଥିବା ବେଳେ ଆଜି ୭ ନଂ ଜୋନ ଅଧୀନ ବିଭିନ୍ନ ପଞ୍ଚାୟତର ବୈଠକ ଅନୁଷ୍ଠିତ ହୋଇଥିଲା। ଏ ଅବସରରେ ୨୦୨୭ ପଞ୍ଚାୟତ ନିର୍ବାଚନ ନିମନ୍ତେ କର୍ମୀଙ୍କୁ ଗୁରୁମନ୍ତ୍ର ଦେଇଥିଲେ ଶ୍ରୀ ପଟ୍ଟନାୟକ। ୭ ନଂ ଜୋନ ଅଧୀନ ବନମାଳିପୁର, ରାଣିପଡା, ଜଗନ୍ନାଥପ୍ରସାଦ, ରାଣୀଛେଲି, ଯୋଗିଆପଲ୍ଲୀ, ଶିଖରପୁର, ଶାଳଝରିଆ, ଗୁଣ୍ଠୁଣି ଆଦି ପଞ୍ଚାୟତର ଶହ ଶହ କର୍ମୀ ଓ ବରିଷ୍ଠ ନେତା ଶ୍ରୀ ପଟ୍ଟନାୟକଙ୍କ ସହିତ ନିର୍ବାଚନୀ ରଣନୀତି ପ୍ରସ୍ତୁତ କରିଥିବା ସୂଚନା ମିଳିଛି। ତେବେ ଆଗାମୀ ଦିନରେ ଶ୍ରୀ ପଟ୍ଟନାୟକଙ୍କୁ ଶାସକ ଓ ବିରୋଧୀ କିଭଳି ମୁକାବିଲା କରୁଛନ୍ତି ତାକୁ ଦେଖିବାକୁ ବାକିରହିଲା ବୋଲି ମତପ୍ରକାଶ ପାଇଛି।

# ମହୀଧରପଡ଼ା ରୋଗୀ କଲ୍ୟାଣ ସମିତିର ନୂତନ ସଦସ୍ୟ କଳ୍ପତରୁ ଖୁଣ୍ଟିଆ

ଫୁଲନଖରା, ୧୯।୫:(ମନ୍ଥନ)ସଦର ଥାନା ଅନ୍ତର୍ଗତ ନଗରୀ ଅଞ୍ଚଳର ଜଣାଶୁଣା ସମାଜସେବୀ, ସୁସଂଗଠକ, ମାନବାଧିକାର କର୍ମୀ ତଥା ବିଜେପିର ଯୁବ ସଂଗଠକ କଳ୍ପତରୁ ଖୁଣ୍ଟିଆଙ୍କୁ ମହୀଧରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ରୋଗୀ କଲ୍ୟାଣ ସମିତି (ଆରକେଏସ) ର ନୂତନ ସଦସ୍ୟ ଭାବେ ମନୋନୀତ କରାଯାଇଛି। ନିଆଳି ବିଧାୟକ ଇଂ ଛବି ମଲ୍ଲିକଙ୍କ ସୁପାରିସ କ୍ରମେ ତାଙ୍କୁ ଏହି ସମ୍ମାନଜନକ କମିଟିରେ ସ୍ଥାନ ମିଳିଥିବା ଜଣାପଡ଼ିଛି। ଏହି ନିଯୁକ୍ତି ପରେ ଅଞ୍ଚଳରେ ଖୁସିର ମାହୋଲ ସୃଷ୍ଟି ହୋଇଥିବାବେଳେ ବିଭିନ୍ନ ସାମାଜିକ, ସାଂସ୍କୃତିକ ଓ ଯୁବ ସଂଗଠନ ପକ୍ଷରୁ ଶ୍ରୀ ଖୁଣ୍ଟିଆଙ୍କୁ ଅଭିନନ୍ଦନର ସୁଅ ଛୁଟିଛି। କଳ୍ପତରୁ ଖୁଣ୍ଟିଆ ଦୀର୍ଘଦିନ ଧରି ସମାଜସେବା, ଯୁବ ସଂଗଠନ, ରକ୍ତଦାନ ଶିବିର, ଗରିବ ଓ ଅସହାୟଙ୍କ ସହାୟତା, ପରିବେଶ ସୁରକ୍ଷା ଓ ମାନବାଧିକାର କ୍ଷେତ୍ରରେ ସକ୍ରିୟ ଭାବେ କାର୍ଯ୍ୟ କରିଆସୁଛନ୍ତି। ସାଧାରଣ ଲୋକଙ୍କ ସମସ୍ୟାକୁ ନେଇ ସରକାରୀ ସ୍ତରରେ ନିରନ୍ତର ସ୍ୱର ଉଠାଇବା ସହିତ ସମାଜର ଉନ୍ନତି ପାଇଁ ତାଙ୍କର ନିଷ୍ଠାପୂର୍ଣ୍ଣ ପଦକ୍ଷେପ ସବୁବେଳେ ପ୍ରଶଂସା ସାଉଁଟିଛି। ଏହି କାରଣରୁ ତାଙ୍କୁ ଆରକେଏସ ଭଳି ଗୁରୁତ୍ୱପୂର୍ଣ୍ଣ କମିଟିରେ ସ୍ଥାନ ଦିଆଯାଇଥିବାକୁ ବୁଦ୍ଧିଜୀବୀ ମହଲ ସ୍ୱାଗତ କରିଛନ୍ତି। ଏହି ଅବସରରେ ମହୀଧରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକ୍ଷକ ଡାକ୍ତର ସୁଭାଷଚନ୍ଦ୍ର ଗୋଚ୍ଛାୟତ ଶ୍ରୀ ଖୁଣ୍ଟିଆଙ୍କୁ ଅଭିନନ୍ଦନ ଜଣାଇଥିଲେ। ସେ କହିଥିଲେ ଯେ, ସ୍ୱାସ୍ଥ୍ୟକେନ୍ଦ୍ରର ସର୍ବାଙ୍ଗୀନ ବିକାଶ, ରୋଗୀ ସେବାର ମାନ ଉନ୍ନତି ଓ ସାଧାରଣ ଲୋକଙ୍କ ସ୍ୱାସ୍ଥ୍ୟ ସୁବିଧା ବୃଦ୍ଧି ଦିଗରେ ଶ୍ରୀ ଖୁଣ୍ଟିଆଙ୍କ ସହଯୋଗ ନିଶ୍ଚୟ ମିଳିବ ବୋଲି ଆଶା କରାଯାଉଛି।

# ସ୍ୱତନ୍ତ୍ର ସଘନ ସଂଶୋଧନ ସମ୍ପର୍କିତ ଜିଲ୍ଲାସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ

ଭବାନୀପାଟଣା, ୧୯।୫:(ମନ୍ଥନ)କଳାହାଣ୍ଡି ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ପାୱାର ସଚିନ ପ୍ରକାଶ (ଭା.ପ୍ର.ସେ.) କଳାହାଣ୍ଡି ଙ୍କ ଅଧକ୍ଷତାରେ ଜିଲ୍ଲାର ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳମାନଙ୍କ ସଭାପତି/ସମ୍ପାଦକମାନଙ୍କ ସହିତ ଏକ ବୈଠକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ସ୍ୱତନ୍ତ୍ର ସଘନ ସଂଶୋଧନ ( - ୨୦୨୬ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଯୋଗ୍ୟ ମତଦାତାଙ୍କୁ ଭୋଟର ତାଲିକାରେ ସମ୍ମିଳିତ କରିବା ଏବଂ ଅନଧିକୃତ ପ୍ରବାସୀ କିମ୍ବା ଅଯୋଗ୍ୟ ବ୍ୟକ୍ତିଙ୍କ ନାମ ବିଲୋପ କରିବା। ଏଥିରେ ମୃତ ବ୍ୟକ୍ତିଙ୍କ ନାମ ଏବଂ ଡୁପ୍ଲିକେଟ ନାମଗୁଡିକୁ ଚିହ୍ନଟ କରାଯାଇ ତାଲିକାରୁ ହଟାଯିବ। ସ୍ଥାନାନ୍ତରିତ ମତଦାତାଙ୍କ ନାମ ସଂଶୋଧନ କରାଯିବ। ଭୋଟର ତାଲିକାର ସଠିକତା ଓ ପାରଦର୍ଶିତା ବୃଦ୍ଧି କରିବା ପାଇ ଏସ.ଆଇ.ଆର. ଲାଗୁ କରାଯାଇଛି। ଏହି ବୈଠକରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନେ ମଧ୍ୟ ଯୋଗଦେଇଥିଲେ। ବୈଠକରେ ରାଜନୈତିକ ଦଳମାନଙ୍କ ଦ୍ୱାରା ବୁଥ ଲେଭେଲ୍ ଏଜେଣ୍ଟ ନିଯୁକ୍ତି ସମ୍ପର୍କରେ ମଧ ଆଲୋଚନା କରାଯାଇଥିଲା। ପ୍ରତ୍ୟେକ ମତଦାନ କେନ୍ଦ୍ର ପାଇଁ ବୁଥସ୍ତରୀୟ ଏଜେଣ୍ଟଙ୍କ ତାଲିକା ପ୍ରଦାନ କରିବା ପାଇଁ ବିଭିନ୍ନ ରାଜନୈତିକ ଦଳଙ୍କୁ ଅନୁରୋଧ କରାଯାଇଛି। ବୈଠକରେ ଏସ.ଆଇ.ଆର. କାର୍ଯ୍ୟକ୍ରମର ସମୟସୀମା ସମ୍ପର୍କରେ ମଧ ରାଜନୈତିକ ଦଳମାନଙ୍କୁ ଅବଗତ




କରାଯାଇଥିଲା। ଏହା ଅନୁସାରେ ୦୧-୦୭-୨୦୨୬ ତାରିଖକୁ ଯୋଗ୍ୟତା ତାରିଖ ଭାବେ ନିର୍ଦ୍ଧାରିତ କରାଯାଇଛି। ୨୦-୦୫-୨୦୨୬ ଠାରୁ ୨୯-୦୫-୨୦୨୬ ପର୍ଯ୍ୟନ୍ତ ପ୍ରସ୍ତୁତି, ପ୍ରଶିକ୍ଷଣ ଏବଂ ମୁଦ୍ରଣ କାର୍ଯ୍ୟ ସମ୍ପନ୍ନ ହେବ। ୩୦-୦୫-୨୦୨୬ ଠାରୁ ୨୮-୦୬-୨୦୨୬ ପର୍ଯ୍ୟନ୍ତ ଇଖଙ ମାନଙ୍କ ଦ୍ୱାରା ଘରକୁ ଘର ପରିଦର୍ଶନ କରାଯିବ। ୨୮-୦୬-୨୦୨୬ ସୁଦ୍ଧା ମତଦାନ କେନ୍ଦ୍ରଗୁଡିକର ଯୁକ୍ତିସଙ୍ଗତ ପୁନର୍ବିନାସ କାର୍ଯ୍ୟ ସମ୍ପନ୍ନ କରାଯିବ। ୦୫-୦୭-୨୦୨୬ ତାରିଖରେ ଖସଡା ଭୋଟର ତାଲିକା ପ୍ରକାଶ ପାଇବ। ୦୫-୦୭-୨୦୨୬ ଠାରୁ ୦୪-୦୮-୨୦୨୬ ପର୍ଯ୍ୟନ୍ତ ଦାବି ଓ ଆପତ୍ତି ଗ୍ରହଣ କରାଯିବ ଏବଂ ୦୫-୦୭-୨୦୨୬ ଠାରୁ ୦୨-୦୯-୨୦୨୬ ପର୍ଯ୍ୟନ୍ତ ସେଗୁଡିକର ଉପରେ କାର୍ଯ୍ୟ କରାଯିବ। ଶେଷରେ ୦୬-୦୯-୨୦୨୬ ତାରିଖରେ ଅନ୍ତିମ ଭୋଟର ତାଲିକା ପ୍ରକାଶ କରାଯିବ। ଏହି ବୈଠକରେ ୭୭-ଲାଞ୍ଜିଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀର ନିର୍ବାଚନ ପଞ୍ଜିକରଣ ଅଧିକାରୀ ତଥା - ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତନ୍ମୟ କୁମାର ଦରଓ୍ୱାନ (ଓ.ପ୍ର.ସେ.), ୭୮-ଜୁନାଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀର ନିର୍ବାଚନ ପଞ୍ଜିକରଣ ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ (ରେଭେନ୍ୟୁ) ବଇତୁରା ଦୀପ (ଓ.ପ୍ର.ସେ.) ଏବଂ ୮୦-ଭବାନୀପାଟଣା ବିଧାନସଭା ନିର୍ବାଚନ ମଣ୍ଡଳୀର ନିର୍ବାଚନ ପଞ୍ଜିକରଣ ଅଧିକାରୀ ତଥା ଉପ-ଜିଲ୍ଲାପାଳ ପ୍ରଭାତ କୁମାର ପରିଡା (ଓ.ପ୍ର.ସେ.) ଭବାନୀପାଟଣା ଏବଂ ଡେପୁଟି କଲେକ୍ଟର (ନିର୍ବାଚନ) ଅବିନାଶ ଦଳେଇ (ଓ.ପ୍ର.ସେ.), ଜିଲ୍ଲା ସହକାରୀ ନିର୍ଦ୍ଦେଶକ ସଂଚୟ ଏବଂ ଆର୍ଥିକ ସେବା ଅଧିକାରୀ ଓ ନୋଡାଲ ଅଫିସର ପ୍ରିଣ୍ଟିଙ୍ଗ ବିବେକାନନ୍ଦ ମହାନନ୍ଦ ଉପସ୍ଥିତ ଥିଲେ ଏବଂ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲ୍ଲା ସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କମିଟି ବୈଠକ

କେନ୍ଦ୍ରାପଡ଼ା, ୧୯।୫:(ମନ୍ଥନ)ଆସନ୍ତା ବର୍ଷା ଋତୁ ଏବଂ ପ୍ରାକୃତିକ ବିପର୍ଯ୍ୟୟକୁ ଦୃଷ୍ଟିରେ ରଖି ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କମିଟି ବୈଠକ ଆଜି ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ରଘୁରାମ ଆର. ଆୟରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା, ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁ, ଜିଲ୍ଲା ପରିଷଦ ସଭାପତି ଲିଲିତା ଦାସ, ଜିଲ୍ଲା ପରିଷଦ ଉପସଭାପତି ଭୀଷ୍ମ ମହାନ୍ତି, ମହାକାଳପଡା ବିଧାୟକଙ୍କ ପ୍ରତିନିଧି, ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନାଙ୍କ ସମେତ ବିଭିନ୍ନ ବ୍ଲକର ଅଧକ୍ଷ/ଅଧକ୍ଷା, ବିଡିଓ, ତହସିଲଦାର, କେନ୍ଦ୍ରାପଡା ଏବଂ ପଟ୍ଟାମୁଣ୍ଡାଇ ପୌରସଂସ୍ଥାର ନିର୍ବାହୀ ଅଧିକାରୀ ଓ ବିଭିନ୍ନ ଲାଇନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକରେ ବନ୍ୟା ପରିଚାଳନା ପାଇଁ ପୂର୍ବ ପ୍ରସ୍ତୁତି, ନଦୀ ଓ କେନାଲ ବନ୍ଧର ଦୁର୍ବଳ ସ୍ଥାନଗୁଡିକର ମରାମତି ଓ ସୁରକ୍ଷା, ଡ୍ରେନେଜ ବ୍ୟବସ୍ଥାର ସଫେଇ, ବନ୍ୟାଜଳର ନିର୍ବିଘ୍ନ ପ୍ରବାହ, ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ, ବର୍ଷା ପରିମାପ ଓ ଦୈନିକ ପରିସ୍ଥିତି ରିପୋର୍ଟ ପ୍ରେରଣ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ପାଣିପାଗ ସତର୍କବାଣୀ ଓ ବନ୍ୟା ବୁଲେଟିନ୍‌ର ତ୍ୱରିତ ପ୍ରଚାର ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା। ବନ୍ୟାପ୍ରବଣ ଅଞ୍ଚଳରେ ଆଗୁଆ ଖାଦ୍ୟ ସାମଗ୍ରୀ, ଶୁଖିଲା ଖାଦ୍ୟ ଓ ଆବଶ୍ୟକୀୟ ସାମଗ୍ରୀ ମହଜୁଦ ରଖିବା ସହ ସୁରକ୍ଷିତ ପାନୀୟ ଜଳ, ସ୍ୱାସ୍ଥ୍ୟ, ପରିଛନ୍ନତା, ପଶୁ ଚିକିତ୍ସା ଓ କୃଷି ସହାୟତା ବ୍ୟବସ୍ଥା ସୁନିଶ୍ଚିତ କରିବାକୁ ସମ୍ପୃକ୍ତ ବିଭାଗଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଥିଲା। ବନ୍ୟା ଆଶ୍ରୟସ୍ଥଳ ଗୁଡିକ ପ୍ରସ୍ତୁତ ରଖିବା ସହିତ, ପାନୀୟ ଜଳ, ତଳିଆ ଅଞ୍ଚଳରୁ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର ପାଇଁ, ସ୍ୱୟଂସହାୟିକା ଗୋଷ୍ଠୀ (ଏସଏଚଜି), ବିଭିନ୍ନ ସଂଗଠନ ଓ ସିଭିଲ ସୋସାଇଟି ସହ ସମନ୍ୱୟ ବୃଦ୍ଧି କରିବା ଉପରେ ଆଲୋଚନା ହୋଇଥିଲା। କ୍ଷୟକ୍ଷତିର ତ୍ୱରିତ ଆକଳନ ଏବଂ ଶୀଘ୍ର ସହାୟତା ବଣ୍ଟନ ପାଇଁ ରାପିଡ ଡ୍ୟାମେଜ ଆସେସମେଣ୍ଟ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ଏହା ସହିତ ବିପର୍ଯ୍ୟୟ ସମୟରେ ପ୍ରଭାବିତ ପରିବାରଙ୍କୁ ତୁରନ୍ତ




ଉଦ୍ଧାର ଯୋଜନା, ରାସ୍ତା ଓ ପରିବହନ ବ୍ୟବସ୍ଥା ଉପରେ ମଧ୍ୟ ସମୀକ୍ଷା କରାଯାଇଥିଲା। ଏଥିସହିତ ଓଡ୍ରାଫ, ଏନଡିଆରଏଫ ଓ ସୁରକ୍ଷା ବାହିନୀ ମୃତୟନ ପାଇଁ ପୂର୍ବ ପ୍ରସ୍ତୁତି ଏବଂ ବନ୍ୟା ଉଦ୍ଧାର ଓ ରିଲିଫ କାର୍ଯ୍ୟ ପାଇଁ ପ୍ରଶିକ୍ଷିତ ରିଲିଫ ଟିମ ଗଠନ ଉପରେ ଆଲୋଚନା କରାଯାଇଥିଲା। ବିପର୍ଯ୍ୟୟ ସମୟରେ ବିଦ୍ୟୁତ, ଦୂରସଂଚାର, ସଡକ ଓ ଅନ୍ୟାନ୍ୟ ଆବଶ୍ୟକୀୟ ସେବାର ଶୀଘ୍ର ପୁନଃସ୍ଥାପନ ପ୍ରସ୍ତୁତିକୁ ଆହୁରି ସୁଦୃଢ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ଏହା ସହ ଜନପ୍ରତିନିଧି ବଣ୍ଟନ ପାଇଁ ପଲିଥିନ ସିଟ୍ ସହ ଆବଶ୍ୟକ ଆଶ୍ରୟ ସାମଗ୍ରୀ ମହଜୁଦ ରଖିବାକୁ ମଧ୍ୟ ପଦକ୍ଷେପ ଗ୍ରହଣ କରାଯାଇଛି। ବନ୍ୟା କିମ୍ବା ଅତିବୃଷ୍ଟିରେ ଜଳମଗ୍ନ ରାସ୍ତା ଓ ପୋଲଗୁଡିକୁ ଅସ୍ଥାୟୀ ବ୍ୟାରିକେଡ୍ ଓ ସତର୍କ ସୂଚନା ଫଳକ ଲଗାଇ ବନ୍ଦ କରିବା ପାଇଁ ସମ୍ପୃକ୍ତ ବିଭାଗମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଜନଜୀବନ ଓ ସମ୍ପତ୍ତିର ସୁରକ୍ଷା ପାଇଁ ସମସ୍ତ ବିଭାଗକୁ ସତର୍କ ରହିବା ସହିତ ବିଭାଗ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି।



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।'

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

# ନୋଟବନ୍ଦୀ ପରେ ଭୋଟବନ୍ଦୀ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନୋଟବନ୍ଦୀ କରି ଏକ ଐତିହାସିକ ପଦକ୍ଷେପ ନେଇଥିଲେ। ଏହାର ଫାଇଦା ନେଇ ବ୍ୟାପକ ପ୍ରଚାର - ପ୍ର।।ର କରାଯାଇଥିଲା। ଏଥିରେ କେବଳ ।।ଧାରଣ ଜନତା, ବ୍ୟାଙ୍କ କର୍ମଚାରୀ ହନ୍ତ।।ନ୍ତ ହୋଇଥିଲେ। ନୋଟ ବଦଳାଇବା ପାଇଁ ଅ।।ହ୍ୟ ଖରାରେ ଧାଡିବାନ୍ଧି ଶତାଧିକ ଲୋକ ପ୍ରାଣ ହରାଇଲେ। କିଛି ହେଲେ କଳାଧନ ମିଳିଲା ନାହିଁ। ପରେ ପରେ ନୂଆକରି ପ୍ରଚଳିତ ୨୦୦୦ ଟଙ୍କିଆ ନୋଟ ପ୍ରତ୍ୟାହାର କରିନିଆଗଲା। ସେହିପରି କୋଭିଡ ସମୟରେ ହଠାତ ଲକଡାଉନ ଘୋଷଣାରେ ଖଟିଖିଆ,ମଜୁରିଆ, ଶ୍ରମିକ ବହୁବିଧ ଅସୁବିଧାର ସମ୍ମୁଖୀନ ହେଲେ। ଜୀବିକା ହରାଇଲେ। ଅର୍ଥହାନି,ପ୍ରଣାପୀଡ଼ା ଭଳି ପରିସ୍ଥିତି ସୃଷ୍ଟି ହେଲା। କଳ,କାରଖାନା ବନ୍ଦ ହୋଇଗଲା। ରପ୍ତାନୀ, ଆମଦାନୀ, ଗମନାଗମନ ସମ୍ପୂର୍ଣ ଠପ ହୋଇଗଲା। ସେହିପରି ୩ଟି କୃଷି ଆଇନ ଘୋଷଣାରେ ସାରା ଦେଶର କୃଷକ ଆନ୍‌ଦୋଳନ କଲେ। ଧାରଣାରେ ବସି ୭୦୦ ପ୍ରାଣ ହରାଇଲେ। ପ୍ରଧାନମନ୍ତ୍ରୀଙ୍କ ଏପରି ଅପରିଣାମଦର୍ଶୀ ଓ ତରବରିଆ ନିଷ୍ପତିର ପରିଣାମ ସାଧାରଣ ନାଗରିକ ଭୋଗିଲେ। ପୁଞ୍ଜିବାଦୀମାନେ ଆପଦାରୁ ଯଥାସମ୍ଭବ ଅବସର ଉଠାଇଲେ। ଦେଶର ଅର୍ଥନୀତି ତାଳମୁଁହା ହୋଇଥିଲେ ମଧ୍ୟ ପୁଞ୍ଜିପତିମାନଙ୍କ ସମ୍ପତ୍ତିରେ ଅହେତୁକ ବୃଦ୍ଧି ଘଟିଲା। ଠିକ ସେହିପରି ମଧ୍ୟ -ପ୍ରାଚ୍ୟ ଯୁଦ୍ଧର ଅସ୍ଥିରତା ମଧ୍ୟରେ ପ୍ରଧାନମନ୍ତ୍ରୀ ଦେଶବା।।ଙ୍କୁ ଯେଉଁ ୭ଟି ପରାମର୍ଶ ଦେଇଛନ୍ତି ତାହା ତତ୍ପର୍ଯ୍ୟପୂର୍ଣ୍ଣ । ଆଲୋଚନାର ବିଷୟ, ପ୍ରଧାନମନ୍ତ୍ରୀ କହିଛନ୍ତି, ସୁନା - ରୁପା କ୍ରୟ କରନି, ବିଦେଶ ଯାଅ ନାହିଁ, ଖାଇବା ତେଲ, ଡିଜେଲ, ପେଟ୍ରୋଲ କମ ଖର୍ଚ୍ଚ କର ଇତ୍ୟାଦି । ଏହି ପରାମର୍ଶ ଦେବା ପରେ ପରେ ପ୍ରଧାନମନ୍ତ୍ରୀ ନିଜେ ୫ ବିଦେଶୀ ରାଷ୍ଟ୍ର ଗସ୍ତରେ ବାହାରିଯାଇଥିଲେ। ଏପଟେ ଦରଦାମ ବୃଦ୍ଧି ସହିତ ରନ୍ଧନ ଗ୍ୟାସ, ପେଟ୍ରୋଲ, ଡିଜେଲ, ସୁନା, ବିମାନ ଭଡା, ଖାଇବା ତେଲ ଆଦିର ଦର ଲୋକମାନଙ୍କର ଆର୍ଥିକ ମେରୁଦଣ୍ଡ ଦୋହଲାଇ ଦେଲାଣି । ଉଜ୍ଜ୍ୱଳା ଗ୍ୟାସ ଉପରେ ମିଳୁଥିବା ସବସିଡି ଏଣିକି ମିଳିବ ନାହିଁ । ଡଲାର ତୁଳନାରେ ଟଙ୍କାର ବିନିମୟ ମୂଲ୍ୟ ୯୬.୭ କୁ ଖସି ପରିସ୍ଥିତି ଜଟିଳ ହେଲାଣି। ସେୟାର ବଜାରରୁ ବିଦେଶୀ ନିବେଶକ ପ୍ରାୟ ୨୧ ହଜାର କୋଟି ଟଙ୍କା ଉଠାଇ ନେଲେଣି। ଦେଶରେ ଏପରି ସାଙ୍ଘାତିକ ପରିସ୍ଥିତି ସୃଷ୍ଟି ହେଉଥିବାବେଳେ ବିଦେଶରେ ସର୍ବୋଚ୍ଚ ସମ୍ମାନ ପାଇ ପ୍ରଧାନମନ୍ତ୍ରୀ ବେଶ ସନ୍ତୁଷ୍ଟ ଅଛନ୍ତି । ଜନଗଣନା କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟରେ ଘର ଘର ସର୍ଭେ ଶେଷ ହୋଇଛି। ପ୍ରକୃତ ଜନଗଣନା ଆରମ୍ଭ ହେବାକୁ ଯାଉଛି । ଭୋଟର ତାଲିକାରେ ସଂଶୋଧନ ପ୍ରକ୍ରିୟା (ଏସଆଇଆର)କାମ ବଳକା ୧୬ ରାଜ୍ୟରେ ଆରମ୍ଭ ହେବ। ଏହି ବିବାଦୀୟ ପ୍ରକ୍ରିୟା ମାଧ୍ୟମରେ ପଶ୍ଚିମବଙ୍ଗ। ବିହାର ଦଖଲ କରିବା ପରେ ନିର୍ବାଚନ ଆୟୋଗ ସରକାର ଏବେ ଏହାର ସଫଳତାରେ ବିମୋହିତ ହୋଇପଡିଛନ୍ତି । ଦେଶରୁ ୬ କୋଟି ଭୋଟରଙ୍କ ନାମ କାଟିସାରିଛି । ବାକି ୧୬ ରାଜ୍ୟରୁ ଆଉ ୪ କୋଟି ଭୋଟର ବାଦ ପଡିବେ। ଏହି ଭୋଟରମାନେ କିଏ, କାହିଁକି ଏମାନଙ୍କର ନାମ କଟିଲା ତାହା ସ୍ୱଚ୍ଛତା। ପାରଦର୍ଶିତା ଉପରେ ସନ୍ଦେହର କୁହେଳିକା ସୃଷ୍ଟି କରୁଥିବାବେଳେ, ସାମାଜିକ କର୍ମୀ, ଯୋଗେନ୍ଦ୍ର ଯାଦବ ବୋଧହୁଏ ଯଥାର୍ଥରେ ନୋଟବନ୍ଦୀ ପରେ ଭୋଟବନ୍ଦୀ ବୋଲି କଟାକ୍ଷ କରିଛନ୍ତି ।କିନ୍ତୁ ଏପରି ବ୍ୟକ୍ତି 'ପରଜୀବୀ ଅସରପା'ଭଳି ବୋଲି ଆକ୍ଷେପ କରି ସୁପ୍ରିମକୋର୍ଟ ମୁଖ୍ୟ ବିଚାରପତି ବିବାଦର ଘେରକୁ ଆସିବା ସଂସଦୀୟ ଗଣତନ୍ତ୍ରର ବିଡମ୍ବନା, ସାମ୍ବିଧାନିକ ପଦ ମର୍ଯ୍ୟାଦାର ରସାତଳଗାମୀ ଅବସ୍ଥା କହିଲେ ଅତ୍ୟୁକ୍ତି ହେବନାହିଁ ।

# ଭାରତ-ଇଟାଲୀ ସମ୍ପର୍କ: ଭାରତ-ଭୂମଧ୍ୟସାଗର କ୍ଷେତ୍ର ପାଇଁ ଏକ ରଣନୀତିକ ଭାଗୀଦାରୀ

**-ନରେନ୍ଦ୍ର ମୋଦୀ, ପ୍ରଧାନମନ୍ତ୍ରୀ ଏବଂ ଜର୍ଜିଆ ମେଲୋନି, ଇଟାଲୀ ମନ୍ତ୍ରୀ ପରିଷଦର ଅଧ୍ୟକ୍ଷ**

ଭାରତ ଓ ଇଟାଲୀ ମଧ୍ୟରେ ସମ୍ପର୍କ ଏବେ ଏକ ନିର୍ଣ୍ଣାୟକ ମୋଡରେ ପହଞ୍ଚିଛି । ଗତ କିଛି ବର୍ଷ ମଧ୍ୟରେ ଦୁଇ ଦେଶ ମଧ୍ୟରେ ସମ୍ପର୍କ ଅଭୂତପୂର୍ବ ଗତିରେ ବିସ୍ତାରିତ ହୋଇଛି । ଏହି ସମ୍ପର୍କ କେବଳ ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ବନ୍ଧୁତା ମଧ୍ୟରେ ସୀମିତ ହୋଇ ରହିନାହିଁ, ବରଂ ଏହା ଏବେ ସ୍ୱାଧୀନତା ଓ ଗଣତାନ୍ତ୍ରିକ ମୂଲ୍ୟବୋଧ ତଥା ଭବିଷ୍ୟତର ସହଭାଗୀ ଦୃଷ୍ଟିକୋଣ ଉପରେ ଆଧାରିତ ଏକ ସ୍ୱତନ୍ତ୍ର ରଣନୀତିକ ଭାଗୀଦାରୀରେ ପରିବର୍ତ୍ତିତ ହୋଇଛି । ସମ୍ପ୍ରତି ସମଗ୍ର ବିଶ୍ୱର ବ୍ୟବସ୍ଥା ଏକ ବଡ ପରିବର୍ତ୍ତନ ଦେଇ ଗତି କରୁଥିବା ସମୟରେ, ଭାରତ ଓ ଇଟାଲୀ ସମ୍ପର୍କ ଉଚ୍ଚ ରାଜନୈତିକ ଏବଂ ସଂସ୍ଥାଗତ ସ୍ତରରେ କ୍ରମାଗତ ଆଲୋଚନା ଠାରୁ ଆଗକୁ ବୃଢ଼ିଛି । ଏହି ସମ୍ପର୍କ ଏବେ ଏକ ନୂଆ ଓ ଅଧିକ ବ୍ୟାପକ ସ୍ତରରେ ପହଞ୍ଚିଛି । ଏଥିରେ ଦୁଇ ଦେଶର ଆର୍ଥିକ ଶକ୍ତି, ସାମାଜିକ ସୃଜନଶୀଳତା ଏବଂ ହଜାର ହଜାର ବର୍ଷ ପୁରୁଣା ସଭ୍ୟତାଗତ ଐତିହ୍ୟ ସାମିଲ ରହିଛି । ଏକବିଂଶ ଶତାବ୍ଦୀରେ ନବସୃଜନ କ୍ଷମତା, ଶକ୍ତି ପରିବର୍ତ୍ତନ ପରିଚାଳନା ଏବଂ ରଣନୀତିକ ଆତ୍ମନିର୍ଭରଶୀଳତାକୁ ମଜବୁତ କରିବା ଉପରେ ଦେଶର ସମୃଦ୍ଧି ଓ ସୁରକ୍ଷା ନିର୍ଭର କରିଥାଏ । ଆମ ସହଯୋଗ ଏହି ସହଭାଗୀ ଦୃଷ୍ଟିକୋଣକୁ ଦର୍ଶାଇଥାଏ। ଏହି ଉଦ୍ଦେଶ୍ୟ ନେଇ ଆମେ ଆମ ଦ୍ୱିପାକ୍ଷିକ ସମ୍ପର୍କକୁ ଆହୁରି ଗଭୀର ତଥା ବିବିଧ କରିବା ଲାଗି ସଂକଳ୍ପ ନେଇଛୁ, ଯାହାଫଳରେ ନୂଆ ଲକ୍ଷ୍ୟ ହାସଲ କରାଯାଇପାରିବ ଏବଂ ଦୁଇ ଦେଶର ସହଯୋଗୀ ସାମର୍ଥ୍ୟକୁ ଉନ୍ନତ ଢଙ୍ଗରେ ଉପଯୋଗ କରାଯାଇପାରିବ।

ଡିଜାଇନ୍ କ୍ଷମତା, ଉନ୍ନତ ଉତ୍ପାଦନ କୌଶଳ ଏବଂ ବିଶ୍ୱସ୍ତରୀୟ ସୁପର କମ୍ପ୍ୟୁଟର ପ୍ରଯୁକ୍ତିବିଦ୍ୟା ଇଟାଲୀକୁ ଏକ ଶିଳ୍ପ ମହାଶକ୍ତିରେ ପରିଣତ କରିଛି। ଆମେ ଏହାକୁ ଭାରତର ଦ୍ରୁତ ଆର୍ଥିକ ଅଭିବୃଦ୍ଧି, ଇଞ୍ଜିନିୟରିଂ ପ୍ରତିଭା, ବ୍ୟାପକ କ୍ଷମତା, ନବସୃଜନ ଏବଂ ୧୦୦ରୁ ଅଧିକ ୟୁନିକର୍ଣ୍ଣ ତଥା ୨ ଲକ୍ଷ ଷ୍ଟାର୍ଟଅପ୍ ଆଧାରିତ ଉଦ୍ୟୋଗ ଇକୋସିଷ୍ଟମ ସହ ଯୋଡି ଏକ ଶକ୍ତିଶାଳୀ ସନ୍ତୁଳନ ସୃଷ୍ଟି କରିବାକୁ ଚାହୁଁଛୁ । ଏହା କେବଳ ଏକ ସାଧାରଣ ସମନ୍ୱୟ ନୁହେଁ, ବରଂ ସହଭାଗୀ ମୂଲ୍ୟ ସୃଷ୍ଟି ଯେଉଁଥିରେ ଆମ ଦୁଇ ଦେଶର ଶିଳ୍ପ ସାମର୍ଥ୍ୟ ପରସ୍ପରକୁ ଅଧିକ ସୁଦୃ କରିବ । ୟୁରୋପୀୟ ସଂଘ ଏବଂ ଭାରତ ମଧ୍ୟରେ ମୁକ୍ତ ବାଣିଜ୍ୟ ରାଜିନାମା (ଏଫଟିଏ) ଉଭୟ ଦିଗରେ ବାଣିଜ୍ୟ ଓ ନିବେଶ ବାଇବାର ମାର୍ଗ ଖୋଲିଥାଏ। ୨୦୨୯ ସୁଦ୍ଧା ଭାରତ ଓ ଇଟାଲୀ ମଧ୍ୟରେ ବ୍ୟବସାୟିକ କାରବାରକୁ ୨୦ ବିଲିୟନ ୟୁରୋ ଠାରୁ ଆଗକୁ ବାଇବା ଲାଗି ଆମେ ଲକ୍ଷ୍ୟ ରଖିଛୁ । ଏଥିରେ ପ୍ରତିରକ୍ଷା ଓ ଏରୋସ୍ପେସ୍, ସ୍ୱଚ୍ଛ ପ୍ରଯୁକ୍ତିବିଦ୍ୟା, ଯନ୍ତ୍ରାଂଶ, ଯାନବାହନ ସରଞ୍ଜାମ, ରସାୟନ, ଔଷଧ, ବୟନ, କୃଷି-ଖାଦ୍ୟ କ୍ଷେତ୍ର ଏବଂ ପର୍ଯ୍ୟଟନ ସମେତ ଅନେକ କ୍ଷେତ୍ର ଉପରେ ବିଶେଷ ଧ୍ୟାନ ଦିଆଯିବ । ''ମେଡ୍ ଇନ୍ ଇଟାଲୀ'' ସବୁବେଳେ ସାରା ବିଶ୍ୱରେ ଉତ୍କୃଷ୍ଟତାର ପ୍ରତୀକ ଭାବେ ଖ୍ୟାତି ଅର୍ଜନ କରିଛି । ଆଜି ''ମେକ୍ ଇନ୍ ଇଣ୍ଡିଆ'' କାର୍ଯ୍ୟକ୍ରମର ଉଚ୍ଚ ଗୁଣବତ୍ତା ଆଧାରିତ ଲକ୍ଷ୍ୟ ସହ ଏହାର ସ୍ୱାଭାବିକ ତାଳମେଳ ଦେଖିବାକୁ ମିଳୁଛି । ଏହି ପରିପ୍ରେକ୍ଷୀରେ, ଭାରତ ପାଇଁ ଉତ୍ପାଦନରେ ଇଟାଲୀୟ କମ୍ପାନୀଗୁଡ଼ିକର ଆଗ୍ରହ ବୃଦ୍ଧି ପାଇବା ଏବଂ ଇଟାଲୀରେ ଭାରତୀୟ ଉଦ୍ୟୋଗଗୁଡ଼ିକର ପ୍ରଭାବ ମଜବୁତ ହେବା ଏକ ସକାରାତ୍ମକ ସଂକେତ ଦେଉଛି । ବର୍ତ୍ତମାନ ଦୁଇ ପକ୍ଷକୁ ମିଶାଇଲେ ୧୦୦୦ରୁ ଅଧିକ ଉଦ୍ୟୋଗ ଉଭୟ ଦେଶରେ କାର୍ଯ୍ୟ କରୁଛନ୍ତି । ଏହା ଆମ ଯୋଗାଣ ଶୃଙ୍ଖଳର ଏକୀକରଣକୁ ଆହୁରି ଅଧିକ ମଜବୁତ କରିବ। ବୈଷୟିକ ନବସୃଜନ ଆମ ଭାଗୀଦାରୀର ସବୁଠୁ ଗୁରୁତ୍ୱପୂର୍ଣ୍ଣ ଆଧାର। ଆଗାମୀ ଦଶନ୍ଧିରେ ବିଶ୍ୱରେ ଏକ ବଡ ବୈଷୟିକ ପରିବର୍ତ୍ତନ ଦେଖାଦେବ । ଏଥିରେ କୃତ୍ରିମ ବୁଦ୍ଧିମତା, କ୍ୱାଣ୍ଟମ କମ୍ପ୍ୟୁଟିଂ, ଅତ୍ୟାଧୁନିକ ଉତ୍ପାଦନ, ଗୁରୁତ୍ୱପୂର୍ଣ୍ଣ ଖଣିଜ ଏବଂ ଡିଜିଟାଲ ମୌଳିକ ଭିତ୍ତିଭୂମି ଭଳି କ୍ଷେତ୍ରରେ ଦ୍ରୁତ ପ୍ରଗତି ହେବ । ଭାରତରେ ଦ୍ରୁତ ଗତିରେ ବଢୁଥିବା ନବସୃଜନ ପରିବେଶ ଏବଂ ବହୁସଂଖ୍ୟକ କୁଶଳୀ ପେସାଦାର ତଥା ଇଟାଲୀର ଉନ୍ନତ ଶିଳ୍ପ କ୍ଷମତା ଏସବୁ କ୍ଷେତ୍ରରେ ଦୁଇ ଦେଶର ସହଯୋଗକୁ ସ୍ୱାଭାବିକ ଏବଂ ରଣନୀତିକ କରିଥାଏ। ଦୁଇ ଦେଶର ବିଶ୍ୱବିଦ୍ୟାଳୟ ଏବଂ ଗବେଷଣା ପ୍ରତିଷ୍ଠାନ ମଧ୍ୟରେ ବର୍ଦ୍ଧିତ ଭାଗୀଦାରୀ ମଧ୍ୟ ଏହାକୁ ଆହୁରି ମଜବୁତ କରିବ।

ଭାରତର ଡିଜିଟାଲ୍ ସାର୍ବଜନୀନ ଭିତ୍ତିଭୂମି (ଡିପିଆଇ) ବିଶ୍ୱର ଅନେକ ଦେଶ, ବିଶେଷକରି ଗ୍ଲୋବାଲ୍ ସାଉଥ୍ ପାଇଁ ଆକର୍ଷଣର କେନ୍ଦ୍ର ହୋଇପାରିଛି। ମୁଖ୍ୟତଃ କୃତ୍ରିମ ବୁଦ୍ଧିମତା (ଏଆଇ) ଆଜି ଆମ ସମାଜ ଏବଂ ବିଶ୍ୱ ଅର୍ଥବ୍ୟବସ୍ଥା ଉପରେ ଗଭୀର ପ୍ରଭାବ ପକାଇଛି । ଭାରତ ଓ ଇଟାଲୀ ଦୀର୍ଘ ସମୟ ଧରି ଏ କ୍ଷେତ୍ରରେ ସହଯୋଗକୁ ଆଗକୁ ବାଉଛନ୍ତି, ଯାହାଫଳରେ ଏଆଇର ବିକାଶ ଉତ୍ତରଦାୟୀ ଏବଂ ମାନବ କୈନ୍ଦ୍ରିକ ହୋଇପାରିବ । ଏହି ପରିପ୍ରେକ୍ଷୀରେ ଭାରତ ଓ ଇଟାଲୀ ଏଆଇକୁ ସମାବେଶୀ ବିକାଶର ଏକ ଶକ୍ତିଶାଳୀ ମାଧ୍ୟମ ରୂପେ ଗ୍ରହଣ କରିଛନ୍ତି । ବିଶେଷ କରି ଗ୍ଲୋବାଲ୍ ସାଉଥ୍ ଦେଶ ଗୁଡ଼ିକରେ ଡିଜିଟାଲ ସାର୍ବଜନୀନ ଭିତ୍ତିଭୂମି ଏବଂ ସହଜରେ ଉପଲବ୍ଧ ବହୁଭାଷୀ ଜ୍ଞାନକୌଶଳ ଜରିଆରେ ଏଆଇ ସାମାଜିକ ଓ ଡିଜିଟାଲ ବ୍ୟବଧାନକୁ ଅଧିକ ବାଇବା ପରିବର୍ତ୍ତ ଭରଣା କରିପାରିବ । ମଣିଷକୁ ପ୍ରଯୁକ୍ତି ପ୍ରୟୋଗର କେନ୍ଦ୍ରରେ ରଖିବା ଲାଗି ଭାରତର 'ମାନବକୈନ୍ଦ୍ରିକ' ଦୃଷ୍ଟିକୋଣ ଏବଂ ମାନବବାଦୀ ପରମ୍ପରା ଉପରେ ଆଧାରିତ ଇଟାଲୀର ମାନବ କୈନ୍ଦ୍ରିକ ''ଏଲ୍ଗର-ଏଥିକ୍ସ'' ଅବଧାରଣାକୁ ଆମେ ଆଗକୁ ବାଉଛୁ



। କୃତ୍ରିମ ବୁଦ୍ଧିମତ୍ତାକୁ ସାମାଜିକ ସଶକ୍ତିକରଣର ମାଧ୍ୟମରେ ପରିଣତ କରିବା ଆମ ଭାଗୀଦାରୀର ଉଦ୍ଦେଶ୍ୟ। ଭାରତର ବିଶାଳ ଡିଜିଟାଲ କ୍ଷମତାକୁ ଇଟାଲୀର ନୈତିକ ଏବଂ ଔଦ୍ୟୋଗିକ ବିଶେଷଜ୍ଞତା ସହ ଯୋଡିବାକୁ ଆମେ ଲକ୍ଷ୍ୟ ରଖିଛୁ, ଯାହାଫଳରେ ପ୍ରଯୁକ୍ତିବିଦ୍ୟା ମାନବ ମର୍ଯ୍ୟାଦାକୁ ରକ୍ଷା କରିବାରେ ବିନିଯୋଗ ହୋଇପାରିବ । ସୁରକ୍ଷିତ ଡିଜିଟାଲ୍ ସହଯୋଗ, କ୍ଷମତା-ନିର୍ମାଣ ଏବଂ ମଜବୁତ ସାଇବର ଭିତ୍ତିଭୂମି ସହ ଜଡିତ ସର୍ବୋତ୍ତମ ଅଭ୍ୟାସଗୁଡ଼ିକୁ ବାଣ୍ଟିବା ଜରିଆରେ ଆମେ ଏକ ଖୋଲା, ବିଶ୍ୱସନୀୟ ଏବଂ ସମାନ ଡିଜିଟାଲ୍ ବାତାବରଣ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛୁ ଯେଉଁଥିରେ ପ୍ରତ୍ୟେକ ଦେଶ ଏଆଇକୁ ଉପଯୋଗ କରିପାରିବେ ଏବଂ ଏଥିରୁ ଲାଭ ପାଇପାରିବେ । ଏହି ଦୃଷ୍ଟିକୋଣକୁ ଆଧାର କରି ଇଟାଲୀ ଅଧ୍ୟକ୍ଷତାରେ ଜି-୭ ବୈଠକ ଏବଂ ୨୦୨୬ରେ ନୂଆଦିଲ୍ଲୀରେ ଆୟୋଜିତ ଏଆଇ ଇମ୍ପାକ୍ଟ ସମ୍ମିଳନୀର ନିଷ୍କର୍ଷ ପ୍ରସ୍ତୁତ କରାଯାଇଥିଲା । ଏଆଇକୁ ମଣିଷ ଦ୍ୱାରା ଏବଂ ମଣିଷ ପାଇଁ ସୃଷ୍ଟି କରାଯାଇଥିବା ଏକ ପ୍ରଯୁକ୍ତିବିଦ୍ୟା

ଭାବରେ ସ୍ୱୀକାର କରିବାର ଅର୍ଥ ହେଉଛି ଏହା ସ୍ପଷ୍ଟ କରିବା ଯେ ପ୍ରଯୁକ୍ତିବିଦ୍ୟା ମଣିଷର ସ୍ଥାନ ଗ୍ରହଣ କରିପାରିବ ନାହିଁ କିମ୍ବା ସେମାନଙ୍କର ମୌଳିକ ଅଧିକାରକୁ ଦୁର୍ବଳ କରିପାରିବ ନାହିଁ । ଜନମତକୁ ପ୍ରଭାବିତ କରିବା କିମ୍ବା ଗଣତାନ୍ତ୍ରିକ ପ୍ରକ୍ରିୟାରେ ହସ୍ତକ୍ଷେପ କରିବା ଲାଗି ମଧ୍ୟ ଏହାର ଉପଯୋଗ କରାଯିବା ଉଚିତ୍ ନୁହେଁ । ବ୍ୟାପକ ଭାବେ ପରସ୍ପର ସହ ଜଡିତ ବିଶ୍ୱରେ ସ୍ୱାଧୀନତା ଏବଂ ମାନବ ମର୍ଯ୍ୟାଦାକୁ ରକ୍ଷା କରିବା ଲାଗି ଆମର ଦୃଷ୍ଟିକୋଣ ଏହି ଆହ୍ୱାନ ଉପରେ ଆଧାରିତ ।

ଆମ ସହଯୋଗ ମହାକାଶ କ୍ଷେତ୍ରରେ ମଧ୍ୟ ବିସ୍ତାରିତ । ମହାକାଶ ଗବେଷଣା ଏବଂ ଉପଗ୍ରହ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଭାରତ ଉଲ୍ଲେଖନୀୟ ଅଗ୍ରଗତି ହାସଲ କରିଛି । ସେହିପରି ମହାକାଶ ଇଞ୍ଜିନିୟରିଂରେ ଇଟାଲୀର ଉତ୍କର୍ଷତା ରହିଛି । ଏହା ମିଳିତ ପ୍ରକଳ୍ପ ଏବଂ ନୂତନ ପିଢ଼ିର ପ୍ରଯୁକ୍ତିବିଦ୍ୟା ବିକାଶ ପାଇଁ ଶ୍ରେଷ୍ଠ ସୁଯୋଗ ପ୍ରଦାନ କରେ। ରାଷ୍ଟ୍ରଗୁଡ଼ିକର ସମୃଦ୍ଧି ସୁନିଶ୍ଚିତ କରିବା ପାଇଁ ସୁରକ୍ଷା ଓ ସ୍ଥିରତା ଅତ୍ୟନ୍ତ ଜରୁରୀ। ତେଣୁ, ଇଟାଲୀ ଓ ଭାରତ ପ୍ରତିରକ୍ଷା, ସୁରକ୍ଷା ଏବଂ ରଣନୀତିକ ପ୍ରଯୁକ୍ତିବିଦ୍ୟା ଭଳି କ୍ଷେତ୍ରରେ ସେମାନଙ୍କର ସହଯୋଗକୁ ଆହୁରି ମଜବୁତ କରିବାକୁ ଚାହାନ୍ତି । ଆମ ସହଯୋଗ ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ମାର୍ଗର ସୁରକ୍ଷା ସୁନିଶ୍ଚିତ କରିବା ତଥା ଆତଙ୍କବାଦ, ଅନ୍ତର୍ଜାତୀୟ ଅପରାଧ ନେଟୱାର୍କ, ନିଶାଦ୍ରବ୍ୟ ଚୋରା କାରବାର, ସାଇବର ଅପରାଧ

ଏବଂ ମାନବ ତସ୍କରି ଭଳି ସମସ୍ୟାର ମୁକାବିଲାକୁ ଅଧିକ ସୁଦୃ କରିବାରେ ସହାୟକ ହେବ ।

ଶକ୍ତି ହେଉଛି ଆମ ସହଭାଗୀତାର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ। ବିଶ୍ୱରେ ବିବିଧ ଶକ୍ତି ଉତ୍ସ ଦିଗରେ ହେଉଥିବା ପରିବର୍ତ୍ତନ ଲାଗି ନବସୃଜନ, ନିବେଶ ଏବଂ ସହଯୋଗ ଆବଶ୍ୟକ । ଭାରତ ଓ ଇଟାଲୀ ଅକ୍ଷୟ ଶକ୍ତି ଠାରୁ ଆରମ୍ଭ କରି ହାଇଡ୍ରୋଜେନ ପ୍ରଯୁକ୍ତି ଏବଂ ସ୍ମାର୍ଟ ଗ୍ରୀଡ ଠାରୁ ଆରମ୍ଭ କରି ସୁଦୃଢ଼ ଭିତ୍ତିଭୂମି ପର୍ଯ୍ୟନ୍ତ ବିଭିନ୍ନ କ୍ଷେତ୍ରରେ ଏକାଠି କାମ କରୁଛନ୍ତି । ସବୁଜ ହାଇଡ୍ରୋଜେନ୍ ରପ୍ତାନିର ବିଶ୍ୱସ୍ତରୀୟ କେନ୍ଦ୍ର ହେବା ପାଇଁ ଭାରତର ପ୍ରୟାସରେ ଅପାର ସମ୍ଭାବନା ରହିଛି । ଏହା ଇଟାଲୀର ଉନ୍ନତ ଅକ୍ଷୟ ଶକ୍ତି ଭିତ୍ତିଭୂମି ଏବଂ ୟୁରୋପ ଲାଗି ଏକ ଶକ୍ତି ପ୍ରବେଶ ଦ୍ୱାର ରୂପେ ଏହାର ରଣନୀତିକ ଭୂମିକା ସହ ସମ୍ପୂର୍ଣ୍ଣ ମେଳ ଖାଉଛି । ଏହି ପରିପ୍ରେକ୍ଷୀରେ, ଭାରତ ନେତୃତ୍ୱରେ ହେଉଥିବା ପ୍ରମୁଖ ପ୍ରୟାସ – ଅନ୍ତର୍ଜାତୀୟ ସୌର ମେଣ୍ଟ (ଆଇଏସଏ),ବିପର୍ଯ୍ୟୟ ପ୍ରତିରୋଧୀ ଭିତ୍ତିଭୂମି ପାଇଁ ମେଣ୍ଟ (ସିଡିଆରଆଇ) ଏବଂ ଗ୍ଲୋବାଲ୍ ବାୟୋଫୁଏଲ୍ସ ଆଲାଏନ୍ସ (ଜିବିଏ)ରେ ଅନ୍ୟ ଦେଶ ସହ ଆମ ସହଯୋଗ ମଧ୍ୟ ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ।

ଭୌତିକ, ଡିଜିଟାଲ ଏବଂ ମାନବୀୟ ସମ୍ପର୍କର ଖିଅରେ ଆମେ ପରସ୍ପର ସହ ବାନ୍ଧି ହୋଇ ରହିଛୁ। ଭାରତ ଓ ଇଟାଲୀ ଉଭୟ ଭାରତ-ପ୍ରଶାନ୍ତ ମହାସାଗର ଏବଂ ଭୂମଧ୍ୟସାଗର କ୍ଷେତ୍ର ଭଳି ବିଶ୍ୱ ଅର୍ଥବ୍ୟବସ୍ଥାର ଦୁଇଟି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରର କେନ୍ଦ୍ରରେ ରହିଛନ୍ତି । ଏବେ ଏହି କ୍ଷେତ୍ରଗୁଡିକୁ ଭିନ୍ନ ଭିନ୍ନ ନୁହେଁ, ବରଂ ପରସ୍ପର ସହ ଜଡିତ ଅଞ୍ଚଳ ରୂପରେ ଦେଖାଯାଉଛି । ବାସ୍ତବରେ ଏକ ନୂଆ ''ଭାରତ-ଭୂମଧ୍ୟସାଗର'' (ଇଣ୍ଡୋ-ମେଡିଟେରେନିୟାନ) କ୍ଷେତ୍ର ବିକଶିତ ହେଉଥିବା ଆମେ ଦେଖୁଛୁ । ଏହି କ୍ଷେତ୍ର ବାଣିଜ୍ୟ କାରବାର, ପ୍ରଯୁକ୍ତିବିଦ୍ୟା, ଶକ୍ତି, ଡାଟା ଏବଂ ବିଚାରଗୁଡିକର ଏକ ଗୁରୁତ୍ୱପୂର୍ଣ୍ଣ କରିଡର୍ ଯାହା ଭାରତ ମହାସାଗରକୁ ୟୁରୋପ ସହ ଯୋଡିଥାଏ। ପରସ୍ପର ସହ ଜଡିତ ଏହି କ୍ଷେତ୍ରରେ ଆମ ସମ୍ପର୍କ ସ୍ୱାଭାବିକ ଭାବେ ଏକ ସ୍ୱତନ୍ତ୍ର ରଣନୀତିକ ଭାଗୀଦାରୀ ରୂପେ ବିକଶିତ ହେଉଛି। ଏପରି ଭାଗୀଦାରୀ ଦୁଇଟି ମହାଦେଶକୁ ଯୋଡିଥାଏ ଏବଂ ନୂଆ ବିଶ୍ୱ ପରିସ୍ଥିତିକୁ ଆକାର ଦେଇଥାଏ। ଏହି ପରିପ୍ରେକ୍ଷୀରେ, ଭାରତ-ମଧ୍ୟପ୍ରାଚ୍ୟ-ୟୁରୋପ ଆର୍ଥିକ କରିଡର (ଆଇଏମଇସି) ଏକ ଦୂରଦୃଷ୍ଟିପୂର୍ଣ୍ଣ ଯୋଜନା । ଏହାର ଲକ୍ଷ୍ୟ ହେଉଛି, ଆଧୁନିକ ପରିବହନ ଓ ଭିତ୍ତିଭୂମି, ଡିଜିଟାଲ ନେଟୱାର୍କ, ଶକ୍ତି ବ୍ୟବସ୍ଥା ଏବଂ ଦୃଢ଼ ଯୋଗାଣ ଶୃଙ୍ଖଳ ମାଧ୍ୟମରେ ଆମ କ୍ଷେତ୍ରଗୁଡ଼ିକୁ ସଂଯୋଗ କରିବା। ଭାରତ ଓ ଇଟାଲୀ ଏହି ଦୃଷ୍ଟିକୋଣକୁ ବାସ୍ତବ ରୂପ ଦେବା ପାଇଁ ଅନ୍ୟ ଅଂଶୀଦାର ଦେଶମାନଙ୍କ ସହିତ ମିଶି କାମ କରିବାକୁ ସଂକଳ୍ପବଦ୍ଧ ଅଛନ୍ତି ।

ଦୁଇ ଦେଶ ମଧ୍ୟରେ ଗଭୀର ସମ୍ପର୍କ ଏବଂ ଲମ୍ବା ସାଂସ୍କୃତିକ ସଂଲଗ୍ନତା ଆଧାରରେ ଆମେ ଆମ ସହଭାଗୀ ସମସ୍ୟାର ସମାଧାନ କରିପାରିବା। ଭାରତୀୟ ସଂସ୍କୃତିରେ ''ଧର୍ମ''ର ବିଚାର ସେହି ଉତ୍ତରଦାୟୀ ଭାବନାକୁ ଦର୍ଶାଇଥାଏ ଯାହା ଆମ କାର୍ଯ୍ୟକୁ ମାର୍ଗଦର୍ଶନ କରିବା ଉଚିତ୍ । ସେହିପରି ''ବସୁଧୈବ କୁଟୁମ୍ବକମ୍'' – ଅର୍ଥାତ୍ ''ସାରା ବିଶ୍ୱ ଏକ ପରିବାର''ର ସିଦ୍ଧାନ୍ତ ବର୍ତ୍ତମାନ ପରସ୍ପର ସହ ଜଡିତ ଡିଜିଟାଲ ଯୁଗରେ ଆହୁରି ଅଧିକ ପ୍ରାସଙ୍ଗିକ ପ୍ରତୀୟମାନ ହେଉଛି । ଏହି ମୂଲ୍ୟବୋଧ ନବଜାଗରଣ କାଳରେ ସୃଷ୍ଟି ହୋଇଥିବା ଇଟାଲୀର ମାନବତାବାଦୀ ପରମ୍ପରା ସହ ମଧ୍ୟ ମେଳ ଖାଉଛି । ଏହି ପରମ୍ପରା ପ୍ରତ୍ୟେକ ବ୍ୟକ୍ତିଙ୍କ ମର୍ଯ୍ୟାଦା ଏବଂ ସଂସ୍କୃତିର ସେହି ଶକ୍ତି ଉପରେ ଗୁରୁତ୍ୱାରୋପ କରିଥାଏ ଯାହା ସମାଜ ଓ ଲୋକମାନଙ୍କୁ ଏକଜୁଟ କରିପାରେ । ସେଥିପାଇଁ ଲୋକମାନଙ୍କୁ କେନ୍ଦ୍ରରେ ରଖି ଭାରତ-ଇଟାଲୀ ସମ୍ପର୍କକୁ ଅଧିକ ସୁଦୃ, ଆଧୁନିକ ଏବଂ ଭବିଷ୍ୟ ଉନ୍ମୁଖୀ ଆଧାର ପ୍ରଦାନ କରିବା ଆମ ସହଭାଗୀ ଦୃଷ୍ଟିକୋଣର ଉଦ୍ଦେଶ୍ୟ।

**ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ**

## ଏକାଠି ଗୁନ୍ଥି ରଖନ୍ତୁ ପରିବାରକୁ
## 'ଶିଶୁ ବଢ଼ି କ୍ରମେ ହୁଏ ଯୁବା ବୃଦ୍ଧ, ଚତୁର ପ୍ରବୀଣ ନର'

**ନିବେଦିତା ପ୍ରିୟଦର୍ଶିନୀ ଶୁକ୍ଳା**

ଆଜିର ଖବରକାଗଜ ଉପରେ ଆଖି ପକାଇଲା ବେଳକୁ ଛାତି ଭିତରେ ଦଳକାଇ ଦେଲାଭଳି ଘଟଣାଟି ଅସହ୍ୟ କଷ୍ଟ ଦେଲା। ବାଲିପାଟଣା ଥାନା ଅଧୀନ ବସନ୍ତଡିହ ଗ୍ରାମର ଏକୋଇଶ ବର୍ଷ ବୟସର ପୁଅ ଶିବ ପ୍ରସାଦ ବାପାଙ୍କୁ ମଦ ପିଉଥିବାର ଦେଖି ଆତ୍ମହତ୍ୟା ଭଳି ଚରମ ନିଷ୍ପତ୍ତି ନେଇଗଲା। ତାଙ୍କ ବାପା ରାଜକିଶୋର ସାହୁଙ୍କର ସେ ଗୋଟିଏ ପୁଅ ଏବଂ ତାଙ୍କର ବି ଜଣେ ଭଉଣୀ ଅଛନ୍ତି। ବାପାଙ୍କର ଦୀର୍ଘ ଦିନର ଜଳଖିଆ ଦୋକାନର ରୋଜଗାରରୁ ଘର ଚଳେ। କିନ୍ତୁ ମଦ ନିଶାରେ ରାଜୁ ସବୁକିଛି ଅଜାଡ଼ି ଦେଇ ଘରକୁ କିଛି ଯୋଗାନ୍ତି ନାହିଁ। ପରିବାରରେ ଅଭାବ ଅନଟନ କଳହ ଭିତରେ, ବାପାଙ୍କୁ କାମରେ ସାହାଯ୍ୟ କରି ନିକଟସ୍ଥ କଲେଜରେ ସ୍ନାତକ ପଢୁଥିବା ଶିବ ସବୁବେଳେ ମନସ୍ତାପରେ ରହୁଥିଲେ। ଆଜି ବାପାଙ୍କ ମଦ୍ୟପାନ ଦେଖି ନିଜ ମାନସିକ ଭାରସାମ୍ୟ ହାରାଇ ଦୋକାନ ଘର ଛେଣିରେ ରଷିଲଗାଇ ଝୁଲି ପଡ଼ିଲେ। ସମ୍ପର୍କୀୟ ଓ ଗ୍ରାମବାସୀ କେବଳ ନୁହଁନ୍ତି ଏହି ଘଟଣାଟି ଓଡ଼ିଶାର ଅଗଣିତ ବାପ-ମାଆଙ୍କ ପାଇଁ ଏକ ଆହ୍ୱାନ। ବିଶେଷକରି ନିଶାସେବନ, କଳହ, ଅଭାବ କିପରି ଏକ ପରିବାର ଉଜାଡ଼ି ଦିଏ ? କିପରି ଏକ ମେଧାବୀ ପିଲାର ସ୍ୱପ୍ନ ସବୁ ସରିଯାଏ ? କିପରି ଜଣେ ମାଆ ସହିପାରିବ, କିଏ ତା କୋଳ ଆଉ ଭରି ଦେଇପାରିବ ? ଏହି ଲେଖାଟି ଲେଖିଲା ବେଳକୁ ମନେ ପଡୁଛି ମୁଁ ଯେତେବେଳେ ଫୁଲ ଗୁନ୍ଥେ। ଭାବେ ଏହି ମାଳଟି କେବଳ ନାମକୁ ମାତ୍ର ଏକ ଫୁଲ ମାଳ ନୁହେଁ ଏହା ଭିତରେ ତ ସତରେ ରହିଛି ଅନେକ ଚେତନା, ଅନେକ ଭାବନା, ଅନେକ ସମ୍ଭାବନା, ଅନେକ ଜାଣିବାର ଜୀବନ ବିଦ୍ୟା, ଜୀବନ ସୂତ୍ର।

ଆମ ଜୀବନରେ ପ୍ରଥମେ ଆମ ସଂସାର, ଆମ ବନ୍ଧୁବର୍ଗ, ପଡ଼ା ପଡ଼ୋଶୀ ସମାଜ। ଏହି ସବୁକୁ ନେଇ ସୂତାଟି ଗୋଲ ହୋଇ ତିଆରି ହୋଇଛି ଯାହାର ସମର୍ପଣ ପ୍ରାପକ ହେଉଛନ୍ତି ଭଗବାନ। ଜୀବନରେ ନିଶ୍ଚିନ୍ତ ଭାବରେ ତାଳ ମେଳର ଅଭାବ ରହିବ, ଚାପ ରହିବ, ଜଣେ ଖୋଜିବ ଖୁସି, ଖୋଜିବ ନିଜ ଲୋକମାନେ ଯୋଡ଼ି ହୁଅନ୍ତୁ ତା ସହିତ, ତା ଭାବନା ସହିତ, ତା କୋହ ସହିତ କିନ୍ତୁ ଏ ସବୁ ଭିତରେ ଅଚାନକ ଝଡ଼ ପରି ଅନେକ ଆହ୍ୱାନ ଏହି ମାଳକୁ ଚୂର୍ଣ୍ଣ ବିଚୂର୍ଣ୍ଣ କରିଦେବା ପାଇଁ ଆସିଥାଏ। କିନ୍ତୁ ଏ ସ୍ଥାନରେ ଭଲ ପାଇବା, ଭାଇଚାରା, ମଣିଷ ପଣିଆ ବିଶ୍ୱ ଭ୍ରାତୃତ୍ୱ ଏହା ହିଁ ସବୁଠାରୁ ବଡ଼ ଜୀବନ ଚେତନା। ବଡ଼ ସମୟର ଆହ୍ୱାନ। ଜୀବନର ଅନ୍ୟ ଏକ ପାର୍ଶ୍ୱ ବି ଲେଖୁଛି। ଜଣେ ସନ୍ଧ୍ୟା ପୂର୍ବରୁ ଯଦି ଦୀପ ଲଗାଇ ଦିଏ ତେବେ ଘର ଅନ୍ଧାର ହୋଇନଥାଏ। ଏହା ପାଇଁ ନିର୍ଦ୍ଦିଷ୍ଟ ସମୟ ରହିଥାଏ। ତାହେଲେ କଣ କରିବା ? କିପରି ଗୋଟିଏ ସୂତାରେ ଗୋଟିଏ ପରିବାରକୁ ବାନ୍ଧି ପାରିବା, ଏହି ପରିବାରର ଖୁସି, ଆନନ୍ଦ, ସମର୍ପଣ ହିଁ ଭଗବାନଙ୍କ ଚରଣ ପ୍ରାପ୍ତି। ଶିବ ପରି ଅନେକ ପିଲାଙ୍କ ଜୀବନ ଅକାଳରେ ଚାଲି ଯାଉଛି ନିଜ କର୍ମର ନୁହେଁ ବରଂ କେଉଁଠି ପିତାର କର୍ମରୁ କେଉଁଠି ମାତର କର୍ମରୁ ମଧ୍ୟ। (କ୍ରମଶଃ)

# 'ପିତା ମାତା ପରି ଆଉ କେ ଅଛି ସଂସାରେ, ଧନ୍ୟ ସେ ଯେ ଦିଏ ପ୍ରାଣ ତାଙ୍କରି ସେବାରେ

**ଡଃ.ଅରୁନ୍ଧତୀ ଦେବୀ**

'ପିତା ମାତା ପରି ଆଉ କେ ଅଛି ସଂସାରେ, ଧନ୍ୟ ସେ ଯେ ଦିଏ ପ୍ରାଣ ତାଙ୍କରି ସେବାରେ। ବୈକୁଣ୍ଠ ସମାନ ଆହା ଅଟେ ସେହି ଘର, ପରସ୍ପର ସ୍ନେହ ଯହିଁ ଥାଏ ନିରନ୍ତର'- ମଧୁସୂଦନଙ୍କ କାଳଜୟୀ ଏହି ଦୁଇପଦ ପରିବାରର ଆସନକୁ ବୈକୁଣ୍ଠ ସମାନ ସ୍ଥାନ ଦେଇଛି। ଆମ ଭାରତୀୟ ପରିବାରକୁ ଦେଖିଲେ ସୁସ୍ଥ ସମାଜ ଓ ସୁଦୃଢ଼ ସମ୍ପ୍ରଦାୟ ତିଆରି କରିବା ପାଇଁ ପରିବାରର ଗୁରୁତ୍ୱ ସବୁଠାରୁ ଅଧିକ। ଅନେକ ଅର୍ଥନୈତିକ, ଜଞ୍ଜାଳଚକ୍ର, ତେଲ ଲୁଣର ଚିନ୍ତା ଓ ସଂଘର୍ଷ, ଆହ୍ୱାନ ଓ ପ୍ରଯୁକ୍ତିଗତ ଅଗ୍ରଗତି ସତ୍ତ୍ୱେ ପରିବାର ପ୍ରତ୍ୟେକ ମଣିଷର ଏକ ମୌଳିକ ଆବଶ୍ୟକତା ହୋଇ ରହିଛି। ପରିବାର ହିଁ ସେହିପରି ଏକ ପୁଣ୍ୟକ୍ଷେତ୍ର ଯେଉଁଠି ଜଣେ ବାଲ୍ୟକାଳରୁ ହିଁ ଜୀବନରେ ନିତି ନୈତିକତା, ମାନବୀୟ ମୂଲ୍ୟବୋଧ, ଆଦର୍ଶ, ସଂସ୍କାର ଶିକ୍ଷା ପାଇବା ସହିତ ଏକ ଆବେଗପୂର୍ଣ୍ଣ ସୁସ୍ଥତା ଓ ସାଂସ୍କୃତିକ ପରିଚୟ ପ୍ରଦାନ କରିଥାଏ। ତେଣୁ ପରିବାରକୁ ପ୍ରଭାବିତ କରୁଥିବା ସମସ୍ୟା ଆହ୍ୱାନ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ପାଇଁ ପ୍ରତି ବର୍ଷ ବିଶ୍ୱ ପରିବାର ଦିବସ ପାଳନ ହୋଇଥାଏ। ପ୍ରତିବର୍ଷ ଗୋଟିଏ ଗୋଟିଏ ଶିକ୍ଷାଦାୟୀ ବାର୍ତ୍ତା ରହିଥାଏ ଏ ବର୍ଷର ବାର୍ତ୍ତା ରହିଛି – 'ପରିବାର, ଅସମାନତା ଓ ଶିଶୁଙ୍କ ସୁସ୍ଥତା'। ସଂପ୍ରତି ବିଶ୍ୱ ସ୍ତରରେ ଯେଉଁପରି ନାନାଦି ସଙ୍କଟ, ସାମାଜିକ, ଅର୍ଥନୈତିକ, ସାମରିକ, ବୈଶମ୍ୟ, ଜଳବାୟୁର ଅଚିନ୍ତନୀୟ ଅସ୍ୱାଭାବିକ ଆହ୍ୱାନ ଅନେକ ପରିବାରର ଜୀବନ ବିଶେଷକରି ଶିଶୁଙ୍କ ଭବିଷ୍ୟତ ପାଇଁ ପ୍ରଭାବ ସୃଷ୍ଟି କରୁଛି। ତେଣୁ ଏହି ଆହ୍ୱାନକୁ ମୁକାବିଲା କରିବା ପାଇଁ ମିଳିତ ଜାତିସଂଘ ପରିବାର କୈନ୍ଦ୍ରିକ ନୀତି ପ୍ରଣୟନ ସହିତ ଶିଶୁଙ୍କ ସାମଗ୍ରିକ ସୁସ୍ଥ ବିକାଶତା ପାଇଁ ଆହ୍ୱାନ ଦେଇଛି।

ପରିବାର ପାଇଁ ଜଣେ କିପରି ତ୍ୟାଗ ନିର୍ବାହ କରିପାରେ, ଆଜିର ଗଣମାଧ୍ୟମର ଖବରଟି ମୋ ପାଇଁ ଯେତିକି ଚକିତ କଲାଭଳି ଥିଲା ସେତିକି ମର୍ମାନ୍ତିକ ମଧ୍ୟ। ଜଣେ ମାଆ ନିଜ ପିଲାର ସୁରକ୍ଷା ପାଇଁ କିଛି ବି କରିପାରେ। ନିଜ ପିଲାଟି ଉପରେ ଟିକିଏ ବି ଧୂଳିର ବିପଦ ଆସିଲେ ମାଆ ପଣତ କାନି ଘେରାଇ ଦେଇଥାଏ, ପୁଅ ପାଇଁ ନିଜ ଜୀବନକୁ ପ୍ରଥମେ ହିଁ ବାଜିରେ ଲଗାଇ ଦିଏ। ଏହିପରି ଏକ ବଡ଼ ଘଟଣା ସଂଗଠିତ ହୋଇଛି ମେକ୍ସିକୋରେ। ଜଣେ ବିଚାରପତି ରାମାରେଜ ଦୃଷିଆଗା। ୩୫ ବର୍ଷୀୟ ଏହି ବିଚାରପତି ମେ ୩ ତାରିଖରେ ନିକଟସ୍ଥ ଏକ ସ୍ପୋର୍ଟସ କମ୍ପ୍ଲେକ୍ସରେ ଖେଳ ଦେଖିବା ପାଇଁ ନିଜ ତିନି ବର୍ଷୀୟ ପୁଅ ସହିତ ଯାଇଥିଲେ। ଅଚାନକ ମହୁମାଛି ମାନେ ଚାରିଆଡୁ ସାଂଘାତିକ ଭାବେ ରାମାରେଜ ଓ ତାଙ୍କ ପୁଅ ତଥା ଅନ୍ୟମାନଙ୍କ ଉପରେ ମଧ୍ୟ ଆକ୍ରମଣ କରିଦେଇଥିଲେ ତେବେ ପୁଅକୁ ସୁରକ୍ଷା ଦେବା ପାଇଁ ରାମାରେଜ ନିଜେ ପିନ୍ଧିଥିବା ବଡ଼ ସ୍ୱିଇଟରକୁ ଖୋଲି ପୁଅକୁ ଘୋଡ଼ାଇ ଦେଇଥିଲେ କିନ୍ତୁ ନିଜେ ମହୁମାଛିଙ୍କ ତୀବ୍ର ବିଷାକ୍ତ ଦଂଶନର ଶିକାର ହୋଇଥିଲେ। ନଅ ଦିନ ହସ୍ପିଟାଲରେ ମୃତ୍ୟୁ ସହିତ ଲଢ଼ି ଶେଷରେ ତାଙ୍କ ଜୀବନ ଚାଲିଯାଇଛି। ଜଣେ ମାଆ ନିଜ ପିଲାଟି ପାଇଁ କିପରି ଯେ ନିଜ ଜୀବନକୁ ଦେଇ ପାରେ ଏହା ବଡ଼ ଉଦାହରଣ ଆଉ ନାହିଁ। ପଲ୍ଲୀ କବି ନନ୍ଦକିଶୋର ବଳଙ୍କ ଲେଖନୀଟି ମନେପଡୁଛି – 'ମାତୃସ୍ନେହ ସମ କି ଅଛି ସଂସାରେ, ଅଟେ ତା ସରଗ ସୁଧା ଅନନ୍ତ ଅକ୍ଷୟ ଅମୃତ ଭଣ୍ଡାର ପାନେ ନ ମେଣ୍ଟଇ କ୍ଷୁଧା।'

ଯଥାର୍ଥରେ କୁହାଯାଏ ଘର ହିଁ ସ୍ୱର୍ଗ। ଘର ହିଁ ଦେବତାଙ୍କ ନିବାସ ଦେବାଳୟ। ଯେଉଁଠି ପିତାମାତା ଓ ଗୁରୁଜନଙ୍କ ପରି ଦେବତାମାନେ ବିରାଜିତ। ଆମ ହାତ ପାହାନ୍ତାରେ ଏହି ଜୀବନ୍ତ ଦେବତାମାନେ ଆମ୍ଭମାନଙ୍କୁ ଭଲ ରାସ୍ତା ଦେଖାଇବା ପାଇଁ ସବୁବେଳେ ଆଶୀର୍ବାଦ ପରାମର୍ଶ ଦେଇଥାନ୍ତି। ଘରର ଗୃହକର୍ତ୍ତା ଭାବେ ଯିଏ ଦାୟିତ୍ୱ ସମ୍ପାଦନ କରିଥାନ୍ତି ତାଙ୍କ ଉପରେ ସବୁବେଳେ ଗୁରୁଦାୟିତ୍ୱ ରହିଥାଏ। ଗୃହକର୍ତ୍ତାଙ୍କ ପରାମର୍ଶ, ମତାମତ ଓ ମାର୍ଗଦର୍ଶନରେ ଘରଟି ଚାଲିଲେ କୌଣସି ବିପଦ ଆପଦକୁ ଏହା ସମ୍ମୁଖୀନ ହେବାର ଅବକାଶ ମିଳିନଥାଏ। କଥାରେ ଅଛି – 'ସଂସାର ଭିତରେ ଘର କରିଥିଲେ ପଥର ପଡ଼ିଲେ ସହି।' ଅର୍ଥାତ୍ ସଂସାରର ଡଙ୍ଗା ବାହିନେବା ବେଳେ ସୁଖ ଓ ଦୁଃଖର ଜୁଆର ଆଉ ଭଟ୍ଟାକୁ ସମ୍ମୁଖୀନ ହେବାକୁ ପଡ଼ିଥାଏ। କିନ୍ତୁ କୌଣସି ପରିସ୍ଥିତିରେ ଧୈର୍ଯ୍ୟହରା ନହୋଇ ମାନବୀୟ ମୂଲ୍ୟବୋଧକୁ ଆପଣାଇ ସଂସାରର ଦାୟିତ୍ୱବୋଧତାକୁ ସମ୍ପାଦନ କରିବା ହିଁ ଯଥାର୍ଥ ମଣିଷ ପଣିଆ।

ଘର ହିଁ ସ୍ୱର୍ଗ। ଆଉ ଘର ହେଉଛି ସବୁଠାରୁ ଜଣଙ୍କ ପାଇଁ ସୁନ୍ଦର ଓ ସୁରକ୍ଷିତ ଆଶ୍ରୟସ୍ଥଳ। ଘର ପରି ବୈକୁଣ୍ଠ ଏ ସୃଷ୍ଟିରେ ଆଉ କିଛି ହିଁ ନାହିଁ। ତଥାପି ଭୁଲବୁଝାମଣାର ବିଭେଦତା ପରିବାର ଭିତରେ ବେଳେବେଳେ ଦୁଃଖ, ଝଡ଼ ଆଉ ଝଞ୍ଜାର କାଳ ବୈଶାଖୀକୁ ସାମ୍ନା କରିଥାଏ। ତଥାପି କିନ୍ତୁ ବୈକୁଣ୍ଠ ସମାନ ଘର କେବେ ବି ଭାଙ୍ଗି ନଥାଏ। ଭାଇଚାରା, ଭଲ ପାଇବାର ବନ୍ଧନୀ, ଗୁରୁଜନଙ୍କ ପ୍ରତି ସମ୍ମାନ ଓ ଭକ୍ତି, ଲଘୁଜନଙ୍କ ପ୍ରତି ପ୍ରେମ ଓ କର୍ତ୍ତବ୍ୟର ଦାୟିତ୍ୱ ବୋଧତା ଗୋଟିଏ ରଜୁରେ ସମସ୍ତଙ୍କୁ ବାନ୍ଧିଥାଏ। ପରିବାରର ବାହାରକୁ ଦେଖା ଦେଉଥିବା ଝଡ଼ ଦୁଃଖଦ ମୁହୂର୍ତ୍ତରେ ପରିବାରର ସମସ୍ତେ ଗୋଟାଏ ବିଡ଼ାର କାଠ ପରି ବାନ୍ଧି ହୋଇ ଶକ୍ତିଶାଳୀ ହୋଇଯାଇଥାନ୍ତି। ଆଜି ବିଶ୍ୱ ପରିବାର ଦିବସ ଦିନରେ ସୁଦୂର ମେକ୍ସିକୋର ବିଚାରପତି ମାଆ ରାମାରେଜଙ୍କ ନିଜ ପୁଅଙ୍କ ଜୀବନ ପାଇଁ ଯେଉଁ ତ୍ୟାଗ, କେଜାଣି କାହିଁକି ସେହି ଅମୃତର ଚେତନା ଆମ ମାନଙ୍କୁ ନିଶ୍ଚିନ୍ତ ବୈକୁଣ୍ଠ ସମାନ ଘରର ମୂଲ୍ୟବୋଧତାକୁ ଅନୁଭବ କରି ପରିବାରର ସମ୍ମାନ, ସଂସ୍କାର ଓ ପରମ୍ପରାକୁ ଉଜ୍ଜୀବିତ କରି ଯଥାର୍ଥ ମାନବୀୟ ଜୀବନକୁ ପ୍ରତିପାଦନ କଲେ ଏହା ହିଁ ହେବ ପରିବାର ପ୍ରତି ଶ୍ରେଷ୍ଠ ଦାୟିତ୍ୱବୋଧତା। କାନ୍ତକବି ଲକ୍ଷ୍ମୀକାନ୍ତଙ୍କ କାଳଜୟୀ ସ୍ତୁତିଟି ଉଲ୍ଲେଖ କରୁଛି – 'ପିତାମାତା କରିଛନ୍ତି ଶରୀର ପାଳନ, ଯାହାଙ୍କ ଦୟାରେ ରହିଅଛି ଏ ଜୀବନ। ତାଙ୍କ ପାଦରେ ଜୁହାର; ତାଙ୍କ ଋଣ ଶୁଝିବାକୁ ଶକତି କାହାର।'

ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ : ୯୯୩୭୧୭୨୮୧୦



# ଟ୍ରମ୍ପ ଏବଂ ନେତାନ୍ୟାହୁଙ୍କୁ ନର୍କକୁ ପଠାଅ, ୫୬୦ କୋଟି ଟଙ୍କା ନିଅ !

**ନୂଆଦିଲ୍ଲୀ,୧୯।୪(ଏଜେନ୍ସି):** ଆମେରିକା ଏବଂ ଇରାନ ମଧ୍ୟରେ ଉତ୍ତେଜନା ଏକ ଅତ୍ୟନ୍ତ ବିପଜ୍ଜନକ ମୋଡ଼ରେ ପହଞ୍ଚିବା ପରି ମନେ ହେଉଛି । ଇରାନରେ ଏକ ଆଲୋଚନା ଆରମ୍ଭ ହୋଇଛି ଯାହା ବିଶ୍ୱର ଦୃଷ୍ଟି ଆକର୍ଷଣ କରିଛି । ରିପୋର୍ଟ ଅନୁଯାୟୀ, ଇରାନ ସୁପାରି ଦେବାକୁ ଯୋଜନା କରୁଛି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ଇସ୍ରାଏଲୀ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କୁ ହତ୍ୟା କଲେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ୫କୋଟି ୮୦ ଲକ୍ଷ ଡଲାର ବା ୫୬୦ କୋଟି ଟଙ୍କାର ପୁରସ୍କାର ପ୍ରଦାନ କରିବାକୁ ଇରାନ ପ୍ରସ୍ତୁତ ହେଉଛି । ଗଣମାଧ୍ୟମ ରିପୋର୍ଟ ଦାବି କରିଛି ଯେ ଇରାନ ସଂସଦରେ ଏହି ପ୍ରସଙ୍ଗରେ ଏକ ବିଲ୍ ଆଗତ କରାଯିବା ପାଇଁ ଯୋଜନା ହେଉଛି । ଏହି ଘଟଣା ଏପରି ସମୟରେ ପ୍ରକାଶ ପାଇଛି ଯେତେବେଳେ ଗୋଟିଏ ପଟେ ଇରାନ ଶାନ୍ତି ପ୍ରସ୍ତାବ ପାଇଁ କହୁଛି ଏବଂ ଅନ୍ୟପଟେ ପ୍ରତିଶୋଧ ତଥା ଆକ୍ରମଣ ବିଷୟରେ ଖୋଲାଖୋଲି ଭାବେରେ ଆଲୋଚନା କରୁଛି । ଇରାନୀ ସଂସଦର ଜାତୀୟ ସୁରକ୍ଷା ଏବଂ ବୈଦେଶିକ ନୀତି କମିଟିର ଅଧ୍ୟକ୍ଷ ଇବ୍ରାହିମ୍ ଅଜିଜି ଘୋଷଣା କରିଛନ୍ତି ଯେ କମିଟି, 'ଇସଲାମିକ୍ ଗଣରାଜ୍ୟର ସାମରିକ ଏବଂ ସୁରକ୍ଷା ବାହିନୀ ଦ୍ୱାରା ପ୍ରତିଶୋଧ' ଶୀର୍ଷକ ଏକ ବିଲ୍ ପ୍ରସ୍ତୁତ



କରୁଛି । ଇରାନ ୱାୟାର ଏବଂ ୟୁକେର ଦି ଟେଲିଗ୍ରାଫ୍ ପ୍ରକାଶିତ ରିପୋର୍ଟ ଅନୁଯାୟୀ, ବିଲ୍ ଆମେରିକା ଏବଂ ଇସ୍ରାଏଲୀ ନେତାମାନଙ୍କୁ ହତ୍ୟା କରୁଥିବା ଯେକୌଣସି ବ୍ୟକ୍ତି କିମ୍ବା ସଂଗଠନକୁ ପୁରସ୍କାର ପ୍ରଦାନ କରିବାକୁ ପ୍ରସ୍ତାବ ରଖିଛି । ରିପୋର୍ଟ ଅନୁସାରେ,ଇରାନ ସଂସଦ ଏହି ପ୍ରସ୍ତାବ ଉପରେ ଭୋଟ୍ ହୋଇପାରେ । ଇରାନ ୱାୟାର ଅନୁଯାୟୀ, ଇବ୍ରାହିମ ଅଜିଜି କହିଛନ୍ତି ଯେ, ଆୟୋତୋଲ୍ଲା ଅଲି ଖେମିନିଙ୍କ ହତ୍ୟାରେ ଭୂମିକା ପାଇଁ ଟ୍ରମ୍ପ, ନେତାନ୍ୟାହୁ ଏବଂ ଆମେରିକାର କେନ୍ଦ୍ରୀୟ କମାଣ୍ଡ (ସେଣ୍ଟକମ୍)କମାଣ୍ଡର ଆଡମିରାଲ ବ୍ରାଡ କୁପରଙ୍କ ଉପରେ ପ୍ରତିଶୋଧ ନେବା ଉଚିତ । ଇରାନର ଜାତୀୟ ସୁରକ୍ଷା କମିସନର ଅନ୍ୟ ଜଣେ ସଦସ୍ୟ ମହମୁଦ ନାବାଭିଆନ ମଧ୍ୟ କହିଛନ୍ତି ଯେ ସଂସଦ ଖୁବ୍ ଶୀଘ୍ର 'ଟ୍ରମ୍ପ ଏବଂ ନେତାନ୍ୟାହୁଙ୍କୁ ନର୍କକୁ ପଠାଇବା' ବ୍ୟକ୍ତିଙ୍କ ପାଇଁ ପୁରସ୍କାର ସ୍ଥିର କରିବା ଉପରେ ଭୋଟ୍ ଦେବ ।ଏହି ପୁରସ୍କାର ଯୋଜନାର ଖବର ସରକାର ସମର୍ଥକ ଗଣମାଧ୍ୟମ ମାସାଫ୍ ଦାବି କରିବାର କିଛି ଦିନ ପରେ ଆସିଛି । ମାସାଫ୍ କହିଥିଲା, ଇସଲାମିକ ଶାସନ 'ଟ୍ରମ୍ପ କିଲ୍' ନାମକ ଏକ ଅଭିଯାନ ପାଇଁ ସୁପାରି ଦେବାକୁ ଯାଉଛି । ପୂର୍ବରୁ ଇରାନ-ସମର୍ଥିତ ସାଇବର ଯୁଦ୍ଧ ଗୋଷ୍ଠୀ ହଣ୍ଡାଲା ମଧ୍ୟ ଏକ ବିବୃତି ଜାରି କରି କହିଥିଲା ଯେ, ଏସବୁ ଲୋକ ଦମନ ଏବଂ ଦୁର୍ନୀତି ପାଇଁ ଦାୟୀ ।

# ଗାଜାକୁ ସହାୟତା ନେଇ ଯାଉଥିବା ଜାହାଜକୁ ମଝି ସମୁଦ୍ରରେ ଅଟକାଇଲା ଇସ୍ରାଏଲୀ ନୌସେନା

**ନୂଆଦିଲ୍ଲୀ,୧୯।୪(ଏଜେନ୍ସି):**ଇସ୍ରାଏଲୀ ନୌସେନା ଗାଜା ଷ୍ଟ୍ରିପ୍ ଅଭିମୁଖେ ଯାଉଥିବା ଏକ ମାନବିକ ସହାୟତା ଜାହାଜ କାଇରିୟାକୋସ୍ ଏକ୍ସ ଦଳକୁ ଅଟକାଇଛି । ଜାହାଜରେ ଥିବା ଦକ୍ଷିଣ କୋରିଆର କର୍ମୀ କିମ୍ ଡୋଙ୍ଗ-ହାୟୋନଙ୍କୁ ମଧ୍ୟ ଅଟକ ରଖାଯାଇଛି । ସାଇପ୍ରସ ନିକଟରେ ଇସ୍ରାଏଲୀ ନୌସେନା ଦ୍ୱାରା ଏହି ବଡ଼ କାର୍ଯ୍ୟାନୁଷ୍ଠାନ କରାଯାଇଛି । କର୍ମୀଙ୍କୁ ବର୍ତ୍ତମାନ ଅନ୍ୟ ଦେଶର ଲୋକଙ୍କ ସହିତ ଏକ ଇସ୍ରାଏଲୀ ଯୁଦ୍ଧଜାହାଜରେ ସୁରକ୍ଷା ମଧ୍ୟରେ ରଖାଯାଇଛି । ଏହି ନାଗରିକ ଗୋଷ୍ଠୀ ପାଲେଷ୍ଟାଇନର ସ୍ୱାଧୀନତାକୁ ନିରନ୍ତର ଏବଂ ଦୃଢ଼ ଭାବରେ ସମର୍ଥନ କରିଆସୁଛି । ସରକାରୀ ଯାତ୍ରା ପ୍ରତିବନ୍ଧକ ସତ୍ତ୍ୱେ କିମ୍ ଚଳିତ ମାସର ଆରମ୍ଭରେ ଗାଜା ଯାତ୍ରା କରିଥିଲେ । ତାଙ୍କର ଗସ୍ତ ଦକ୍ଷିଣ କୋରିଆ ସରକାରଙ୍କ ଦ୍ୱାରା ଲାଗୁ କରାଯାଇଥିବା କଠୋର ଯାତ୍ରା କଟକଣାର ଏକ ସିଧାସଳଖ ଏବଂ ସ୍ପଷ୍ଟ ଉଲ୍ଲଂଘନ ଥିଲା । ଦକ୍ଷିଣ କୋରିଆର କଠୋର ନିୟମ ଅନୁଯାୟୀ, ସରକାରୀ ଅନୁମତି ବିନା ଗାଜାରେ ପ୍ରବେଶ କଡ଼ାକଡ଼ି ଭାବରେ ନିଷେଧ । କିମ୍ ଡୋଙ୍ଗ-ହାୟୋନ୍ ପୂର୍ବରୁ,



ଆଉ ଜଣେ ଦକ୍ଷିଣ କୋରିଆର କର୍ମୀ କିମ୍ ଆହ-ହାୟୋନ୍ ମଧ୍ୟ ଗାଜା ଯାତ୍ରା କରିବାକୁ ଚେଷ୍ଟା କରିଥିଲେ। ଅକ୍ଟୋବରରେ, ସେ ସରକାରୀ ଅନୁମତି ବିନା ଗାଜା ଯାତ୍ରା କରିବାକୁ ଚେଷ୍ଟାକରି ବିଫଳ ହୋଇଥିଲେ । ଆଦେଶର ଉଲ୍ଲଂଘନ ପରେ, ଦକ୍ଷିଣ କୋରିଆ ସରକାର ତାଙ୍କ ପାସପୋର୍ଟକୁ ସମ୍ପୂର୍ଣ୍ଣ ରଦ୍ଦ କରିଥିଲେ । ଦକ୍ଷିଣ କୋରିଆର କଠୋର ନିୟମାବଳୀ କୌଣସି ନାଗରିକଙ୍କୁ ଗାଜା ଷ୍ଟ୍ରିପରେ ପ୍ରବେଶ କରିବା କିମ୍ବା ରହିବାକୁ ବାରଣ କରିଥାଏ ।ଏହି ନିୟମ ଉଲ୍ଲଂଘନ କଲେ ଏକ ବର୍ଷ ପର୍ଯ୍ୟନ୍ତ ଜେଲ୍ କିମ୍ବା ୧ ନିୟୁତ ୱାନ୍ ଜରିମାନା ହୋଇପାରେ, ଯାହା ପ୍ରାୟ ୬,୮୫ ଆମେରିକୀୟ ଡଲାର ସହିତ ସମାନ । ୟୋନହାପ୍ ନ୍ୟୁଜ୍ ଏଜେନ୍ସି ଅନୁଯାୟୀ, ନାଗରିକ ଗୋଷ୍ଠୀ ସିଓଲରେ ଇସ୍ରାଏଲୀ ଦୂତାବାସ ସମ୍ମୁଖରେ ଏକ ବଡ଼ ସାମ୍ବାଦିକ ସମ୍ମିଳନୀ କରିଥିଲେ । ସମସ୍ତ ସଦସ୍ୟ ଅଟକ ଦକ୍ଷିଣ କୋରିଆର କାର୍ଯ୍ୟକର୍ତ୍ତାଙ୍କୁ ତୁରନ୍ତ ମୁକ୍ତ କରିବାକୁ ଦାବି କରିଥିଲେ । ସେମାନେ ତାଙ୍କ ସୁରକ୍ଷିତ ପ୍ରତ୍ୟାବର୍ତ୍ତନ ସୁନିଶ୍ଚିତ କରିବା ପାଇଁ ସମସ୍ତ ସମ୍ଭାବ୍ୟ ପଦକ୍ଷେପ ନେବାକୁ ସରକାରଙ୍କୁ ଅନୁରୋଧ କରିଥିଲେ । ଏହି ନାଗରିକ ଗୋଷ୍ଠୀ ଖୋଲାଖୋଲି ଭାବରେ ଇସ୍ରାଏଲ ବିରୋଧରେ ନରସଂହାର ଅଭିଯୋଗ ଆଣିଛି । ସ୍ପଷ୍ଟ ଭାବରେ କୁହାଯାଇଛି, ଏହି ସହାୟତା ଅଭିଯାନ ଅନ୍ତର୍ଜାତୀୟ ସମ୍ପ୍ରଦାୟର ନୀରବତାର ଦୃଢ଼ ପ୍ରତିବାଦ ସ୍ୱରୂପ କରାଯାଉଛି । ଗତ ଦୁଇ ବର୍ଷ ଧରି ଗାଜାରେ ଜାରି ରହିଥିବା ଇସ୍ରାଏଲର ଗଣହତ୍ୟା ପ୍ରତି ବିଶ୍ୱର ବିଭିନ୍ନ ସ୍ଥାନରୁ କୌଣସି ଠୋସ୍ ପ୍ରତିକ୍ରିୟା ମିଳିନାହିଁ ବୋଲି ଗୋଷ୍ଠୀ ପକ୍ଷରୁ ଅଭିଯୋଗ କରାଯାଉଛି ।

# ଉତ୍ତରପ୍ରଦେଶରେ ଅଦିନିଆ ରଥଯାତ୍ରାକୁ ବିରୋଧ

**ନୂଆଦିଲ୍ଲୀ,୧୯।୪(ଏଜେନ୍ସି):** ଉତ୍ତରପ୍ରଦେଶରେ ଅଦିନିଆ ରଥଯାତ୍ରାକୁ ବିରୋଧ । ଉତ୍ତରପ୍ରଦେଶ ହାପୁର ଜିଲ୍ଲାରେ ଅଦିନିଆ ସ୍ନାନଯାତ୍ରା ଓ ରଥଯାତ୍ରା ପାଳନକୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଦୃଢ ବିରୋଧ କରାଯାଇଛି । ପାରମ୍ପାରିକ ତିଥି ବଦଳରେ ଅ-ତିଥିରେ ରଥଯାତ୍ରା ପାଳନରୁ ନିବୃତ ରହିବାକୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ହାପୁର ଜିଲ୍ଲାପାଳଙ୍କୁ ପତ୍ର ଲେଖି ଅନୁରୋଧ କରିଛନ୍ତି । ହାପୁରରେ ଜଗନ୍ନାଥ ସେବା ସଂସ୍ଥା ପକ୍ଷରୁ ଏହି ରଥଯାତ୍ରା ଆୟୋଜନ କରାଯାଉଛି । ଆସନ୍ତା ଜୁନ ୧୩ରେ ନେତ୍ରୋତ୍ସବ ଏବଂ ୧୪ରେ ରଥଯାତ୍ରା ଅନୁଷ୍ଠିତ ହେବ । ଯାହାକୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବିରୋଧ କରାଯାଇଛି । ଅ-ତିଥିରେ ପାଳନ କରାଯାଉଥିବା ରଥଯାତ୍ରାକୁ ବିରୋଧ କରି ଗଜପତି ମହାରାଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପରିଚାଳନା କମିଟିରେ ସଙ୍କଳ୍ପ ପାରିତ ହୋଇଛି ।ଚଳିତ ବର୍ଷ ମହାପ୍ରଭୁଙ୍କ ନେତ୍ରୋତ୍ସବ ଓ ରଥଯାତ୍ରା ପାରମ୍ପାରିକ ତଥା ଶାସ୍ତ୍ରାନୁମୋଦିତ ବିଧି ଅନୁସାରେ ଯଥାକ୍ରମେ ଜୁଲାଇ ୧୪ ଏବଂ ୧୬ ତାରିଖରେ ଅନୁଷ୍ଠିତ ହେବ ।

# ପୂର୍ବ କଙ୍ଗୋରେ ଇବୋଲା ମୃତ୍ୟୁ ୧୩୧ ଛୁଇଁଲା, ୫୧୩ ସନ୍ଦିଗ୍ଧ ମାମଲା

**ନୂଆଦିଲ୍ଲୀ,୧୯।୪(ଏଜେନ୍ସି):** ସରକାରଙ୍କ ବିଳମ୍ବ ପ୍ରତିକ୍ରିୟା ବିଷୟରେ ବିବରଣୀ ପ୍ରକାଶ ପାଇବା ପରେ କଙ୍ଗୋ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ମଙ୍ଗଳବାର ଦିନ କହିଛି ଯେ,ପୂର୍ବ କଙ୍ଗୋରେ ଇବୋଲା ୧୩୧ ଜଣଙ୍କର ମୃତ୍ୟୁ ଘଟିଛି । ୫୧୩ ସନ୍ଦିଗ୍ଧ ମାମଲା ରିପୋର୍ଟ କରାଯାଇଛି ବୋଲି ଜନସ୍ୱାସ୍ଥ୍ୟ ମନ୍ତ୍ରୀ ସାମୁଏଲ୍ ରୋଜର କାମ୍ବା କହିଛନ୍ତି । ଏଗୁଡ଼ିକ ସନ୍ଦେହଜନକ ମୃତ୍ୟୁ, ଏବଂ କେଉଁଗୁଡ଼ିକ ପ୍ରକୃତରେ ଏହି ରୋଗ ସହିତ ଜଡିତ ତାହା ନିର୍ଣ୍ଣୟ କରିବା ପାଇଁ ତଦନ୍ତ ଚାଲିଛି । ରବିବାର ଦିନ ଡବ୍ଲୁଏଚ୍ଓ ଇବୋଲା ପ୍ରକୋପକୁ ଅନ୍ତର୍ଜାତୀୟ ଚିନ୍ତାର ଏକ ସାର୍ବଜନୀନ ସ୍ୱାସ୍ଥ୍ୟ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରିଥିଲା । ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷ କହିଛନ୍ତି ଯେ ଶୁକ୍ରବାର ଦିନ ପ୍ରଥମେ ନିଶ୍ଚିତ ହୋଇଥିବା ବର୍ତ୍ତମାନର ପ୍ରକୋପ



ବୁଣ୍ଡିବୁଗ୍ୟୋ ଭାଇରସ ଯୋଗୁଁ ହୋଇଛି, ଏହା ଇବୋଲା ରୋଗର ଏକ ବିରଳ ଭାରିଆଣ୍ଟ ଯାହାର କୌଣସି ଅନୁମୋଦିତ ଚିକିତ୍ସା କିମ୍ବା ଟୀକା ନାହିଁ । କଙ୍ଗୋ ଏବଂ ଉଗାଣ୍ଡାରେ ୨୦ ରୁ ଅଧିକ ଥର ଇବୋଲା ସଂକ୍ରମଣ ଘଟିଛି । ତେବେ ତୃତୀୟ ଥର ପାଇଁ ଏହା ବୁଣ୍ଡିବୁଗ୍ୟୋ ଭାଇରସ ବୋଲି ଚିହ୍ନଟ ହୋଇଛି । ଉତ୍ତର କିଭୁର ବିଦ୍ରୋହୀ ରାଜଧାନୀ ଗୋମା, ମୋଙ୍ଗବାଲୁ, ବୁଟେମ୍ବୋ ଏବଂ ନାଇକୁଣ୍ଡେରେ ବୁନିଆରେ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ମହାନିର୍ଦ୍ଦେଶକ ଟେଡ୍ରୋସ୍ ଆଧାନମ୍ ଘେବ୍ରେୟସସ୍ ମଙ୍ଗଳବାର ଦିନ ଜେନେଭାରେ କହିଛନ୍ତି ଯେ ସେ ମହାମାରୀ ଦ୍ରୁତ ସଂକ୍ରମଣ ନେଇ ଚିନ୍ତିତ । ପରାମର୍ଶ ଦେବା ପାଇଁ ଜାତିସଂଘ ସ୍ୱକାସ୍ଥ୍ୟ ସଂସ୍ଥା ଜରୁରୀକାଳୀନ କମିଟି ବୈଠକ ଡାକିବ ।

# ଜିଡିପି ଅଭିବୃଦ୍ଧି ୬.୨%କୁ ଖସିବ: ଇକ୍ରା

**ନୂଆଦିଲ୍ଲୀ,୧୯।୪(ଏଜେନ୍ସି):**୨୦୨୬-୨୭ ଆର୍ଥିକବର୍ଷରେ ଭାରତର ମୋଟ ଘରୋଇ ଉତ୍ପାଦ (ଜିଡିପି) ଅଭିବୃଦ୍ଧି ୬.୨ ପ୍ରତିଶତକୁ ହ୍ରାସ ପାଇବ । ରେଟିଂ ଏଜେନ୍ସି ଇକ୍ରା ନୂଆ ଆକଳନରେ ଏହା ଦର୍ଶାଇଛି । ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଉଚ୍ଚସ୍ତରରେ ରହିବ । ଏହାର ପ୍ରଭାବରେ ଭାରତର ଜିଡିପି ଅଭିବୃଦ୍ଧି ବ୍ୟାହତ ହେବ । ପୂର୍ବରୁ ଭାରତର ଅଭିବୃଦ୍ଧି ୬.୫ ପ୍ରତିଶତ ରହିବ ବୋଲି ଇକ୍ରା ଆକଳନ କରିଥିଲା । ୨୦୨୫-୨୬ ଆର୍ଥିକବର୍ଷ ପାଇଁ ଭାରତର ଜିଡିପି ଅଭିବୃଦ୍ଧି ୭.୫ ପ୍ରତିଶତ ରହିବ, ଯାହାକି ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ (ଏନ୍ଏସ୍ଓ) ପକ୍ଷରୁ କରାଯାଇଥିବା ଆକଳନ ତୁଳନାରେ ୦.୧ ପ୍ରତିଶତ କମ୍ ।୨୦୨୫-୨୬ ପାଇଁ ଭାରତର ଜିଡିପି ଅଭିବୃଦ୍ଧି ୭.୬ ପ୍ରତିଶତ ରହିବ ବୋଲି ଏନ୍ଏସ୍ଓ ଏହାର ଦ୍ୱିତୀୟ ଅଗ୍ରିମ ଆକଳନରେ ଦର୍ଶାଇଥିଲା ।




ଅଶୋଧିତ ତେଲ ଦର ୨୦୨୬-୨୭ ଆର୍ଥିକବର୍ଷରେ ବ୍ୟାରେଲ ପିଛା ହାରାହାରି ୯୫ ଡଲାର ରହିବ ବୋଲି ଆକଳନ କରାଯାଇଛି । ପୂର୍ବ ଆକଳନରେ ଅଶୋଧିତ ତେଲ ଦର ବ୍ୟାରେଲ ପିଛା ୮୫ ଡଲାର ରହିବ ବୋଲି ଦର୍ଶାଯାଇଥିଲା । ଏଥିସହିତ ଭାରତର ଜିଡିପି ଅଭିବୃଦ୍ଧିକୁ ମଧ୍ୟ ୬.୫ ପ୍ରତିଶତରୁ ୬.୨ ପ୍ରତିଶତକୁ ହ୍ରାସ ପାଇବା ନେଇ ଆକଳନ କରାଯାଇଛି ବୋଲି ଇକ୍ରାର ମୁଖ୍ୟ ଅର୍ଥନୀତିଜ୍ଞ ଆଦିତି ନାୟାର କହିଛନ୍ତ ।

# ସନ୍ଦୀପ ଘୋଷଙ୍କ ବିରୋଧରେ ମାମଲାର ବିଚାର କରିବାକୁ ଅନୁମତି

**ନୂଆଦିଲ୍ଲୀ,୧୯।୪(ଏଜେନ୍ସି):**ପଶ୍ଚିମବଙ୍ଗର ଆର୍ଜି କର ମେଡିକାଲ କଲେଜ ଓ ହସ୍ପିଟାଲର ପୂର୍ବତନ ଅଧ୍ୟକ୍ଷ ସନ୍ଦୀପ ଘୋଷଙ୍କ କାର୍ଯ୍ୟକାଳ ମଧ୍ୟରେ ହୋଇଥିବା ଆର୍ଥିକ ଅନିୟମିତତା ଘଟଣାରେ ତାଙ୍କ ବିରୋଧରେ ଆଗତ ମାମଲାର ବିଚାର କରିବାକୁ ପଶ୍ଚିମବଙ୍ଗ ସରକାର ଅନୁମତି ଦେଇଛନ୍ତି । ସୋମବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଜାରି କରାଯାଇଥିବା ଏକ ନିର୍ଦ୍ଦେଶରେ କୁହାଯାଇଛି ଯେ, କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷ ଭାବରେ ରାଜ୍ୟପାଳ ଭାରତୀୟ ନ୍ୟାୟ ସଂହିତା (ବିଏନ୍ଏସ୍), ଦୁର୍ନୀତି ନିବାରଣ ଆଇନ ଓ ମନିଲଣ୍ଡରିଂ ନିବାରଣ ଆଇନ (ପିଏମ୍ଏଲ୍ଏ) ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁମୋଦନ କରିଛନ୍ତି । ଘୋଷ ପ୍ରିନ୍ସିପାଲ ଥିବା ସମୟରେ ଆର୍ଜି କର ମେଡିକାଲ କଲେଜ ଓ ହସ୍ପିଟାଲରେ କ୍ରୟ ଓ ଆନୁଷଙ୍ଗିକ ମାମଲାରେ ଅନିୟମିତତା ସହିତ ଏହି ମାମଲା ଜଡିତ । ଅଗଷ୍ଟ ୨୩, ୨୦୨୪ରେ କଲିକତା ହାଇକୋର୍ଟ ଏହି ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ ।

# ଧନୀ କଲୋନୀରୁ ବୁଲା କୁକୁରଙ୍କୁ ଗରିବଙ୍କ କଲୋନୀକୁ ପଠାଇ ଦିଆଯାଉଛି

**ନୂଆଦିଲ୍ଲୀ,୧୯।୪(ଏଜେନ୍ସି):**ମଙ୍ଗଳବାର ଦିନ ସୁପ୍ରିମକୋର୍ଟ ତାଙ୍କ ଆଦେଶରେ ବୁଲା କୁକୁରଙ୍କ ଉପରେ କଠୋର ନିର୍ଦ୍ଦେଶାବଳୀକୁ ବଜାୟ ରଖିଛନ୍ତି । ଏଥିରେ ବନ୍ଧ୍ୟାକରଣ ଏବଂ ଟୀକାକରଣ, ସାର୍ବଜନୀନ ସ୍ଥାନରେ ସେମାନଙ୍କୁ ଖାଇବାକୁ ଦେବା ଉପରେ ନିଷେଧ ଏବଂ ପାଗଳ କୁକୁରଙ୍କ ପାଇଁ ଆଇନଗତ ଇଚ୍ଛାମୃତ୍ୟୁ ଅନ୍ତର୍ଭୁକ୍ତ ରହିଛି । ପିପୁଲ୍ସ ଫର୍ ଆନିମଲ୍ସ ସଂଗଠନର ଅଧ୍ୟକ୍ଷା ଏବଂ ପ୍ରାଣୀ କଲ୍ୟାଣ ସହିତ ଜଡିତ ପୂର୍ବତନ ସାଂସଦ ମାନେକା ଗାନ୍ଧୀ ଏବିସି ଫ୍ରେମୱାର୍କ ସମେତ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ମତ ରଖିଛନ୍ତି । ସେ କହିଛନ୍ତି ଯେ, ସୁପ୍ରିମକୋର୍ଟଙ୍କ ଅନୁସାରେ ବୁଲା କୁକୁର ଏବଂ ଆଶ୍ରୟସ୍ଥଳ ପାଇଁ ଏବିସି ଡାଞ୍ଚା ସମ୍ପର୍କରେ କୌଣସି ନିର୍ଦ୍ଦେଶ ପାଳନ କରାଯାଇ ନାହିଁ । କୋର୍ଟ କହିଛନ୍ତି ଯେ ଯଦି, କାହାର କୌଣସି ସମସ୍ୟା ଅଛି, ତେବେ ହାଇକୋର୍ଟ ସେମାନଙ୍କ ପାଇଁ ଖୋଲା ଅଛି । କୋର୍ଟ ସ୍କୁଲ, କଲେଜ ଏବଂ ହସ୍ପିଟାଲଗୁଡ଼ିକରୁ ବୁଲା କୁକୁରମାନଙ୍କୁ ହଟାଇବା ଏବଂ ଆଶ୍ରୟସ୍ଥଳ ନିର୍ମାଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ, କିନ୍ତୁ ସମସ୍ତେ ମନା କରିଦେଇଥିଲେ । ସାରା ଦେଶରେ ୫୪ ହଜାର କଲେଜ ଅଛି, ତଥାପି ସେମାନେ ବୁଲା ପଶୁମାନଙ୍କ ସାମ୍ନାରେ ଅସହାୟ ଦେଖାଯାଉଛନ୍ତି । ରେଳବାଇ



କହିଛି ଯେ ହଜାର ହଜାର ଯାତ୍ରୀ ଏହାର ଷ୍ଟେସନରେ ପହଞ୍ଚନ୍ତି, ତେଣୁ ସେମାନେ କ'ଣ କରିପାରିବେ ? ହସ୍ପିଟାଲଗୁଡ଼ିକ ଏହା ମଧ୍ୟ କହିଛନ୍ତି ଯେ, ପ୍ରତ୍ୟେକ ରୋଗୀଙ୍କ ସହିତ ୧୦ ଜଣ ପରିବାର ସଦସ୍ୟ ଆସୁଛନ୍ତି। ଦିଲ୍ଲୀ ସମେତ ୭୮୦ ଜିଲ୍ଲା ମଧ୍ୟରୁ କୌଣସି ଜିଲ୍ଲାରେ ଗୋଟିଏ ମଧ୍ୟ ଆଶ୍ରୟସ୍ଥଳ ନିର୍ମାଣ କରାଯାଇ ନାହିଁ ।ମାନେକା ଗାନ୍ଧୀ କହିଛନ୍ତି, ଆମେ ମାନୁଛୁ ବୁଲା କୁକୁରମାନଙ୍କ ପାଇଁ ଏବିସି କେନ୍ଦ୍ର ନିର୍ମାଣ କରିବା ଉଚିତ । କିନ୍ତୁ ଏହା ଖରାପ ଭାବେ ନିର୍ମାଣ କରାଯିବା କଥା ନୁହେଁ । ଏହି କେନ୍ଦ୍ରଗୁଡ଼ିକୁ ଏଭଳି ଲୋକଙ୍କୁ ଦିଆଯାଇଛି, ଯେଉଁମାନେ କୁକୁରମାନଙ୍କର ଠିକ୍ ଭାବରେ ଯତ୍ନ ନିଅନ୍ତି ନାହିଁ । ଅସ୍ତ୍ରୋପଚାର ପରେ, ବୁଲା କୁକୁରମାନଙ୍କୁ ଧନୀ କଲୋନୀରୁ ଗରିବ କଲୋନୀକୁ ପଠାଇ ଦିଆଯାଉଛି । ଫଳରେ କୁକୁରମାନେ ଅଧିକାଂଶ ଗରିବ ଲୋକଙ୍କୁ ହିଁ କାମୁଡୁଛନ୍ତି । ଗରୀବଙ୍କ ପାଇଁ ସମସ୍ୟା ସୃଷ୍ଟି ହେଉଛି । ସମାଜ ସଦସ୍ୟ ଏବଂ ଆରଡବ୍ଲୁଏ ଚୁପଚାପ୍ ଭାବରେ ରାତିରେ କୁକୁରଙ୍କୁ ନେଇ ମନଇଚ୍ଛା ଏଠି ସେଠି ଛାଡୁଛନ୍ତି । ଏଭଳି କାର୍ଯ୍ୟ ବନ୍ଦ ହେଲେ ସବୁକିଛି ସୁରୁଖୁରୁରେ ଚାଲିବ ବୋଲି ସେ କହିଛନ୍ତି ।

# ୩ ଲକ୍ଷ କୋଟିର ଲାଭାଂଶ ଦେଇପାରେ ରିଜର୍ଭ ବ୍ୟାଙ୍କ

**ନୂଆଦିଲ୍ଲୀ,୧୯।୪(ଏଜେନ୍ସି):**ଭାରତୀୟ ରିଜର୍ଭ ବ୍ୟାଙ୍କ କେନ୍ଦ୍ର ସରକାରଙ୍କୁ ଏଥର ରେକର୍ଡ ୩ ଲକ୍ଷ କୋଟି ଟଙ୍କା (୩୧.୨ ବିଲିଅନ ଡଲାର)ର ଲାଭାଂଶ ଦେଇପାରେ । ଭାରତୀୟ ରିଜର୍ଭ ବ୍ୟାଙ୍କର ବୋର୍ଡ ବୈଠକ ଆସନ୍ତା ଶୁକ୍ରବାର ହେବ । ଏହି ବୈଠକରେ ଲାଭାଂଶ ପ୍ରଦାନକୁ ମଞ୍ଜୁରି ଦିଆଯିବ ବୋଲି ଜଣାଯାଇଛି ।



୨୦୨୪-୨୫ ଆର୍ଥିକବର୍ଷ ପାଇଁ ରିଜର୍ଭ ବ୍ୟାଙ୍କ କେନ୍ଦ୍ର ସରକାରଙ୍କୁ ୨.୬୮ ଲକ୍ଷ କୋଟି ଟଙ୍କାର ଲାଭାଂଶ ପ୍ରଦାନ କରିଥିଲା, ଯାହାକି ୨୦୨୩-୨୪ ଆର୍ଥିକବର୍ଷର ଲାଭାଂଶ ତୁଳନାରେ ୨୭ ପ୍ରତିଶତ ଅଧିକ । ଇରାନ-ଆମେରିକା ଯୁଦ୍ଧ ପାଇଁ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲଦର ବିଯାଇଛି । ଏଥିପାଇଁ ଭାରତୀୟ ଅର୍ଥନୀତି ସଂପ୍ରତି ଅନେକ ଚାପରେ ରହିଛି । ଏଭଳି ସ୍ଥିତିରେ ରିଜର୍ଭ ବ୍ୟାଙ୍କ ସରକାରଙ୍କୁ ରେକର୍ଡ ପରିମାଣର ଲାଭାଂଶ ପ୍ରଦାନ କରିବା କିଛିଟା ଆଶ୍ୱସ୍ତି ଆଣିବ । ଅର୍ଥନୀତିଜ୍ଞମାନଙ୍କ ଆକଳନ ଅନୁଯାୟୀ ସରକାରଙ୍କୁ ରିଜର୍ଭ ବ୍ୟାଙ୍କର ଲାଭାଂଶ ପ୍ରଦାନ ୨.୭ ଲକ୍ଷ କୋଟିରୁ ୩ ଲକ୍ଷ କୋଟି ଟଙ୍କା ମଧ୍ୟରେ ରହିବ।

# ଆମେରିକା ପରେ ଚୀନ ଗସ୍ତରେ ରୁଷ ରାଷ୍ଟ୍ରପତି

**ନୂଆଦିଲ୍ଲୀ,୧୯।୪(ଏଜେନ୍ସି):**ଚୀନ ଗସ୍ତରେ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଚୀନ୍ ଗସ୍ତର ତୁରନ୍ତ ପରେ, ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ ବେଜିଂରେ ପହଞ୍ଚିଛନ୍ତି । ମେ ୧୯ ଏବଂ ୨୦ରେ ପୁଟିନ୍ଙ୍କ ଏହି ଗୁରୁତ୍ୱପୂର୍ଣ୍ଣ ଦୁଇଦିନିଆ ଗସ୍ତ ୱାଶିଂଟନ୍ ଏବଂ ପଶ୍ଚିମ ଦେଶଗୁଡ଼ିକୁ ଏକ ସିଧାସଳଖ ବାର୍ତ୍ତା ଯେ, ଚାପ ସତ୍ତ୍ୱେ ସେମାନଙ୍କର ସହଭାଗିତା ଅକ୍ଷୁର୍ଣ୍ଣ ରହିଛି । କ୍ରେମଲିନ୍ ଏହା ମଧ୍ୟ ସ୍ପଷ୍ଟ କରିଛି, ଏହି ଗୁରୁତ୍ୱପୂର୍ଣ୍ଣ ରଣନୈତିକ ଗସ୍ତରୁ ସକାରାତ୍ମକ ଆଶା ଅଛି। ଉଭୟ ଦେଶ ଏବେ ସେମାନଙ୍କର ସୁବିଧାପ୍ରାପ୍ତ



ସହଭାଗିତା କୁ ଏକ ସମ୍ପୂର୍ଣ୍ଣ ନୂତନ ଏବଂ ବୃହତ ସ୍ତରକୁ ନେବା ପାଇଁ ପ୍ରସ୍ତୁତ ହେଉଛନ୍ତି । ଗତ କିଛି ବର୍ଷ ମଧ୍ୟରେ ପୁଟିନ ଏବଂ ସି ଜିନପିଙ୍ଗ ୪୦ ରୁ ଅଧିକ ଥର ସାକ୍ଷାତ କରିଛନ୍ତି । ୟୁକ୍ରେନ ଯୁଦ୍ଧ ଯୋଗୁଁ ପାଶ୍ଚାତ୍ୟ ଦେଶଗୁଡ଼ିକ ରୁଷ ଉପରେ କଠୋର ଆର୍ଥିକ କଟକଣା ଲଗାଇଥିବା ବେଳେ ପୁଟିନଙ୍କ ଗସ୍ତ ଗୁରୁତ୍ୱ ବହନ କରୁଛି । ଚୀନ୍ ନିଜର କୂଟନୀତି ମାଧ୍ୟମରେ ପ୍ରତ୍ୟେକ ସୁଯୋଗରେ ପ୍ରଦର୍ଶନ କରିଛି ଯେ ଗ୍ଲୋବାଲ୍ ସାଉଥ ପ୍ରଭାବ ନିରନ୍ତର ବୃଦ୍ଧି ପାଉଛି । ଟ୍ରମ୍ପଙ୍କ ଗସ୍ତ ପରେ, ଚୀନ୍ ଦୃଷ୍ଟିକୋଣରେ ଯଥେଷ୍ଟ ଶକ୍ତିଶାଳୀ ଦେଖାଯାଇଛି, ଯାହା ପାଶ୍ଚାତ୍ୟ ଦେଶଗୁଡ଼ିକୁ ଏକ ଦୃଢ଼ ପ୍ରତିରୋଧ ପ୍ରଦାନ କରୁଛି । ଚୀନ୍ ଏବେ ବିଶ୍ୱର ସର୍ବବୃହତ ମଧ୍ୟସ୍ଥି ଏବଂ ଏକ ନୂତନ ଶକ୍ତି କେନ୍ଦ୍ର ଭାବେ ନିଜକୁ ପ୍ରତିଷ୍ଠିତ କରିଛି ।

# କେଜରିୱାଲ-ସିସୋଦିଆଙ୍କ ସମେତ ଏଏପି ନେତାଙ୍କ ସମସ୍ୟା ବଢ଼ିଲା

**ନୂଆଦିଲ୍ଲୀ,୧୯।୪(ଏଜେନ୍ସି):**ମଦ ନୀତି ମାମଲାର ଶୁଣାଣି ସମୟରେ ଜଷ୍ଟିସ୍ ସ୍ୱର୍ଣ୍ଣକାନ୍ତ ଶର୍ମାଙ୍କୁ ଟାର୍ଗେଟ କରିବା ଘଟଣାରେ ଦିଲ୍ଲୀ ହାଇକୋର୍ଟ ଫୌଜଦାରୀ ଅବମାନନା ମାମଲା ଅନ୍ତର୍ଗତ ଅରବିନ୍ଦ କେଜରିୱାଲ, ମନୀଷ ସିସୋଦିଆ ଏବଂ ଅନ୍ୟ ଏଏପି ନେତାମାନଙ୍କ ପାଇଁ ନୋଟିସ୍ ଜାରି କରିଛନ୍ତି। କୋର୍ଟ ମଙ୍ଗଳବାର ଦିନ ଉତ୍ପାଦ ନୀତି ମାମଲାର ଶୁଣାଣି କରି ଏଭଳି ନିର୍ଦ୍ଦେଶ ଦେଇଛନ୍ତି । ଶୁଣାଣି ସମୟରେ, କୋର୍ଟ ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ, ପୂର୍ବତନ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଦିଆ, ସାଂସଦ ସଞ୍ଜୟ ସିଂହ, ପୂର୍ବତନ ମନ୍ତ୍ରୀ ସୌରଭ ଭରଦ୍ୱାଜ, ବିନୟ ମିଶ୍ର ଏବଂ ଦୁର୍ଗେଶ ପାଠକଙ୍କ ବିରୋଧରେ ଅବମାନନା ମାମଲାରେ ନୋଟିସ୍ ଜାରି କରିଛନ୍ତି । କୋର୍ଟ ସମସ୍ତ ନେତାଙ୍କୁ ନୋଟିସ୍ ଜାରି କରି ଚାରି ସପ୍ତାହ ମଧ୍ୟରେ ସେମାନଙ୍କର ଜବାବ ଦାଖଲ କରିବାକୁ କହିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଏବେ ଅଗଷ୍ଟ ୪ ତାରିଖରେ ହେବ । ଶୁଣାଣି ସମୟରେ ଏହି ନେତାମାନଙ୍କ ପକ୍ଷରୁ କେହି ହାଜର ହୋଇ ନଥିଲେ । ସମସ୍ତ ସୋସିଆଲ ମିଡିଆ ରେକର୍ଡ ସଂରକ୍ଷଣ କରି ସେଗୁଡ଼ିକୁ କୋର୍ଟ ରେକର୍ଡର ଅଂଶ କରିବାକୁ କୋର୍ଟ ରେଜିଷ୍ଟ୍ରିକୁ ନିର୍ଦ୍ଦେଶ ଦେଇଛନ୍ତି। କୋର୍ଟ ଏହା ମଧ୍ୟ ଘୋଷଣା କରିଛନ୍ତି ଯେ ଏହି ମାମଲାରେ



ଜଣେ ଆମିକସ୍ କ୍ୟୁରି ନିଯୁକ୍ତ କରାଯିବ । ମେ' ୧୪ ତାରିଖରେ, କୋର୍ଟ କେଜରିୱାଲ ଏବଂ ଅନ୍ୟ ଅନେକ ଦଳର ନେତାଙ୍କ ବିରୋଧରେ ଫୌଜଦାରୀ ଅବମାନନା ମାମଲା ଆରମ୍ଭ କରି ସ୍ୱୀକାର କରିଥିଲେ ଯେ ଉତ୍ପାଦ ନୀତି ମାମଲା ସହିତ ଜଡିତ କାର୍ଯ୍ୟଧାରାରେ ନ୍ୟାୟପାଳିକାକୁ ବଦନାମ କରିବା ପାଇଁ ଏକ ସୁଚିନ୍ତିତ ଅଭିଯାନ ଆରମ୍ଭ କରାଯାଇଥିଲା। ଜଷ୍ଟିସ୍ ସ୍ୱର୍ଣ୍ଣକାନ୍ତ ଶର୍ମା ଏକ ବିସ୍ତୃତ ଆଦେଶ ଜାରି କରି କହିଥିଲେ ଯେ, ସେ ମାମଲାର ଶୁଣାଣିରୁ ନିଜକୁ ଓହରି ଯିବାକୁ ମନା କରିବା ପରେ, ତାଙ୍କ ବିରୋଧରେ ସୋସିଆଲ ମିଡିଆ ପୋଷ୍ଟ, ଭିଡିଓ ଏବଂ ସାର୍ବଜନୀନ ବିବୃତି ଦିଆଯାଇଥିଲା, ଯାହା ନିରପେକ୍ଷ ସମାଲୋଚନା ଏବଂ ଅପରାଧିକ ଅବମାନନା ମଧ୍ୟରେ ସୀମା ଅତିକ୍ରମ କରିଥିଲା। ମାମଲା ଉପରେ ମତାମତ ଦେଇ ବିଚାରପତି କହିଛନ୍ତି ଯେ, ପକ୍ଷମାନେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇପାରିଥାନ୍ତେ। ତଥାପି, ସେମାନେ ରାଜନୈତିକ ପକ୍ଷପାତିତା ଅଭିଯୋଗ କରି ସାର୍ବଜନୀନ ଭାବରେ ଚିଠି ଏବଂ ଭିଡିଓ ପ୍ରସାରଣ କରିଥିଲେ । ଏହା ସୂଚାଇ ଦେଉଛି ଯେ, ଏହି କୋର୍ଟରୁ ନ୍ୟାୟ ଆଶା କରାଯାଇପାରିବ ନାହିଁ। କୋର୍ଟଙ୍କ ମତରେ, ଏହି ମନୋଭାବ ନ୍ୟାୟପାଳିକା ପ୍ରତି ଜନସାଧାରଣଙ୍କ ଅବିଶ୍ୱାସ ସୃଷ୍ଟି କରିବାର ଏକ ପ୍ରୟାସ ଥିଲା । ଯଦି ଏହାକୁ ବନ୍ଦ ନ କରାଯାଏ, ତେବେ ଏହା ଅରାଜକତା ସୃଷ୍ଟି କରିପାରେ ।

# ଭାରତ ପରମାଣୁ ବ୍ଲାକମେଲକୁ ସହ୍ୟ କରିବ ନାହିଁ

**ନୂଆଦିଲ୍ଲୀ,୧୯।୪(ଏଜେନ୍ସି):**ଭାରତୀୟ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ବର୍ତ୍ତମାନ ଭିଏତନାମ ଗସ୍ତରେ ଅଛନ୍ତି । ମଙ୍ଗଳବାର ଭାରତ ଏବଂ ଭିଏତନାମ ମଧ୍ୟରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଏବଂ କ୍ୱାଣ୍ଟମ୍ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଏକ ପ୍ରମୁଖ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଏହା ଦୁଇ ଦେଶ ମଧ୍ୟରେ ସମ୍ପର୍କକୁ ମଜବୁତ କରିବ ଏବଂ ଭବିଷ୍ୟତର ପ୍ରଯୁକ୍ତିବିଦ୍ୟାରେ ସହଯୋଗ ପାଇଁ ପଥ ଖୋଲିବ ବୋଲି ବିଶ୍ୱାସ କରାଯାଉଛି । ପ୍ରତିରକ୍ଷା ମନ୍ତ୍ରୀ ଏହାକୁ ଭାରତ ଏବଂ ଭିଏତନାମ ମଧ୍ୟରେ ରଣନୈତିକ ସହଭାଗୀତାରେ ଏକ ପ୍ରମୁଖ ଏବଂ ଭବିଷ୍ୟତମୁଖୀ ପଦକ୍ଷେପ ଭାବରେ ବର୍ଣ୍ଣନା କରିଛନ୍ତି । ସେ କହିଛନ୍ତି ଯେ ଦୁଇ ଦେଶ ମଧ୍ୟରେ ସମ୍ପର୍କ ନିରନ୍ତର ମଜବୁତ ହେଉଛି ଏବଂ ଭାରତ ଏହି ସହଭାଗୀତାକୁ ଆଗକୁ ନେବା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ । ସେ ଭିଏତନାମ ପ୍ରତିରକ୍ଷା ମନ୍ତ୍ରୀ ଫାନ୍ ଭାନ୍ ଗିଆଙ୍ଗଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରିଥିଲେ । ଏହି ବୈଠକ ସମୟରେ, ପ୍ରତିରକ୍ଷା ସହଯୋଗ, ସାମୁଦ୍ରିକ ସୁରକ୍ଷା, ସାମରିକ ତାଲିମ, ପ୍ରତିରକ୍ଷା ଶିଳ୍ପ ଏବଂ ଆଞ୍ଚଳିକ ସ୍ଥିରତା ସମେତ ଦୁଇ ଦେଶ ମଧ୍ୟରେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା । ବୈଠକ ପରେ ରାଜନାଥ ସିଂହ କହିଛନ୍ତି ଯେ ଭାରତ ଏବଂ ଭିଏତନାମ



କେବଳ ପ୍ରତିରକ୍ଷା କ୍ଷେତ୍ରରେ ନୁହେଁ ବରଂ ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ଶାନ୍ତି ଏବଂ ସ୍ଥିରତା ବଜାୟ ରଖିବାରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି । ସେ କହିଛନ୍ତି ଯେ ଭବିଷ୍ୟତରେ ଦୁଇ ଦେଶ ମଧ୍ୟରେ ସହଯୋଗ ଆହୁରି ମଜବୁତ ହେବ । ବୈଠକ ସମୟରେ, ଦୁଇ ଦେଶ ଭିଏତନାମ ବାୟୁସେନା ଅଧିକାରୀ କଲେଜରେ ଏକ ନୂତନ ଭାଷା ପ୍ରୟୋଗଶାଳା ମଧ୍ୟ ଉଦଘାଟନ କରିଛନ୍ତି । ଏହାକୁ ସାମରିକ ତାଲିମ ଏବଂ ପାରସ୍ପରିକ ସହଯୋଗ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ବିବେଚନା କରାଯାଉଛି । ଏହି ପ୍ରୟୋଗଶାଳା ଉଭୟ ଦେଶର ସାମରିକ ଅଧିକାରୀମାନଙ୍କ ମଧ୍ୟରେ ଉତ୍ତମ ଯୋଗାଯୋଗ ଏବଂ ତାଲିମକୁ ସହଜ କରିବ । ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ରଣନୈତିକ ସମ୍ପର୍କକୁ ସୁଦୃଢ଼ କରିବା ପାଇଁ ଭାରତ ଯେଉଁ ପ୍ରୟାସ ଜାରି ରଖିଛି, ପ୍ରତିରକ୍ଷା ମନ୍ତ୍ରୀଙ୍କ ଏହି ଗସ୍ତ ଏପରି ହୋଇଛି । ଭିଏତନାମକୁ ଭାରତର ଏକ ପ୍ରମୁଖ ଅଂଶୀଦାର ଭାବରେ ବିବେଚନା କରାଯାଏ । ଚୀନର ବର୍ଦ୍ଧିତ ଦୃଢ଼ତା ଏବଂ ଆଞ୍ଚଳିକ ସୁରକ୍ଷା ଚ୍ୟାଲେଞ୍ଜକୁ ଦୃଷ୍ଟିରେ ରଖି ଉଭୟ ଦେଶ ସେମାନଙ୍କର ସହଯୋଗକୁ ଆହୁରି ବୃଦ୍ଧି କରିବା ଉପରେ ଧ୍ୟାନ ଦେଉଛନ୍ତି ।

ହନୋଇରେ, ରାଜନାଥ ସିଂହ କହିଛନ୍ତି ଯେ, ଭାରତ କୌଣସି ପ୍ରକାରର ପରମାଣୁ ବ୍ଲାକମେଲ୍ ସହ୍ୟ କରିବ ନାହିଁ। ସେ ସ୍ପଷ୍ଟ ଭାବରେ କହିଥିଲେ ଯେ ଭାରତ ପରମାଣୁ ଅସ୍ତ୍ରର ପ୍ରଥମ ବ୍ୟବହାର ନ କରିବାର ନୀତି ପାଳନ କରେ, କିନ୍ତୁ ଯଦି କୌଣସି ଦେଶ ପରମାଣୁ ଧମକ ଦିଏ, ତେବେ ଭାରତ ମୁଣ୍ଡ ନୁଆଁଇବ ନାହିଁ । ଅପରେସନ ସିନ୍ଦୂର ବିଷୟରେ ଉଲ୍ଲେଖ କରି ସେ କହିଛନ୍ତି, ଭାରତୀୟ ସେନା ପୁଣିଥରେ ବିଶ୍ୱ ସମ୍ମୁଖରେ ନିଜର ଶକ୍ତି ଏବଂ ସାହସ ପ୍ରଦର୍ଶନ କରିଛି । ଆଜିର ଭାରତ ପ୍ରତ୍ୟେକ ଚ୍ୟାଲେଞ୍ଜର ଦୃଢ଼ ଜବାବ ଦେବା ପାଇଁ ସକ୍ଷମ ଏବଂ ଆତ୍ମବିଶ୍ୱାସୀ ରାଷ୍ଟ୍ର ପାଲଟିଛି ।



## ମହିଳା ନିଖୋଜ ନେଇ ଥାନାରେ ମାମଲା

**ଖଣ୍ଡପଡ଼ା, ୧୯/୫ (ନିପ୍ର):** ଖଣ୍ଡପଡା ବ୍ଲକ ସିଙ୍ଘାପଡ଼ା ଗ୍ରାମର ସୁଜାତା ସାହୁ (୫୦) ନିଖୋଜ ହୋଇଥିବା ନେଇ ସ୍ଥାନୀୟ ଥାନାରେ ଏତଲା ହୋଇଛି। ଗତ ମାସେ ହେବ ମହିଳା ଜଣକ ଘରୁ କେଉଁଆଡେ ଚାଲିଯାଇଥିବା



ନେଇ ପୁଅ ସବ୍ୟସାଚୀ ସାହୁ ଥାନାରେ ଅଭିଯୋଗ କରିଛନ୍ତି। ମହିଳା ଜଣକ ଯିବାର ମାସେ ବିତିଥିଲେ ସୁଦ୍ଧା କୌଣସି ସନ୍ଧାନ ମିଳିନଥିବାରୁ ପରିବାର ଲୋକେ ଆଶା ଆଶଙ୍କାରେ ଦିନ କାଟୁଛନ୍ତି। ଆଜି ସବ୍ୟସାଚୀ ସ୍ଥାନୀୟ ଥାନାରେ ଏତଲା କରିଥିବା ବେଳେ ପୁଲିସ ପକ୍ଷରୁ ଘଟଣାର ତଦନ୍ତ କରାଯିବ ବୋଲି ସୂଚନା ମିଳିଛି।

### ଗୋବର୍ଦ୍ଧନପୁରରେ କଂଗ୍ରେସର ବିଶାଳ କର୍ମୀ ସମ୍ମିଳନୀ

## ତୃଣମୂଳ ସ୍ତରରୁ ଦଳକୁ ସୁଦୃଢ଼ କରିବାକୁ ପୂର୍ବତନ ମନ୍ତ୍ରୀ ଶରତ ରାଉତଙ୍କ ଆହ୍ୱାନ

**କଳିଙ୍ଗନଗର, ୧୯।୫ (ନି.ପ୍ର):** ଯାଜପୁର ଜିଲ୍ଲା ସୁକିନ୍ଦା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଗୋବର୍ଦ୍ଧନପୁର ଗ୍ରାମପଞ୍ଚାୟତର ମାନପୁରଠାରେ ଆଜି କଂଗ୍ରେସ ଦଳ ପକ୍ଷରୁ ଏକ ବିଶାଳ ଓ ଗୁରୁତ୍ୱପୂର୍ଣ୍ଣ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଆଗାମୀ ଦିନରେ ଦଳୀୟ ସଂଗଠନକୁ ଅଧିକ କ୍ରିୟାଶୀଳ ଓ ଶକ୍ତିଶାଳୀ କରିବା ଲକ୍ଷ୍ୟରେ ଆୟୋଜିତ ଏହି ସଭାରେ ବ୍ଲକ ମହିଳା କଂଗ୍ରେସ ସଭାନେତ୍ରୀ ପ୍ରଭାତୀ ବାଳ ସଭାପତିତ୍ୱ କରିଥିଲେ। ?ଏହି ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ଶରତ ରାଉତ ଯୋଗଦେଇ କର୍ମୀଙ୍କ ମଧ୍ୟରେ ନୂତନ ଜୋସ ଭରିଥିଲେ। ସେ ନିଜ ଅଭିଭାଷଣରେ କହିଥିଲେ ଯେ, ଆଗାମୀ ଦିନରେ ଅଞ୍ଚଳରେ ଦଳୀୟ ସଂଗଠନକୁ ତୃଣମୂଳ ସ୍ତରରୁ ସୁଦୃଢ଼ କରିବାକୁ ହେବ। ଜନସାଧାରଣଙ୍କ



ମୌଳିକ ସମସ୍ୟା ଉପରେ ସ୍ୱର ଉତ୍ତୋଳନ କରିବା ସହ ଲୋକଙ୍କ ସୁଖଦୁଃଖର ସାଥୀ ହେବାକୁ ସେ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। କଂଗ୍ରେସ ସଦାସର୍ବଦା ଜନସାଧାରଣଙ୍କ ସ୍ୱାର୍ଥ ରକ୍ଷା ପାଇଁ ଲଢ଼େଇ କରିଆସିଛି ଏବଂ ଆଗକୁ ଏହି ଲଢ଼େଇକୁ ଆହୁରି ଜୋରଦାର କରାଯିବ ବୋଲି ଶ୍ରୀ ରାଉତ ପ୍ରକାଶ କରିଥିଲେ। ସମ୍ମିଳନୀରେ ସୁକିନ୍ଦା କଂଗ୍ରେସ ବିଧାୟକ ପ୍ରାର୍ଥୀ ବିଭୁ ଭୂଷଣ ରାଉତ ସମ୍ମାନିତ ଅତିଥି ଭାବେ ଯୋଗଦେଇ କଂଗ୍ରେସର ବିକାଶମୂଳକ ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିବା ସହ ଆଗାମୀ ନିର୍ବାଚନୀ ରଣନୀତି ଉପରେ ଆଲୋକପାତ କରିଥିଲେ। ?ଦଳୀୟ ସଂଗଠନକୁ ଗତିଶୀଳ କରିବା ପାଇଁ ଏହି ବୈଠକରେ ବହୁ ପ୍ରମୁଖ ନେତୃବୃନ୍ଦ ସାମିଲ ହୋଇଥିଲେ। ସେମାନଙ୍କ ମଧ୍ୟରେ ବି.ଏଲ୍.ଆଇ. ବ୍ଲକ ଦାୟିତ୍ୱରେ ଥିବା ମହେନ୍ଦ୍ର ଦାସ, ଜୋନ୍-୮ର ପୂର୍ବତନ ସଭାପତି ଦାମୋଦର ପ୍ରଧାନ, ଜୋନ୍-୮ ମହିଳା କଂଗ୍ରେସ ସଭାନେତ୍ରୀ ରଙ୍ଗଲତା ମହାନ୍ତ, ସୁକିନ୍ଦା ବ୍ଲକ ସଭାପତି ମଦନ ମୋହନ ଖୁଣ୍ଟିଆ ଏବଂ ଦାନଗଦି ବ୍ଲକ ସଭାପତି ଦୟାନିଧି ପଲ୍ଲାଇ ପ୍ରମୁଖ ଉପସ୍ଥିତ ରହି ନିଜ ନିଜ ଅଞ୍ଚଳର ସାଂଗଠନିକ ସ୍ଥିତି ଓ ଆଗାମୀ କାର୍ଯ୍ୟପନ୍ଥା ଉପରେ ମତ ରଖିଥିଲେ।ଏଥିସହ ଜିଲ୍ଲା କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ଅଜୟ ବେହେରା, ଦାନଗଦି ବ୍ଲକ ସାଧାରଣ ସମ୍ପାଦକ ଉମାକାନ୍ତ ଜେନାମଣି, ଜୋନ୍-୮ ସଭାପତି ମୁରଲୀଧର ବାରିକ, ନଦିଆଭଙ୍ଗା ସଭାପତି ନିଲୁ ଦେଓ ଏବଂ ଗୋବର୍ଦ୍ଧନପୁର କଂଗ୍ରେସ କମିଟିର ସଭାପତି ଅମୂଲ୍ୟ ସାହୁ ପ୍ରମୁଖ ଉପସ୍ଥିତ ରହି ବୈଠକର ସଫଳ ପରିଚାଳନା କରିଥିଲେ। ଆଗାମୀ ଦିନରେ କଂଗ୍ରେସର ହାତ ମୁଠାକୁ ଅଧିକ ଶକ୍ତ କରିବା ପାଇଁ ସମସ୍ତ କର୍ମକର୍ତ୍ତା ଏକତ୍ରିତ ହୋଇ ସଂକଳ୍ପ ନେଇଥିଲେ। ଶେଷରେ ସ୍ଥାନୀୟ ଅଞ୍ଚଳର ଶତାଧିକ କଂଗ୍ରେସ କର୍ମୀ ଏହି ବୈଠକରେ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ।

## ବିଦ୍ୟାଳୟରୁ ଚୋରି ବେଳେ ପ୍ରଧାନ ଶିକ୍ଷକ ଓ ସଭାପତିଙ୍କୁ ଧରିଲେ ଗ୍ରାମବାସୀ

**ବୁଗୁଡ଼ା,୧୯।୫ (ନି.ପ୍ର) :** ବୁଗୁଡ଼ା ବ୍ଲକ ଅନ୍ତର୍ଗତ କରସିଙ୍ଗି ଗ୍ରାମସ୍ଥ ଉନ୍ନୀତ ଉଚ୍ଚ ବିଦ୍ୟାଳୟରୁ ଚୋରି ବେଳେ ମାଡ଼ିବସିଲେ ଗ୍ରାମବାସୀ। ସୂଚନା ଅନୁସାରେ ସନ୍ଧ୍ୟା



୫ଘଣ୍ଟା ସମୟରେ ବିଦ୍ୟାଳୟ ଭିତରେ କିଛି ଭାଙ୍ଗିବାର ଶବ୍ଦ ଶୁଣି କେତେକ ଗ୍ରାମବାସୀ ବିଦ୍ୟାଳୟକୁ ଯାଇ ଦେଖିଲାବେଳେ ବିଦ୍ୟାଳୟ ଫାଟକ ଖୋଲା ରହିଛି ଏବଂ ବିଦ୍ୟାଳୟ ଭିତରେ ଦୁଇଜଣ ବ୍ୟକ୍ତି ବସ୍ତା ଭିତରେ କିଛି ଜିନିଷ ଭର୍ତ୍ତିକରୁଛନ୍ତି। ଲୋକେ ପାଖକୁ ଯାଇ ଦେଖିଲାବେଳକୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିନୋଦ ବେହେରା ଓ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଗୋବିନ୍ଦ ସେନାପତି ବିଦ୍ୟାଳୟ ଖୋଲି ପିଲାଙ୍କ ରୋଷେଇ ପାଇଁ ବ୍ୟବହୃତ ରସ ସାମଗ୍ରୀଗୁଡିକୁ ବସ୍ତାରେ ଭର୍ତ୍ତି କରିଥିବାବେଳେ କମ୍ପ୍ୟୁଟର ରୁମରୁ ଏକ ଫ୍ୟାନ ଖୋଲି ରଖିଥିଲେ। ଏ ନେଇ ଗ୍ରାମବାସୀ ପଚାରିବାରୁ ସେ ଦୁହେଁ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରିନଥିଲା ବେଳେ ଗ୍ରାମବାସୀ ବୁଗୁଡ଼ା ପୋଲିସକୁ ଖବର ଦେଇଥିଲେ କ୍ଷ ବୁଗୁଡ଼ା ପୋଲିସ ଏଏସଆଇ ବାପୁଜୀ ଖଣ୍ଡଗିରି ଘଟଣା ସ୍ଥଳରେ ପହଞ୍ଚି ପ୍ରଧାନ ଶିକ୍ଷକଙ୍କୁ ତାଗିଦ୍ କରିବା ସହ ଗ୍ରାମବାସୀ ଏବଂ ବିଦ୍ୟାଳୟ ପରିଚାଳନା କମିଟିକୁ ଡକାଇ ଏହାର ବିଚାର କରିବାପାଇଁ ପରାମର୍ଶ ଦେଇଥିଲେ। ଏହି ଘଟଣାକୁ ନେଇ ସାଧାରଣରେ ନିନ୍ଦା ପ୍ରକାଶ ପାଇଥିବାବେଳେ ସମସ୍ତଙ୍କ ମୁହଁରେ ଗୋଟିଏ କଥା ବାଡ଼ ଯଦି ଫସଲ ଖାଇବ ଫସଲ ସୁରକ୍ଷା ଦବ କିଏ ?

## ଦେଶୀ ବିହନ ସହ ଜୈବିକ ଚାଷ ଉପରେ ସଚେତନତା ରାଲି




**ରାୟଗଡ଼ା, ୧୯।୫ (ନି.ପ୍ର):** ରାୟଗଡା ଜିଲ୍ଲାର ରାୟଗଡା ବ୍ଲକ ଅନ୍ତର୍ଗତ କୁମ୍ଭିକୋଟା ଗ୍ରାମପଞ୍ଚାୟତର ପିଚୁଡି, ଉଦୟପୁର ଓ ଫୁଲକୋନା ଗ୍ରାମରେ ଶାଲାର ଫାଉଣ୍ଡେସନ ପକ୍ଷରୁ ଦେଶୀ ଧାନ ବିହନ ଚାଷ ଏବଂ ଜୈବିକ ପଦ୍ଧତିରେ କୃଷି ସମ୍ବନ୍ଧୀୟ ଏକ ସଚେତନତା ରାଲି ଆୟୋଜିତ ହୋଇଥିଲା। ଏହି ରାଲିର ମୂଳ ଉଦ୍ଦେଶ୍ୟ ଥିଲା କୃଷକମାନଙ୍କୁ ଦେଶୀ ବିହନର ସୁରକ୍ଷା, ଜୈବିକ ଚାଷର ଲାଭ ଏବଂ ରାସାୟନିକ ସାର ଓ କୀଟନାଶକର କୁପ୍ରଭାବ ସମ୍ପର୍କରେ ସଚେତନ କରିବା। ଏହି କାର୍ଯ୍ୟକ୍ରମରେ ଶାଲାର ଫାଉଣ୍ଡେସନର ଅଧ୍ୟକ୍ଷ ଶ୍ରୀ ପ୍ରମୋଦ କୁମାର ପଣ୍ଡା ଯୋଗଦେଇ ଦେଶୀ ଧାନ ବିହନର ଗୁରୁତ୍ୱ ଓ ଜୈବିକ କୃଷି ପ୍ରଣାଳୀର ଆବଶ୍ୟକତା ବିଷୟରେ କୃଷକମାନଙ୍କୁ ଅବଗତ କରାଇଥିଲେ। ସେ କହିଥିଲେ ଯେ ଦେଶୀ ବିହନ ଆମ ପାରମ୍ପରିକ ସମ୍ପଦ ଏବଂ ଏହାକୁ ସୁରକ୍ଷା କରିବା ଆମ ସମସ୍ତଙ୍କ ଦାୟିତ୍ୱ। ଏହି ସଚେତନତା ରାଲିରେ ଶ୍ରୀମତୀ ସ୍ୱର୍ଣ୍ଣଲତା ପାଣିଗ୍ରାହୀ, ଶ୍ରୀ ରଞ୍ଜନ ମାଣ୍ଡାଙ୍ଗୀ, ଶ୍ରୀ ନର୍ସି କୁଲେସିକା ଏବଂ ରାୟଗଡା ସ୍ୱୟଂଶାସିତ ମହାବିଦ୍ୟାଳୟର ଇର୍ଣ୍ଟର୍ନ ଛାତ୍ରଛାତ୍ରୀମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ସେମାନେ ଗ୍ରାମରେ ଘରେ ଘରେ ଯାଇ ଲୋକମାନଙ୍କୁ ଜୈବିକ ପଦ୍ଧତିରେ ଚାଷ କରିବା ପାଇଁ ପ୍ରେରିତ କରିଥିଲେ। ଗ୍ରାମବାସୀ ଓ କୃଷକମାନେ ଏହି ରାଲିକୁ ସ୍ୱାଗତ କରିଥିବା ସହ ଭବିଷ୍ୟତରେ ଦେଶୀ ବିହନ ବ୍ୟବହାର କରି ଜୈବିକ ପଦ୍ଧତିରେ ଚାଷ କରିବା ପାଇଁ ଆଗ୍ରହ ପ୍ରକାଶ କରିଥିଲେ । ଶାଲାର ଫାଉଣ୍ଡେସନ ପକ୍ଷରୁ ଏପରି ସଚେତନତା କାର୍ଯ୍ୟକ୍ରମ ଆଗାମୀ ଦିନରେ ମଧ୍ୟ ଜାରି ରହିବ ବୋଲି ସୂଚନା ଦେଇଥିଲେ ।

## ବିଦ୍ୟୁତ ଆଘାତରେ ଦୁଇ ଯୁବକଙ୍କ ମୃତ୍ୟୁ : ଗ୍ରାମରେ ଶୋକାକୁଳ ପରିବେଶ

**ଗଞ୍ଜାମ, ୧୯।୫ (ନି.ପ୍ର):** ଗଞ୍ଜାମ ବ୍ଲକ ଅନ୍ତର୍ଗତ ସାନରାମଚନ୍ଦ୍ରପୁର ପଞ୍ଚାୟତ ଅଧିନସ୍ଥ ରମ୍ଭା ଥାନା ଅଞ୍ଚଳର ଗୌରାଙ୍ଗପାଟଣା ଗ୍ରାମର ଦୁଇ ମତ୍ସ୍ୟଜୀବୀ ବିଦ୍ୟୁତ ଆଘାତରେ ମୃତ୍ୟୁ ହୋଇଛି ।ମୃତକ ହେଲେ କମ୍ପୁପାଣୀଙ୍କ ପୁତ୍ର ଦୀପକ ବେହେରା (୩୨) ଓ ସନ୍ୟାସୀ ବେହେରାଙ୍କ ପୁତ୍ର ଅଜୟ ବେହେରା(୨୬) । ଗତ ରବିବାର ଦିନ ସକାଳୁ ଦୀପକ ବେହେରା ଓ ଅଜୟ ବେହେରା ମଧୁରଚୁଆ ଗ୍ରାମର ଧ୍ରୁବ ଚରଣ ନାହାକଙ୍କ ରାମଚନ୍ଦ୍ରପୁର ଗ୍ରାମରେ ଥିବା ନୂତନ ଗୃହର ପାଇପ ଲାଇନ କାମ କରୁଥିବା ବେଳେ ହଠାତ ବିଦ୍ୟୁତ ତାର ସର୍ଟ ସର୍କିଟ ହୋଇଥିଲା ।ଅତ୍ୟଧିକ ବିଦ୍ୟୁତ ପ୍ରବାହ ଫଳରେ ଦୀପକ ବେହେରାଙ୍କୁ ବିଦ୍ୟୁତ ଆଘାତ ହୋଇଥିଲା ।ତାଙ୍କ ଜୀବନ ବଞ୍ଚାଇବାକୁ ଯାଇ ସାଥି ଅଜୟ ବେହେରାଙ୍କ ମୃତ୍ୟୁ ଘଟିଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି । ଦୀପକ ଓ ଅଜୟ ଉଭୟ ଦୁହେଁ ନିଜ ନିଜ ପରିବାରର ରୋଜଗାରିଆ ପୁଅ ।ଚିଲିକାରୁ କିଛି ଆଦାୟ ନହେବା ଫଳରେ ପରିବାର ପ୍ରତିପୋଷଣ କରିବା ପାଇଁ ପାର୍ଟ ଟାଇମ ଲୋକଙ୍କ ନୂତନ ଘରେ ପାଇପ ଲାଇନ କିମ୍ବା ବିଦ୍ୟୁତ ଲାଇନରେ କାମ କରନ୍ତି ।କିନ୍ତୁ ରବିବାର ତାଙ୍କ ଶେଷ ଦିନ ଥିଲା ।ଗୌରାଙ୍ଗପାଟଣା ଗ୍ରାମର ଦୁଇ ଯୁବକ ଧ୍ରୁବ ଚରଣ ନାହାକଙ୍କ ଘରେ ହଠାତ ବିଦ୍ୟୁତ ଆଘାତରେ ଟଳି ପଡ଼ିବା ଫଳରେ ଗଂଜାମ ଜିଲ୍ଲାରେ ଚାଂଚଲ୍ୟ ସୃଷ୍ଟି କରିଛି ।ଗୌରାଙ୍ଗପାଟଣା ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି ।



ଖବର ପାଇ ଛତ୍ରପୁର ଏସଡ଼ିପିଓ ଚନ୍ଦନ ଘଡ଼େଇ ,ରମ୍ଭା ଥାନା ଆଇଆଇସି କୁମର ମୁଦୁଲି ସମେତ ପୋଲିସ ଟିମ ଓ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ଘଟଣା ସ୍ଥଳରେ ପହଞ୍ଚି ଯାଞ୍ଚ କରିଥିଲେ ।କ୍ଷତି ପୂରଣ ଦାବିରେ ଥିବା ମୃତକ ପରିବାରଙ୍କୁ ଏସଡ଼ିପିଓ ଚନ୍ଦନ ଘଡ଼େଇ ଓ ରମ୍ଭା ଥାନା ଆଇଆଇସି ବୁଝାସୁଝା କରିଥିଲେ ।ମୃତକଙ୍କ ଶବକୁ ଉଦ୍ଧାର କରି ଶବ ବ୍ୟବଚ୍ଛେଦ ପାଇଁ ଛତ୍ରପୁରକୁ ପଠାଇଥିଲେ ।ଦୀପକ ବେହେରା ପରିବାରର ଭେଣ୍ଡିଆ ପୁଅ ।ଅଜୟ ବେହେରା ଗତ ଦୁଇମାସ ପୂର୍ବରୁ ପାଲୁର ଗ୍ରାମର ଏକ ଯୁବତୀଙ୍କୁ ବିବାହ କରିଥିଲେ ।ତେବେ ଉଭୟଙ୍କ ବିୟୋଗରେ ପରିବାର ଲୋକେ ଭାଙ୍ଗି ପଡିଛନ୍ତି ।ତେବେ ଉଭୟଙ୍କ ପରିବାର ପକ୍ଷରୁ ରେଡ଼କ୍ରସ ପାଣ୍ଠିରୁ ସହାୟତା ଯୋଗାଇବା ପାଇଁ ଦାବି କରିଛନ୍ତି ।

## ଉତ୍କଳ ଗୋପାଳ ସମାଜ ତରଫରୁ ଶୋକସଭା



**ରାୟଗଡ଼ା, ୧୯।୫ (ନି.ପ୍ର):** ଉତ୍କଳ ଗୋପାଳ ସମାଜ ଅନୁଗୋଳ ଜିଲ୍ଲା ଯୁବ ସଙ୍ଗଠକ ଧନେଶ୍ୱର ଭୁଡ଼ିଆଙ୍କ ଜେଜେବାପା ଶ୍ରୀଯୁକ୍ତ ଭୀମସେନ ଭୁଡିଆ ବୟସ ୯୮ ବର୍ଷ ଜଣେ ଆଦର୍ଶ ପରୋପକାରୀ ସହନଶୀଳ ଧର୍ମପରାୟଣ ଆଧାତ୍ମିକ ଚେତନାଶୀଳ ବ୍ୟକ୍ତି ପୁରୁଣାଗଡ଼ ଗ୍ରାମ ଗୋପାଳ ସମାଜର ଅନେକ କାର୍ଯ୍ୟ ତାଙ୍କ ତତ୍ତ୍ୱାବଧାନରେ କରାଇଛନ୍ତି। ସେହି ମହାନୁଭବଙ୍କର ତାଙ୍କ ବାସଭବନ ପୁରୁଣାଗଡ଼ରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି । ଏ ଦେହାନ୍ତ ଖବର ଉତ୍କଳ ଗୋପାଳ ସମାଜ ପାଇଁ ଏକ ଅପୂରଣୀୟ ଅବିସ୍ମରଣୀୟ ଦୁଃଖଦାୟକ ଘଟଣା ଯଦ୍ଦ୍ୱାରା ଜଣେ ଜାତିପ୍ରେମୀ ଗୁରୁସ୍ଥାନୀୟ ମହାଭାଗକୁ ଆମେ ହରାଇ ବସିଛୁ । ଏହି ଦୁଃଖଦ ଖବର ଶୁଣି ଉତ୍କଳ ଗୋପାଳ ସମାଜ ଅନୁଗୋଳ ଜିଲ୍ଲା ଉପଦେଷ୍ଟା ଶ୍ରୀଯୁକ୍ତ ଦୟାନିଧି ବେହେରା, ବଅରପାଳ ବ୍ଲକ ସମ୍ପାଦକ ଶ୍ରୀ ବଳରାମ ବେହେରା, ବଅରପାଳ ପଞ୍ଚାୟତ ସଭାପତି ଶ୍ରୀ କୃପାସିନ୍ଧୁ ପରିଡା ମାନେ ସ୍ୱର୍ଗତ ଭୀମସେନ ଭୁଡିଆଙ୍କ ବାସଭବନ ପୁରୁଣାଗଡ଼ରେ ଉପସ୍ଥିତ ହୋଇ ଉକ୍ତ ପରିବାର କୁ ସମବେଦନା ଜଣାଇବା ସହ ଅମର ଆତ୍ମା ର ସଦଗତି ପାଇଁ ଭଗବାନ ପରମବ୍ରହ୍ମ ପରମାତ୍ମା ପରମେଶ୍ୱର ରାଧାକାନ୍ତ ଗୋପେଶ୍ୱର ଶ୍ରୀକୃଷ୍ଣଙ୍କ ଠାରେ ପ୍ରାର୍ଥନା କରିଥିଲେ ।

## ବେଆଇନ ବାଲି ବୋଝେଇ ହାଇୱା ଜବତ




**ଖଣ୍ଡପଡ଼ା,୧୯/୫(ନି.ପ୍ର):** ଖଣ୍ଡପଡ଼ା ବ୍ଲକ ଅଧୀନ ବିଭିନ୍ନ ଘାଟରୁ ବେଆଇନ ବାଲି ଚାଲାଣ ଏବେ ସ୍ଥାନୀୟ ପ୍ରଶାସନର ଚିନ୍ତା ବଢାଇଥିବା ନେଇ ସୂଚନା ମିଳିଛି। ଗତକାଲି ମହାନଦୀ ଘାଟରୁ ବେଆଇନ ବାଲି ଚାଲାଣ କରୁଥିବା ୨ଟି ହାଇୱାକୁ ଜବତ କରିଛି ସ୍ଥାନୀୟ ପୁଲିସ। ଖଣ୍ଡପଡ଼ା ଦେଇ ନୟାଗଡ ଅଭିମୁଖେ ଯାଉଥିବା ଏହି ବାଲି ବୋଝେଇ ହାଇୱା ଗାଡିକୁ ବାଇପାସ ଠାରେ ଜବତ କରିଛନ୍ତି ଥାନାଧିକାରୀ କୃତିବାସ ହରିଚନ୍ଦନ। ସେହିପରି ଅନ୍ୟ ଏକ ଗାଡି ଗୁଣ୍ଠୁଣି ଅଭିମୁଖେ ଯାଉଥିବା ବେଳେ ପୁଲିସ ଜବତ କରିଥିବା ନେଇ ସୂଚନା ମିଳିଛି। ତେବେ ଜବତ ବାଲି ବୋଝେଇ ଗାଡି ଦୁଇଟିକୁ ସ୍ଥାନୀୟ ପୁଲିସ ଥାନା ସମ୍ମୁଖରେ ରଖିଥିବା ସୂଚନା ମିଳିଛି। ଘଟଣାରେ ସମ୍ପୃକ୍ତ ଗାଡି ଡ୍ରାଇଭର ଦ୍ୱୟଙ୍କୁ ପୁଲିସ ଗିରଫ କରି କୋର୍ଟଚାଲାଣ କରିଥିବା ଥାନା ସୂତ୍ରରୁ ଜଣାପଡିଛି।

## ରାଜ୍ୟ ଆଇନଜୀବୀ ପରିଷଦ ସଦସ୍ୟ ସଞ୍ଜିତ କୁମାର ପାଣିଗ୍ରାହୀଙ୍କୁ ଭବ୍ୟ ସମ୍ବର୍ଦ୍ଧନା

**ଭୁବନେଶ୍ୱର/ବ୍ରହ୍ମପୁର,୧୯।୫ (ମନ୍ଥନ) :** ନିଖିଳ ଓଡ଼ିଶା ଆଇନଜୀବୀ ସଂଘ (ଏ.ଓ.ଏଲ୍.ଏ) ପକ୍ଷରୁ ଆଜି ଭୁବନେଶ୍ୱର ସ୍ଥିତ ଭଞ୍ଜକଳା ମଣ୍ଡପରେ ରାଜ୍ୟସ୍ତରୀୟ ସମ୍ବର୍ଦ୍ଧନା ତଥା ଏକ ଭବ୍ୟ ଓ ଗରିମାମୟ ସମାରୋହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସଂଘର ସଭାପତି ଶ୍ରୀ ବିଭୁ ପ୍ରସାଦ ତ୍ରିପାଠୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଆଡମ୍ବରପୂର୍ଣ୍ଣ ସମାରୋହରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀ ସୁରେଶ କୁମାର ପୂଜାରୀ ଯୋଗଦାନ କରିଥିବା ବେଳେ, ସମ୍ମାନିତ ଅତିଥି ଭାବେ ରାଜ୍ୟସଭା ସାଂସଦ ଶ୍ରୀ ସୁଜିତ କୁମାର ଯୋଗଦେଇ ଥିଲେ । ସେହିପରି ଅନ୍ୟତମ ସମ୍ମାନିତ ଅତିଥି ରୂପେ ସଂଘର ବରିଷ୍ଠ ନେତା ଶ୍ରୀ ଜ୍ଞାନ ରଞ୍ଜନ ମହାନ୍ତିଙ୍କ ଗରିମାମୟ ଉପସ୍ଥିତି ସଭାକୁ ଅଧିକ ମର୍ଯ୍ୟାଦା ମଣ୍ଡିତ କରିଥିବା ବେଳେ, କାର୍ଯ୍ୟକ୍ରମରେ ସଂଘର ଉପଦେଷ୍ଟା ଶ୍ରୀ ଜୀବନ କୁମାର ସାହୁ, ଓଡ଼ିଶା ରାଜ୍ୟ ବାର୍ କାଉନ୍ସିଲର ଉପାଧ୍ୟକ୍ଷ ଶ୍ରୀ ରାଜୀବ କୁମାର ମହାନ୍ତି, ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏସନର ସଭାପତି ଶ୍ରୀ ଲଲାଟେନ୍ଦୁ ସାମନ୍ତରାୟ, ରାଜ୍ୟ ଲ' କମିଶନ ସଦସ୍ୟ ତଥା ବରିଷ୍ଠ ଆଇନଜୀବୀ ଶ୍ରୀ ସୌରଚନ୍ଦ୍ର ମହାପାତ୍ର ପ୍ରମୁଖ ବିଶିଷ୍ଟ ବ୍ୟକ୍ତିବର୍ଗ ମଞ୍ଚାସିନ ଥିଲେ । ଏହି ଅବସରରେ ରାଜ୍ୟର



ବିଭିନ୍ନ ଓକିଲ ସଂଘର ନବ ନିର୍ବାଚିତ ପ୍ରତିନିଧି ମାନଙ୍କୁ ସମ୍ମାନିତ କରାଯାଇଥିବା ବେଳେ, ବିଶିଷ୍ଟ ଆଇନଜୀବୀ ତଥା ସମାଜସେବୀ ସଞ୍ଜିତ କୁମାର ପାଣିଗ୍ରାହୀଙ୍କୁ ସଂଘ ପକ୍ଷରୁ ସ୍ୱତନ୍ତ୍ର ସମ୍ମାନ ପ୍ରଦାନ କରାଯାଇଥିଲା । ତାଙ୍କର ଆଇନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଏବଂ ସାମାଜିକ ସଚେତନତା ମୂଳକ କାର୍ଯ୍ୟ ପାଇଁ ଉପସ୍ଥିତ ଅତିଥି ବୃନ୍ଦ ତାଙ୍କୁ ଉଚ୍ଚ ପ୍ରଶଂସା କରିଥିଲେ । ଉକ୍ତ ସମ୍ମାନ ଗ୍ରହଣ କରିବା ପରେ ସଞ୍ଜିତ କୁମାର ପାଣିଗ୍ରାହୀ ନିଜ ବକ୍ତବ୍ୟରେ କହିଥିଲେ ଯେ, ନିଖିଳ ଓଡ଼ିଶା ଆଇନଜୀବୀ ସଂଘ ପକ୍ଷରୁ ମିଳିଥିବା ଏହି ସମ୍ମାନ ତାଙ୍କ ପାଇଁ ଗୌରବ ଓ ଅପାର ପ୍ରେରଣାର ବିଷୟ । ଆଇନଜୀବୀ ସମାଜ କେବଳ ନ୍ୟାୟ ପ୍ରତିଷ୍ଠାର ଭିତ୍ତି ନୁହେଁ, ବରଂ ସାମାଜିକ ନ୍ୟାୟ, ସଚେତନତା ଓ ଗଣତାନ୍ତ୍ରିକ ମୂଲ୍ୟବୋଧର ସୁରକ୍ଷାରେ ମଧ୍ୟ ଅଗ୍ରଣୀ ଭୂମିକା ଗ୍ରହଣ କରୁଛି । ଆଇନ ବୃତ୍ତି କେବଳ ଏକ ପେଶା ନୁହେଁ, ଏହା ସମାଜ ପ୍ରତି ଏକ ନିଷ୍ଠାପୂର୍ଣ୍ଣ ସେବାର ମାଧ୍ୟମ ବୋଲି ସେ ନିଜର ବକ୍ତବ୍ୟ ରଖିଥିଲେ । ଆଗାମୀ ଦିନରେ ଆଇନଜୀବୀ ମାନଙ୍କ ଅଧିକାର, ସୁରକ୍ଷା ଓ କଲ୍ୟାଣ ପାଇଁ ସମସ୍ତଙ୍କୁ ଏକତ୍ରିତ ହୋଇ କାର୍ଯ୍ୟ କରିବାକୁ ସେ ଆହ୍ୱାନ ଜଣାଇଥିଲେ । ସଂଘ ପକ୍ଷରୁ ମିଳିଥିବା ଏହି ସମ୍ମାନ ପାଇଁ ସେ ସମସ୍ତ କର୍ମକର୍ତ୍ତା ଓ ସଦସ୍ୟଙ୍କ ପ୍ରତି ହୃଦୟରୁ ସାଧୁବାଦ ଜଣାଇ ଥିଲେ ।

## ଆକ୍ରମଣ ଓ ପ୍ରତିଆକ୍ରମଣ ଘଟଣାରେ ୨ ଜଣଙ୍କୁ କୋର୍ଟ ଚାଲାଣ

**ବୁଗୁଡ଼ା, ୧୯।୫ (ନି.ପ୍ର) :** ବୁଗୁଡ଼ା ଥାନା ବାଲିପଦର ଫାଣ୍ଡି ଅନ୍ତର୍ଗତ ସୋରଡ଼ ଗ୍ରାମରେ ଆକ୍ରମଣ ଓ ପ୍ରତିଆକ୍ରମଣ ଘଟଣାରେ ପୋଲିସ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣା ପଡିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ସୋରୋଡ ଗ୍ରାମର ସୁରେନ୍ଦ୍ର ନାୟକ (୪୮) ଏବଂ ଗାଙ୍ଗପୁର ଥାନା ଅନ୍ତର୍ଗତ ସିଙ୍ଗିପୁର ଗ୍ରାମର ବଂଶୀଧର ସେଠୀ (୩୨) । ବଂଶୀଧର ତାଙ୍କ ଅସୁସ୍ଥ ଶାଶୁଙ୍କୁ ଦେଖିବା ପାଇଁ ପରିବାର ସହ ସୋରଡ଼ ଗ୍ରାମକୁ ଆସିଥିଲେ। ଗତକାଲି ସନ୍ଧ୍ୟା ପ୍ରାୟ ୬ଟାରେ ନିଶାଗ୍ରସ୍ତ ଅବସ୍ଥାରେ ଥିବା ବଂଶୀଧର ଓ ତାଙ୍କ ଶାଶୂଘର ପଡିଶାରେ ରହୁଥିବା ସୁରେନ୍ଦ୍ରଙ୍କ ସହ ପାଟିତୁଣ୍ଡ ହୋଇଥିଲା ।ସୁରେନ୍ଦ୍ର ପ୍ରଥମେ ବଂଶୀଧରଙ୍କୁ ଆକ୍ରମଣ କରିବାରୁ ବଂଶୀଧର ଏକ ଠେଙ୍ଗାରେ ଆକ୍ରମଣ କରିବାରେ ସୁରେନ୍ଦ୍ରଙ୍କ ମୁଣ୍ଡ ଫାଟି ଯାଇଥିଲା। ସୁରେନ୍ଦ୍ର ମଧ୍ୟ ଆକ୍ରମଣ କରିବାକୁ ଚେଷ୍ଟା କରି ଏକ ପଥର ଉଠାଇ ବଂଶୀଧରଙ୍କ ମୁଣ୍ଡକୁ ଫିଙ୍ଗିଥିଲେ ହେଁ ସୌଭାଗ୍ୟବଶତଃ ବଂଶୀଧର ବର୍ତ୍ତି ଯାଇଥିଲେ । ଏ ନେଇ ବଂଶୀଧର ଏବଂ ସୁରେନ୍ଦ୍ରଙ୍କ ଅଭିଯୋଗ ଅନୁଯାୟୀ ପୋଲିସ ଯଥାକ୍ରମେ କେସ୍ ନଂ ୨୪୫/୨୬ ଏବଂ ୨୪୬/୨୬ରେ ଦୁଇଟି ମାମଲା ରୁଜୁ କରି ଉଭୟଙ୍କୁ ଗିରଫ କରିବା ସହ ଆଜି କୋର୍ଟ ଚାଲାଣ କରିଥିବା ବାଲିପଦର ଫାଣ୍ଡି ଅଧିକାରୀ କେ.ନୀଳାଦ୍ରି ରେଡ୍ଡୀ ସୂଚନା ଦେଇଛନ୍ତି।

### ରବିବାର ଖୋଲୁନି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର

## ଉତ୍କଟ ଗ୍ରୀଷ୍ମରେ ଚିକିତ୍ସା ପାଇଁ କଲବଲ ରୋଗୀ

**ଖଣ୍ଡପଡ଼ା, ୧୮/୫ (ନିପ୍ର):** ରବିବାର ଆସିଲେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଅଘୋଷିତ ଛୁଟି। ଚଳିତ ଗ୍ରୀଷ୍ମରେ ଜରୁରୀକାଳୀନ ଚିକିତ୍ସା ମାଟିରେ ମିଶିଥିବା ବେଳେ କଲବଲ ହେଉଛନ୍ତି ଗ୍ରାମାଞ୍ଚଳ ବାସିନ୍ଦା। ଖଣ୍ଡପଡ଼ା ବ୍ଲକ ଅଞ୍ଚଳରେ ଥିବା ଅଧିକାଂଶ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଏବେ ରବିବାର ତାଲା ଝୁଲୁଛି। ଫଳରେ ରୋଗୀ ସେବାର ବିକଳ ଚିତ୍ର ସାମ୍ନାକୁ ଆସିଥିବା ବେଳେ ପ୍ରଶାସନିକ ଉଦାସୀନତା ସ୍ପଷ୍ଟ ବାରି ହୋଇପଡୁଛି। ମିଳିଥିବା ସୂଚନା ଅନୁଯାୟୀ ଖଣ୍ଡପଡ଼ା ଅଞ୍ଚଳରେ ୫ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଦୁଇଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଲକ୍ଷାଧିକ ଲୋକଙ୍କ ଜୀବନରେଖା। ମାତ୍ର ଚିକିତ୍ସା ସୁବିଧା ମିଳୁନଥିବା ନେଇ ଗତ ୨ ବର୍ଷ ହେବ ଅଭିଯୋଗ ହୋଇଆସୁଛି। ଡାକ୍ତର ସମସ୍ୟା ଓ ଆମ୍ବୁଲାନ୍ସ ମିଳୁନଥିବା ନେଇ ଗତ କିଛି ମାସ ହେବ ଚର୍ଚ୍ଚାରେ ଥିବା ଖଣ୍ଡପଡ଼ା ଅଞ୍ଚଳରେ ଏବେ ଚିକିତ୍ସା ସେବା ଭୁଷୁଡିପଡିଥିବା ନେଇ ଅଭିଯୋଗ




ହୋଇଛି। ରାଜ୍ୟ ସରକାର ଚଳିତ ବର୍ଷର ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକୁ ସପ୍ତାହର ସବୁଦିନ ଖୋଲା ରଖିବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲା ରହୁଥିଲେ ମଧ୍ୟ ବ୍ଲକର ଉପାନ୍ତ କି ଉପକୂଳରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ କିନ୍ତୁ ତାଲା ଝୁଲୁଛି। ଫଳରେ ରବିବାର ଆସିଲେ ଜରୁରୀକାଳୀନ ଚିକିତ୍ସା ନିମନ୍ତେ ବ୍ଲକ ସଦର ମହକୁମା କିମ୍ବା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ମୁହାଁ ହେଉଛନ୍ତି ରୋଗୀ ଏବଂ ସମ୍ପର୍କୀୟ। ଏପରିକି ସାମାନ୍ୟ ଆଶୁ ଚିକିତ୍ସା ମଧ୍ୟ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଉପଲବ୍ଧ ଥିଲେ ହେଁ ତାଲା ଝୁଲୁଥିବା ଯୋଗୁଁ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି। ବ୍ଲକ ଅଞ୍ଚଳରେ ବନମାଳିପୁର, ବିରିଡ଼ିହି, କୁମ୍ଭାରପଡ଼ା, ଡୋଳମରା, କଣ୍ଟିଲୋ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ବିକଳ ଚିତ୍ର ଦେଖିବାକୁ ମିଳିଛି। ବିରିଡ଼ିହି, ଡୋଳମରା, କଣ୍ଟିଲୋ, ବନମାଳିପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ରବିବାର ଅଘୋଷିତ ଛୁଟି ସହିତ ତାଲା ପଡିଥିବା ଦେଖିବାକୁ ମିଳିଥିଲା। ରାଜ୍ୟ ସରକାରଙ୍କ ସ୍ପଷ୍ଟ ନିର୍ଦ୍ଦେଶ ସତ୍ତ୍ୱେ ରବିବାର ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକ ଖୋଲା ଯାଉନଥିବା ସ୍ଥାନୀୟ ଲୋକେ କହିଛନ୍ତି। କୁମ୍ଭାରପଡ଼ା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ରବିବାର ସକାଳେ ଖୋଲା ରହିଥିବା ବେଳେ କିନ୍ତୁ ଉପରବେଳା ତାଲା ଝୁଲୁଥିବା ନେଇ ସ୍ଥାନୀୟ ବାସିନ୍ଦା କୁହନ୍ତି। ଫଳରେ ଉତ୍କଟ ଗ୍ରୀଷ୍ମରେ ଅଂଶୁଘାତ କିମ୍ବା ଅନ୍ୟ ରୋଗର ଚିକିତ୍ସା ପାଇଁ ରୋଗୀ କଲବଲ ହେଉଥିବା ନେଇ ଦେଖିବାକୁ ମିଳିଛି। ଅନ୍ୟପକ୍ଷରେ କିଛିଦିନ ତଳେ ସ୍ଥାନୀୟ ବିଧାୟକ ପୂର୍ତ୍ତବିଭାଗ ଡାକ ବଙ୍ଗଳାରେ ସ୍ୱାସ୍ଥ୍ୟ ବିଭାଗ ସମୀକ୍ଷା କରିଥିବା ବେଳେ ଏଭଳି ସମ୍ବେଦନଶୀଳ ପ୍ରସଙ୍ଗ ବାବଦରେ ଆଦୌ ଆଲୋଚନା ହୋଇନଥିବା ସୂଚନା ମିଳିଛି। ଫଳରେ ସ୍ୱାସ୍ଥ୍ୟ ବିଭାଗ ସମୀକ୍ଷା ପ୍ରହସନ ଏବଂ ଅଘୋଷିତ ଛୁଟି ଜାରି ହୋଇଥିବା ଭାରତୀୟ ବିକାଶ ପରିଷଦ ରାଜ୍ୟ ଉପସଭାପତି ନିରଞ୍ଜନ ଦାସ କହିଛନ୍ତି। ନୟାଗଡ ଜିଲ୍ଲା ପ୍ରଶାସନ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।

## ଗୁଡାରିରେ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର



**ଗୁଡାରି/ଗୁଣପୁର/ରାୟଗଡ, ୧୯।୫ (ନି.ପ୍ର):** ଗୁଡରି ବ୍ଲକ ସଭାଗୃହରେ ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇ ଯାଇଛି । ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ଏହି ଶିବିରରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକାରୀ ଗୋଷ୍ଠନର ବାର୍ଲା, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ, ରାୟଗଡ ଅକ୍ଷୟ କୁମାର ଖେମୁଣ୍ଡୁ, ଗୁଣପୁର ଉପ ଜିଲ୍ଲାପାଳ ଦୁଧାଲ ଅଭିଷେକ ଦିଲୀପ, ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନ ସ୍ୱାସ୍ଥ୍ୟ ଅଧିକାରୀ ପ୍ରମୁଖ ଯୋଗଦେଇ ସମସ୍ତ ଅଭିଯୋଗର ଶୁଣାଣୀ କରିଥିଲେ। ଆଜି ମୋଟ ୩୧ଟି ଅଭିଯୋଗ ର ଶୁଣାଣୀ ହୋଇଥିବା ବେଳେ, ସେଥିରୁ ଟି ୨୬ ବ୍ୟକ୍ତିଗତ,୦୫ଟି ସାମୁହିକ ଦରଖାସ୍ତ ପଞ୍ଜିକରଣ ହୋଇଥିଲା । ଅତିରିକ୍ତ ଜିଲ୍ଲାପାଳ ସମସ୍ତ ଦରଖାସ୍ତ ଗ୍ରହଣ ପରେ ସେ ଗୁଡିକୁ ତଦନ୍ତ କରି ତୁରନ୍ତ ପଦକ୍ଷେପ ନେବା ନିମନ୍ତେ ସମ୍ପୃକ୍ତ ଅଧିକାରୀଙ୍କୁ ଦରଖାସ୍ତ ଗୁଡିକ ପ୍ରଦାନ କରିବା ସହ ଗ୍ରହଣ କରିଥିବା ପଦକ୍ଷେପର ବିବରଣୀ ଜିଲ୍ଲାପାଳଙ୍କ ଅବଗତି ନିମନ୍ତେ ଜିଲ୍ଲା କାର୍ଯ୍ୟାଳୟକୁ ଜଣାଇବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ । ଏହି ଅଭିଯୋଗ ଶିବିରରେ ଗୁଣପୁର ଉପଖଣ୍ଡ ଆରକ୍ଷୀ ଅଧିକାରୀ ବାବୁଲି ନାୟକ, ଲିଡ଼ ବ୍ୟାଙ୍କ ଅଧିକାରୀ ଦେବେନ୍ଦ୍ର ବାଉରୀଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ । ଗୁଡାରି ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଚିସ୍ମିତା ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠୀତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ତହସିଲଦାର ଆଡାଲା ସ୍ନେହଲତା ଗୁଡରି ଥାନା ଅଧିକାରୀ ବିଶ୍ୱବନ୍ଦିନୀ ବାଗ ପ୍ରମୁଖ ଯୋଗ ଦେଇଥିଲେ ।

# ଚଣ୍ଡିଖୋଲ ଅଶୋଧିତ ତୈଳ ସଂରକ୍ଷଣ ପ୍ରକଳ୍ପ ଆରମ୍ଭ ହେବ କେବେ ? : କଂଗ୍ରେସ

ଭୁବନେଶ୍ୱର,୧୯।୫(ନି.ପ୍ର.); ତତ୍କାଳୀନ ପ୍ରଧାନମନ୍ତ୍ରୀ ମନମୋହନସିଂହଙ୍କ ନେତୃତ୍ୱରେ କଂଗ୍ରେସ ସରକାରଙ୍କ ଦ୍ୱାରା ପ୍ରସ୍ତାବିତ ଚଣ୍ଡିଖୋଲ ଅଶୋଧିତ ତୈଳ ସଂରକ୍ଷଣ ପ୍ରକଳ୍ପକୁ ଦୀର୍ଘ ଏଗାର ବର୍ଷ ହେଲା ବର୍ତ୍ତମାନର ମୋଦୀ ସରକାର କେବଳ ଏକ ନିର୍ବାଚନୀ ଆୟୁଧ ଭାବରେ ବ୍ୟବହାର କରୁଛନ୍ତି। କିନ୍ତୁ ଆଜି ପର୍ଯ୍ୟନ୍ତ କାମ ଆରମ୍ଭ ହୋଇପାରି ନାହିଁ। ଏହି ବିଷୟକୁ ନେଇ ପ୍ରଦେଶ କଂଗ୍ରେସ ବରିଷ୍ଠ ମୁଖପାତ୍ର ଓ ରିସର୍ଚ୍ଚ ଆନାଲିଷ୍ଟ ଜଗଦାନନ୍ଦ ପ୍ରଧାନ କଂଗ୍ରେସ ଭବନଠାରେ ଏକ ପ୍ରେସ ବିବୃତି ମାଧ୍ୟମରେ ସରକାରଙ୍କ ଅପାରଗତାକୁ ସମାଲୋଚନା କରିବା ସହ କଂଗ୍ରେସର ଦାବି ଉପସ୍ଥାପନ କରିଛନ୍ତି।

ଶ୍ରୀ ପ୍ରଧାନ କହିଛନ୍ତି, ଚଣ୍ଡିଖୋଲଠାରେ ଏହି ପ୍ରସ୍ତାବିତ ଅଶୋଧିତ ତୈଳ ସଂରକ୍ଷଣ ପ୍ରକଳ୍ପରେ ୩୦ ନିୟୁତ ବ୍ୟାରେଲ ପର୍ଯ୍ୟନ୍ତ ଅଶୋଧିତ ତୈଳ ସଂରକ୍ଷଣ କରାଯିବାକୁ କୁହାଯାଇଛି। ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ୫ ହଜାର ଲୋକ ନିଯୁକ୍ତି ସୁଯୋଗ ପାଇବେ ବୋଲି ସରକାର କହୁଥିବାବେଳେ ପ୍ରକୃତପକ୍ଷେ ୮ ହଜାରରୁ ୧୦ ହଜାର ଲୋକ ନିଯୁକ୍ତି ପାଇବା କଥା। ପ୍ରକଳ୍ପ ପ୍ରତିଷ୍ଠା ହେଲେ କ୍ଷତିଗ୍ରସ୍ତ ଲୋକଙ୍କୁ ଉପଯୁକ୍ତ କ୍ଷତିପୂରଣ ସହ ନିଯୁକ୍ତି ଓ ଥଇଥାନ ବ୍ୟବସ୍ଥା ପାଇଁ କି ପ୍ରକାରର ବ୍ୟବସ୍ଥା ଗ୍ରହଣ କରାଯାଇଛି ଏହାକୁ ନେଇ ପ୍ରଶ୍ନ କରିଛି କଂଗ୍ରେସ। ବର୍ତ୍ତମାନର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ସରକାର ଦେଶରେ ଗୋଟିଏ ଲିଟର ବି ଅଶୋଧିତ ତୈଳ ସଂରକ୍ଷଣ ପାଇଁ ବ୍ୟବସ୍ଥା କରିପାରି ନାହାଁନ୍ତି। ଦେଶରେ ବର୍ତ୍ତମାନ ଯାହା କିଛି ଅଶୋଧିତ ତୈଳ ସଂରକ୍ଷଣ ପ୍ରକଳ୍ପ ପ୍ରତିଷ୍ଠା ହୋଇଛି, ତାହା କେବଳ କଂଗ୍ରେସର ନେତୃତ୍ୱାଧୀନ ୟୁପିଏ ସରକାରଙ୍କ ସମୟରେ ହୋଇଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ପ୍ରଥମ ପର୍ଯ୍ୟାୟରେ ହୋଇଥିବା ୫ ଦଶମିକ ୩୩ ମିଲିଅନ ମେଟ୍ରିକ ଟନ କ୍ଷମତା ବିଶିଷ୍ଟ ପ୍ରକଳ୍ପ ସହ ଦ୍ୱିତୀୟ ପର୍ଯ୍ୟାୟ ପ୍ରକଳ୍ପ ପାଇଁ ଅନ୍ୟ ତିନୋଟି ପ୍ରକଳ୍ପ(ବିଶାଖାପଟଣା (୧.୩୩ ମିଲିଅନ ମେଟ୍ରିକ ଟନ),ମାଙ୍ଗାଲୁର(୧.୫ମେଟ୍ରିକ ମିଲିଅନ ଟନ) ଓ ପାଦୁର(୨.୫ ମିଲିଅନ ମେଟ୍ରିକ ଟନ) କ୍ଷମତା ବିଶିଷ୍ଟ ପ୍ରକଳ୍ପର ସଂପ୍ରସାରଣ ପାଇଁ କଂଗ୍ରେସ ସମୟରେ ହିଁ ଉଦ୍ୟମ ଆରମ୍ଭ କରିଥିଲା, ଯାହାକୁ ବର୍ତ୍ତମାନର ଏନଡିଏ ସରକାର ପକାଇ ରଖିଛି। ଚଣ୍ଡିଖୋଲ ପ୍ରକଳ୍ପ ସଂପର୍କରେ ମଧ କଂଗ୍ରେସ ସରକାର ମଧ ଗତ ୨୦୧୩ ମସିହାରେ ଫିଜିବିଲିଟି ରିପୋର୍ଟ ଦାଖଲ କରିବା ସହ ପ୍ରକ୍ରିୟା ଆରମ୍ଭ କରିଥିଲେ ପ୍ରକଳ୍ପ ସ୍ଥାପନ ପରେ ଚଣ୍ଡିଖୋଲ ଓ ଏହାର ଆଖପାଖ ଅଞ୍ଚଳରେ ଯେଉଁ ଭୟାବହ ପରିବେଶ ପ୍ରଦୂଷଣ ହେବ ଏହାର ନିରାକରଣ ପାଇଁ ପ୍ରକଳ୍ପ କର୍ତ୍ତୃପକ୍ଷ ତଥା ରାଜ୍ୟର ଡବଲ ଇଂଜିନ ସରକାର ଶକ୍ତ ପଦକ୍ଷେପ ଗ୍ରହଣ କରନ୍ତୁ। ଭୂତଳ ଅଶୋଧିତ ତୈଳ ସଂରକ୍ଷଣ ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଏଠାରେ ଭୂତଳ ଜଳ ପ୍ରଦୂଷଣ ହେବା ସହ ମିଥେନ ଓ ଉଷ୍ମାୟ ଜୈବ ଯୌଗିକ (ଠଙଉ) ଗ୍ୟାସ ଲିକେଜ୍ ହୋଇ ସ୍ଥାନୀୟ ଅଂଚଳରେ ପରିବେଶ ପ୍ରତି ବିପଦ ସୃଷ୍ଟି କରିବ। ବିଷାକ୍ତ ବେଞ୍ଜିନ, ଟୋଲୁଇନ୍ ଏବଂ ଇଥାଇଲ ବେଞ୍ଜିନ ଭଳି ଅଶୋଧିତ ତୈଳରେ ଯେଉଁ ସବୁ ଅସ୍ଥିର ଉପାଦାନ ରହିଛି ତାହା ବାଷ୍ପୀଭୂତ ହୋଇ ଅଶୋଧିତ ତୈଳ ସଂରକ୍ଷଣ ପ୍ରକଳ୍ପ ଓ ଏହାର ଆଖପାଖ ଅଂଚଳରେ ଭୁଗର୍ଭ ଜଳକୁ ପ୍ରଦୂଷିତ କରିବ। ଏହା ଦ୍ୱାରା ନାନାଦି ରୋଗ ସୃଷ୍ଟି ହେବା ସମ୍ଭାବନା ରହିଛି। ଏହା ସହିତ ଅତ୍ୟଧିକ ତେଲ ସଂରକ୍ଷଣ ମିଥେନ କିମ୍ବା କ୍ଷୟକାରୀ ହାଇଡ୍ରୋଜେନ ସଲଫାଇଡ ଗ୍ୟାସର ବିପଜ୍ଜନକ ପରିସ୍ଥିତି ସୃଷ୍ଟି କରିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।




କଂଗ୍ରେସର ପ୍ରଶ୍ନ ହେଲା, ଚଣ୍ଡିଖୋଲ ପ୍ରକଳ୍ପକୁ କାହିଁକି ମୋଦୀ ସରକାର ବାରମ୍ବାର ଘୁଞ୍ଚାଇ ଚାଲିଛନ୍ତି ? ସରକାରଙ୍କର ଅଭିପ୍ରାୟ କଣ ? ଏଥିରୁ ସ୍ପଷ୍ଟ ହେଉଛି ଓଡିଶାରେ ଯୁବକ ଯୁବତୀଙ୍କ ନିଯୁକ୍ତି ପାଇଁ ସରକାରଙ୍କର ଆନ୍ତରିକତା ନାହିଁ। ସରକାର ରାଜ୍ୟର ଅମୁଲ୍ୟ ସଂପଦ କେବଳ ବେସରକାରୀ ଶିଳ୍ପସଂସ୍ଥାଙ୍କ ହାତରେ ଶାଗ,ମାଛ ମୂଲ୍ୟରେ ଟେକିଦେବା ଜାଣିଛି। ରାଜ୍ୟର ପ୍ରତ୍ୟେକ ଶିଳ୍ପାଞ୍ଚଳରେ ବିସ୍ଥାପନ ଏକ ଗମ୍ଭୀର ସମସ୍ୟାଭାବେ ଉଭା ହେଲାଣି। ବେସରକାରୀ ସଂସ୍ଥାଙ୍କ ହିତ ପାଇଁ ସରକାର ପୁଲିସ ପ୍ରଶାସନକୁ ବ୍ୟବହାର କରି ଦମନଲୀଳା କରିବାକୁ ମଧ ପଛାଉ ନାହିଁ। ଚଣ୍ଡିଖୋଲର ଏହି ଅଶୋଧିତ ସଂରକ୍ଷଣ ପ୍ରକଳ୍ପ ପାଇଁ କଂଗ୍ରେସ ଦାବି କରୁଛି ଯେ, ବିସ୍ଥାପିତ ଏବଂ ଆଖପାଖ ଅଂଚଳର ୮ ରୁ ୧୦ ହଜାରରୁ ଯୁବକ ଓ ଯୁବତୀଙ୍କୁ ନିଯୁକି ଦିଆଯାଉ, ସ୍ଥାନୀୟ ପରିବହନ ସଂସ୍ଥାଙ୍କୁ ଅଗ୍ରାଧିକାର ଭିତ୍ତିରେ କାମ ଯୋଗାଇ ଦିଆଯାଉ, ଉପଯୁକ୍ତ କ୍ଷତିପୂରଣ ଦେଇ ସୁରୁଖୁରୁରେ ବିସ୍ଥାପନ ପ୍ରକ୍ରିୟା କାର୍ଯ୍ୟକାରୀ କରାଯାଉ। ସେହିଭଳି ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ଠୋସ୍ ବ୍ୟବସ୍ଥା ଆନ୍ତରିକତାର ସହିତ କାର୍ଯ୍ୟକାରୀ କରାଯାଉ। ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ମାଧ୍ୟମରେ ଅଞ୍ଚଳରେ ଭୂତଳ ପେଟ୍ରୋଲିୟମ ସଂରକ୍ଷଣ ପାଇଁ ନିର୍ଦ୍ଦିଷ୍ଟ ବିପଦ ଆଶଙ୍କା ଥିବାରୁ ଏ ସଂପର୍କରେ ଥିବା ନିୟମାବଳୀକୁ ସମୀକ୍ଷା କରନ୍ତୁଏବଂ ତଦନୁଯାୟୀ ପଦକ୍ଷେପ ନିଅନ୍ତୁ। ତେଣୁ କାଳ ବିଳମ୍ବ ନକରି ସରକାର ପ୍ରକଳ୍ପ କାର୍ଯ୍ୟ କେବେ ଆରମ୍ଭ କରିବେ... ପ୍ରସ୍ତାବିତ ତାରିଖ ଘୋଷଣା କରନ୍ତୁ ବୋଲି ଆଜିକଂଗ୍ରେସ ପକ୍ଷରୁ ଶ୍ରୀ ପ୍ରଧାନ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପାଖରେ ଦାବି କରିଛନ୍ତି।

# ସହରାଂଚଳ ଶାସନ ବ୍ୟବସ୍ଥା ଉପରେ ଆଇଏଏସ୍ ପ୍ରୋବେସନରଙ୍କୁ ଦିଗଦର୍ଶନ ଦେଲା ଟିମ୍ ଅର୍ବାନ୍

ଭୁବନେଶ୍ୱର,୧୯।୫(ନି.ପ୍ର.): ଓଡ଼ିଶାର କ୍ରମବିକଶିତ ସହରାଂଚଳ ଶାସନ ଗଠନତନ୍ତ୍ର ଏବଂ ନାଗରିକ-କେନ୍ଦ୍ରିକ ଆଭିମୁଖ୍ୟ ବିଷୟରେ ବିସ୍ତୃତ ଧାରଣା ପ୍ରଦାନ କରିବା ଉଦ୍ଦେଶ୍ୟରେ, ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଓଡ଼ିଶା କ୍ୟାଡରର ୨୦୨୫ ବ୍ୟାଚ୍ ର ୬ ଜଣ ଆଇଏଏସ୍ ପ୍ରୋବେସନରଙ୍କ ପାଇଁ ଏକ ଓରିଏଂଟେସନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି।

ପୌରପ୍ରଶାସନ ନିର୍ଦ୍ଦେଶକ ଅରିନ୍ଦମ ଡାକୁଆଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ବୈଠକରେ ବିଭାଗର ବରିଷ୍ଠ ଅଧିକାରୀ ଓ ବିଭିନ୍ନ ବିଭାଗୀୟ ମୁଖ୍ୟମାନେ ଯୋଗଦେଇ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ କାର୍ଯ୍ୟକଳାପ, ଫ୍ଲାଗସିପ୍ କାର୍ଯ୍ୟକ୍ରମ ଏବଂ ଆନୁଷ୍ଠାନିକ ବ୍ୟବସ୍ଥା ବିଷୟରେ ଉପସ୍ଥାପନା କରିଥିଲେ।

ଏହି ଆଲୋଚନା ସମୟରେ 'ଟିମ୍ ଅର୍ବାନ୍' ପକ୍ଷରୁ ପ୍ରୋବେସନରମାନଙ୍କୁ ସହରାଂଚଳର ପ୍ରମୁଖ ଯୋଜନା ଯଥା— ସୁଲଭ ମୂଲ୍ୟରେ ବାସଗୃହ, ଜଳ ଯୋଗାଣ, ସ୍ୱଚ୍ଛତା, ବର୍ଜ୍ୟବସ୍ତୁ ପରିଚାଳନା, ସହରାଂଚଳ ଭିତିଭୂମି ଏବଂ ପ୍ରଯୁକ୍ତିବିଦ୍ୟା ଆଧାରିତ ଶାସନ ପ୍ରଣାଳୀ ବିଷୟରେ ଅବଗତ କରାଯାଇଥିଲା। ସମନ୍ୱିତ କ୍ଷେତ୍ରସ୍ତରୀୟ କାର୍ଯ୍ୟାନ୍ୱୟନ ମାଧ୍ୟମରେ ନୀତିଗତ ନିଷ୍ପତିଗୁଡ଼ିକୁ କିଭଳି ପ୍ରଭାବଶାଳୀ ଜନସେବାରେ ରୂପାନ୍ତରିତ କରାଯାଉଛି, ସେ ସମ୍ପର୍କରେ ଅଧିକାରୀମାନେ ବୁଝାଇଥିଲେ। ଦ୍ରୁତ ସହରୀକରଣର ଆହ୍ୱାନଗୁଡ଼ିକୁ ସମ୍ଭାଳିବା ପାଇଁ ସହାନୁଭୂତିପୂର୍ଣ୍ଣ, ପ୍ରତିକ୍ରିୟାଶୀଳ ଏବଂ ହିତାଧିକାରୀ-କେନ୍ଦ୍ରିକ ଶାସନର ଆବଶ୍ୟକତା ଉପରେ ଏହି କାର୍ଯ୍ୟକ୍ରମରେ ଗୁରୁତ୍ୱ ଦିଆଯାଇଥିଲା। ଉନ୍ନତ ସହରାଞ୍ଚଳ ସେବା ପ୍ରଦାନ ପାଇଁ ନୂତନତ୍ୱ, ତଥ୍ୟ-ଆଧାରିତ ଯୋଜନା ଏବଂ ଆନ୍ତଃ-ବିଭାଗୀୟ ସମନ୍ୱୟର ବ୍ୟବହାର କରିବା ସହ ତୃଣମୂଳ ସ୍ତରର ବାସ୍ତବତା ସହିତ ଜଡ଼ିତ ରହିବାକୁ ଯୁବ ଅଧିକାରୀମାନଙ୍କୁ ଉତ୍ସାହିତ କରାଯାଇଥିଲା। ଆଲୋଚନାଚକ୍ର ପରେ, ପ୍ରୋବେସନରମାନଙ୍କୁ ଆହାର କେନ୍ଦ୍ର, ବିଏସ୍ଏବିଟି ପରିସରକୁ ନିଆଯାଇଥିଲା।

# ଗ୍ରାଣ୍ଡ କ୍ରସ୍ ଅଫ୍ ରୟାଲ ନରୱେଜିଆନ ଅର୍ଡର ଅଫ୍ ମେରିଟରେ ସମ୍ମାନିତ ହେଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୧୯।୫(ପିଆଇବି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଆଜି ଓସଲୋଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ନରୱେର ମହାମହିମ ରାଜା ହେରାଲ୍ଡ ପଞ୍ଚମଙ୍କ ଦ୍ୱାରା 'ଗ୍ରାଣ୍ଡ କ୍ରସ୍ ଅଫ୍ ରୟାଲ ନରୱେଜିଆନ ଅର୍ଡର ଅଫ୍ ମେରିଟରେ' ସମ୍ମାନିତ କରାଯାଇଛି। ବିଦେଶୀ ରାଷ୍ଟ୍ରମୁଖ୍ୟଙ୍କୁ ପ୍ରଦାନ କରାଯାଇଥିବା ଏହି ପୁରସ୍କାର ନରୱେର ସର୍ବୋଚ୍ଚ ସମ୍ମାନ। ନରୱେ ଏବଂ ମାନବତାର ହିତରେ ଉତ୍କୃଷ୍ଟ ସେବାର ସ୍ୱୀକୃତି ସ୍ୱରୂପ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦୀ ତାଙ୍କ ଅଭିଭାଷଣରେ, ଏହି ସମ୍ମାନ ପାଇଁ ନରୱେର ମହାମହିମ ରାଜା ହେରାଲ୍ଡ ପଞ୍ଚମ ଏବଂ ନରୱେର ଜନସାଧାରଣଙ୍କ ପ୍ରତି ଗଭୀର




କୃତଜ୍ଞତା ପ୍ରକାଶ କରିଛନ୍ତି। ଭାରତ ଏବଂ ନରୱେ ମଧ୍ୟରେ ଐତିହାସିକ ବନ୍ଧୁତାକୁ ଏହି ପୁରସ୍କାର ଉତ୍ସର୍ଗ କରି, ସେ ଏହାକୁ ଦୁଇ ଦେଶର ଲୋକଙ୍କ ମଧ୍ୟରେ ଅଟଳ ସମ୍ପର୍କ, ବିଶ୍ୱାସ ଏବଂ ସ୍ନେହ ପ୍ରତି ଶ୍ରଦ୍ଧାଞ୍ଜଳି ଭାବରେ ବର୍ଣ୍ଣନା କରିଛନ୍ତି।ଏହି ସମ୍ମାନ ଭାରତ ଏବଂ ନରୱେ ମଧ୍ୟରେ ବିଦ୍ୟମାନ ସଦ୍ଭାବନାର ଗଭୀର ବନ୍ଧନର ପ୍ରତୀକ ଏବଂ ଭବିଷ୍ୟତରେ ସେମାନଙ୍କର ବନ୍ଧୁତା ଏବଂ ସହଯୋଗର ଯାତ୍ରାକୁ ମାର୍ଗଦର୍ଶନ କରିବ।

# ଓଡ଼ିଶାରେ ପେଟ୍ରୋଲ୍, ଡିଜେଲ ଏବଂ ଏଲପିଜିର ପର୍ଯ୍ୟାପ୍ତ ଏବଂ ନିରବଚ୍ଛିନ୍ନ ଯୋଗାଣ ଜାରି

## ମହଜୁଦ ସ୍ଥିର ଥିବା ନେଇ ତୈଳ ବିପଣନ କମ୍ପାନୀଙ୍କ ଆଶ୍ୱାସନା; ଆତଙ୍କିତ ହୋଇ କିଣାକିଣି ନକରିବାକୁ ଜନସାଧାରଣଙ୍କୁ ଅନୁରୋଧ

ଭୁବନେଶ୍ୱର,୧୯।୫(ନି.ପ୍ର.): ଆଇଓସିଏଲ, ବିପିସିଏଲ୍ ଏବଂ ଏଚ୍ପିସିଏଲ୍ ଭଳି ରାଷ୍ଟ୍ରାୟତ୍ତ ତୈଳ ବିପଣନ କମ୍ପାନୀମାନଙ୍କ ଦ୍ୱାରା ସାରା ଓଡ଼ିଶାରେ ନିରବଚ୍ଛିନ୍ନ ପେଟ୍ରୋଲିୟମ ଉତ୍ପାଦ ଯୋଗାଣ ଜାରି ରହିଛି ବୋଲି ତୈଳ ବିପଣନ କମ୍ପାନୀମାନେ ସ୍ପଷ୍ଟ କରିଛନ୍ତି। ରାଜ୍ୟର ସମସ୍ତ ବିତରଣ କେନ୍ଦ୍ରରେ ସ୍ଥିର, ନିରବଚ୍ଛିନ୍ନ ଓ ପର୍ଯ୍ୟାପ୍ତ ପରିମାଣରେ ପେଟ୍ରୋଲ (ଏମଏସ୍), ଡିଜେଲ (ଏଚଏସ୍ଡି) ଏବଂ ତରଳୀକୃତ ପେଟ୍ରୋଲିୟମ ଗ୍ୟାସ (ଏଲ୍ପିଜି) ଯୋଗାଣ କରାଯାଉଥିବା ଏହି ରାଷ୍ଟ୍ରାୟତ୍ତ ତୈଳ ବିପଣନ କମ୍ପାନୀମାନଙ୍କ ପକ୍ଷରୁ କୁହାଯାଇଛି।

ରାଷ୍ଟ୍ରାୟତ୍ତ ତୈଳ ବିପଣନ କମ୍ପାନୀମାନଙ୍କ ପକ୍ଷରୁ କୁହାଯାଇଛି, ଟର୍ମିନାଲ, ଡିପୋ ଏବଂ ରିଟେଲ ଆଉଟଲେଟ୍ ତଥା ପେଟ୍ରୋଲ ପମ୍ପଗୁଡ଼ିକୁ ନେଇ ଗଠିତ ସମ୍ପୂର୍ଣ୍ଣ ଜାଳେଣି ଯୋଗାଣ ଶୃଙ୍ଖଳ ବାଧାବିଘ୍ନ ବିନା ସୁରୁଖୁରୁରେ କାର୍ଯ୍ୟ କରୁଛି। ଜାଳେଣି ମହଜୁଦ୍ର ପ୍ରକୃତ ସମୟରେ (ରିଅଲ୍ ଟାଇମ୍) ନିରୀକ୍ଷଣ କରାଯାଉଛି ଏବଂ ରାଜ୍ୟର ସମସ୍ତ ସ୍ଥାନରେ ସର୍ବୋତ୍ତମ ମହଜୁଦ୍ ସ୍ତର ବଜାୟ ରଖିବା ପାଇଁ ପୁନଃ-ପୂରଣ କାର୍ଯ୍ୟ ସୁଗମ ଭାବେ କରାଯାଉଛି। ଏହା ବାଦ୍ ଘରୋଇ ଗ୍ରାହକମାନଙ୍କୁ ଏଲପିଜି ବିତରଣ ସର୍ବୋଚ୍ଚ ଅଗ୍ରାଧିକାରରେ ଦିଆଯାଉଛି ଏବଂ ଓଡ଼ିଶା ସାରା ଏହା ସ୍ୱାଭାବିକ ରହିଛି। ସମସ୍ତ ପରିବାରକୁ ସମୟାନୁକୂଳ ଏବଂ ନିରବଚ୍ଛିନ୍ନ ବିତରଣ ନିଶ୍ଚିତ କରିବା ପାଇଁ ସ୍ଥିତି ଉପରେ କ୍ରମାଗତ ଏବଂ ତୀକ୍ଷ୍ଣ ନଜର ରଖାଯାଇଛି ବୋଲି ସ୍ପଷ୍ଟ କରାଯାଇଛି ବୋଲି ବିପଣନକାରୀ କମ୍ପାନୀଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

ସମଗ୍ର ଅରାଜ୍ୟରେ ଜାଳେଣିର ସହଜ ଉପଲବ୍ଧତା ସୁନିଶ୍ଚିତ କରିବା ପାଇଁ ତୈଳ ଶିଳ୍ପ ପକ୍ଷରୁ ପରିବହନ, ମହଜୁଦ୍ ପରିଚାଳନା ଏବଂ ଖୁଚୁରା ବିପଣନ ଉପରେ ସୁଦୃଢ଼ ସମନ୍ୱୟ ରକ୍ଷା କରାଯାଉଛି। ନାଗରିକମାନଙ୍କୁ ଆତଙ୍କିତ ହୋଇ ଅତ୍ୟଧିକ କିଣାକିଣି ନକରିବାକୁ ଦୃଢ଼ ପରାମର୍ଶ ଦିଆଯାଇଛି।।

ତୈଳ ବିପଣନ କମ୍ପାନୀଗୁଡ଼ିକ ଆହୁରି ମଧ ଗୁରୁତ୍ୱାରୋପ କରିଛନ୍ତି ଯେ ଜାଳେଣିର ଉପଲବ୍ଧତାକୁ ନେଇ ଚିନ୍ତା କରିବାର କୌଣସି କାରଣ ନାହିଁ। ସଠିକ୍, ଯାଞ୍ଚ ହୋଇଥିବା ଏବଂ ସମୟୋଚିତ ସୂଚନା ପାଇଁ କେବଳ ସରକାରୀ ବିଜ୍ଞପ୍ତି ଉପରେ ଭରସା କରିବାକୁ ଜନସାଧାରଣଙ୍କୁ ନିବେଦନ କରିଛନ୍ତି ତୈଳ କମ୍ପାନୀ।

ଓଡ଼ିଶାର ଜନସାଧାରଣଙ୍କ ପାଇଁ ଶକ୍ତି ସୁରକ୍ଷା ଏବଂ ନିରବଚ୍ଛିନ୍ନ ସେବା ନିଶ୍ଚିତ କରିବା ନିମନ୍ତେ ତୈଳ ବିପଣନ କମ୍ପାନୀଗୁଡ଼ିକ ନିଜର ପ୍ରତିବଦ୍ଧତାରେ ଦୃଢ଼ ରହିଛନ୍ତି ବୋଲି ସ୍ପଷ୍ଟ କରାଯାଇଛି।

# ବରୁଣେଇ ଠାରେ ପାଇକ ବିଦ୍ରୋହ ସ୍ମାରକୀ ପ୍ରକଳ୍ପର ଅଗ୍ରଗତି ନେଇ ଆଲୋଚନା କଲେ ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର,୧୯।୫(ନି.ପ୍ର.): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୋମବାର ଦିନ ଖୋର୍ଦ୍ଧା ଜିଲ୍ଲା ବରୁଣେଇ ଠାରେ 'ପାଇକ ବିଦ୍ରୋହ ସ୍ମାରକୀ' ସ୍ଥଳ ପରିଦର୍ଶନ କରିବା ସହ ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି ନେଇ ଦାୟିତ୍ୱରେ ଥିବା ଅଧିକାରୀମାନଙ୍କ ସହ ଆଲୋଚନା କରିଛନ୍ତି।

କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ, ୧୮୧୭ ମସିହାରେ ବକ୍ସି ଜଗବନ୍ଧୁଙ୍କ ନେତୃତ୍ୱରେ ବ୍ରିଟିଶ ଶାସନ ବିରୁଦ୍ଧରେ ହୋଇଥିବା ଏହି ସଶସ୍ତ୍ର ଗଣବିଦ୍ରୋହ ଭାରତର ସ୍ୱାଧୀନତା ସଂଗ୍ରାମ ଇତିହାସରେ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ। ଏହା ଓଡ଼ିଆ ଜାତିର ସ୍ୱାଭିମାନ, ଅସ୍ମିତା ଓ ଗୌରବର ଏକ ଅନନ୍ୟ ପ୍ରତୀକ। ଏହି ମାଟିର ବୀରମାନଙ୍କ ବଳିଦାନ ସମଗ୍ର ଦେଶକୁ ସ୍ୱାଧୀନତା ସଂଗ୍ରାମ ପାଇଁ ପ୍ରେରିତ କରିଥିଲା। ବରୁଣେଇ ପାହାଡ଼ ପାଦଦେଶରେ ନିର୍ମାଣ ହେଉଥିବା ଏହି ଭବ୍ୟ ସ୍ମାରକୀ ସ୍ଥଳ ଆଗାମୀ ଶତାବ୍ଦୀ ଶତାବ୍ଦୀ ପର୍ଯ୍ୟନ୍ତ ଓଡ଼ିଆ ଜାତିର ବୀରତ୍ୱ ଓ ବିଜୟଗାଥାକୁ ସାରା ବିଶ୍ୱରେ ପ୍ରତିପାଦିତ କରିବ। ଓଡ଼ିଶାର ଅଦମ୍ୟ ସାହସର ମୂକସାକ୍ଷୀ ହୋଇ ରହିବାକୁ ଥିବା ଏହି ପ୍ରକଳ୍ପ ଆଗାମୀ ଦିନରେ ଆମ ଯୁବପିଢ଼ିଙ୍କୁ ନିଜ ସଂସ୍କୃତି ଓ ଦେଶପ୍ରେମରେ



ସର୍ବଦା ଅନୁପ୍ରାଣିତ କରିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଡବଲ ଇଞ୍ଜିନ ସରକାର ଓଡ଼ିଶାର ଗୌରବମୟ ଇତିହାସକୁ ବିଶ୍ୱ ଦରବାରରେ ସଠିକ୍ ପରିଚୟ ଦେବା ପାଇଁ ସଦାସର୍ବଦା ପ୍ରତିବଦ୍ଧ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

### ଆମ ବସ୍ କର୍ମଚାରୀଙ୍କ ବିକ୍ଷୋଭ ପ୍ରଦର୍ଶନ

ଭୁବନେଶ୍ୱର: ବକେୟା ବେତନ ଓ ଅନ୍ୟାନ୍ୟ ଦାବିକୁ ନେଇ ଆମ ବସ୍ କର୍ମଚାରୀମାନେ ସୋମବାର ପାତ୍ରପଡ଼ା ଡିପୋରେ କରିଥିବା ପ୍ରତିବାଦ କାରଣରୁ ରାଜଧାନୀ ଭୁବନେଶ୍ୱରର ସାର୍ବଜନିକ ପରିବହନ ସେବା ଗୁରୁତର ଭାବେ ପ୍ରଭାବିତ ହୋଇଛି। ବସ୍ ସେବା ବନ୍ଦ ହୋଇଯାଇଥିବାରୁ ଦୈନିକ ଯାତ୍ରୀମାନେ ପ୍ରବଳ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ମିଳିଥିବା ସୂଚନା ଅନୁସାରେ, ଆନ୍ଦୋଳନ କାରଣରୁ ୪୫ଟି ରୁଟ୍ରେ ଚଳାଚଳ କରୁଥିବା ପ୍ରାୟ ୧୧୭ଟି ଆମ ବସ୍ ରାସ୍ତାକୁ ବାହାରିନାହିଁ। ଭୋର ପ୍ରାୟ ୪ଟାରୁ ଧାରଣା ଦେଇଛନ୍ତି କର୍ମଚାରୀ। ଡ୍ରାଇଭର, ଗାଇଡ୍ ଓ ଅନ୍ୟାନ୍ୟ କର୍ମଚାରୀ ଏଥିରେ ସାମିଲ ହୋଇଛନ୍ତି। ଗତ ଦୁଇ ମାସ ଧରି ବେତନ ପାଇନଥିବା କର୍ମଚାରୀମାନେ ଅଭିଯୋଗ କରିଛନ୍ତି।

# ସ୍ୱିଡେନ ପ୍ରଧାନମନ୍ତ୍ରୀଙ୍କ ସହ ପ୍ରଧାନମନ୍ତ୍ରୀଙ୍କ ଦ୍ୱିପାକ୍ଷିକ ଆଲୋଚନା

ନୂଆଦିଲ୍ଲୀ,୧୯।୫: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସ୍ୱିଡେନର ଗୋଥେନବର୍ଗରେ ପ୍ରଧାନମନ୍ତ୍ରୀ ଶ୍ରୀ ଉଲଫ୍ କ୍ରିଷ୍ଟରସନଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିଛନ୍ତି। ଏହି ବୈଠକରେ ସ୍ୱିଡେନର କ୍ରାଉନ ପ୍ରିନ୍ସେସ୍ ଭିକ୍ଟୋରିଆ ମଧ ଅଂଶଗ୍ରହଣ କରିଥିଲେ। ସେ ମହାମହିମ ରାଜା କାର୍ଲ ଷୋଡଶ ଗୁସ୍ତାଫ ଏବଂ ରାଣୀ ସିଲଭିଆଙ୍କ ପକ୍ଷରୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇଥିଲେ। ପ୍ରଧାନମନ୍ତ୍ରୀ ମୋଦୀ ମହାମହିମ ରାଜାଙ୍କ ୮୦ତମ ଜନ୍ମଦିନରେ ତାଙ୍କୁ ହୃଦୟରୁ ଶୁଭକାମନା ବ୍ୟକ୍ତ କରିଥିଲେ।

ନେତାମାନେ ଭାରତ - ସ୍ୱିଡେନ ସମ୍ପର୍କର ପୂର୍ଣ୍ଣ ସମୀକ୍ଷା କରିଥିଲେ। ବାଣିଜ୍ୟ ଏବଂ ନିବେଶ, ନବସୃଜନ, ସବୁଜ ପରିବର୍ତ୍ତନ, ଉଦୀୟମାନ ପ୍ରଯୁକ୍ତିବିଦ୍ୟା, ପ୍ରତିରକ୍ଷା ଏବଂ ସୁରକ୍ଷା, ଡିଜିଟାଲାଇଜେସନ୍, ଏସଏମଇ, ମହାକାଶ, ଗବେଷଣା, ଶିକ୍ଷା, ସଂସ୍କୃତି ଏବଂ ଲୋକ - ଲୋକ ଆଦାନପ୍ରଦାନ କ୍ଷେତ୍ରରେ ଦ୍ୱିପାକ୍ଷିକ ସମ୍ପର୍କରେ ବୃଦ୍ଧି ପାଉଥିବା ଗତିକୁ ସ୍ୱୀକାର କରିଥିଲେ। ସେମାନେ ସହଭାଗୀ ଗଣତାନ୍ତ୍ରିକ ମୂଲ୍ୟବୋଧ ଉପରେ ଆଧାରିତ ଏବଂ ନବସୃଜନ, ସ୍ଥାୟୀତ୍ୱ ଏବଂ ଗବେଷଣା ଏବଂ ବିକାଶ ସଂଯୋଗ ଦ୍ୱାରା ପରିଚାଳିତ ସମ୍ପର୍କକୁ ସୁଦୃଢ଼ କରିବା ପାଇଁ ସେମାନଙ୍କର ସହଭାଗୀ ପ୍ରତିବଦ୍ଧତାକୁ ପୁନଃସ୍ଥାପିତ କରିଥିଲେ। ବ୍ୟାପକ ସହଭାଗୀତାକୁ ମାର୍ଗଦର୍ଶନ କରିବା ପାଇଁ ନିୟମିତ ଉଚ୍ଚସ୍ତରୀୟ ରାଜନୈତିକ ସମ୍ପର୍କ ଏବଂ ସଂସ୍ଥାଗତ ଆଲୋଚନା ବଜାୟ ରଖିବାର ଆବଶ୍ୟକତା ଉପରେ ସେମାନେ ଗୁରୁତ୍ୱାରୋପ କରିଥିଲେ।

ଦୁଇ ନେତା ଭାରତ - ସ୍ୱିଡେନ ସମ୍ପର୍କକୁ ରଣନୈତିକ ସହଭାଗୀତା ସ୍ତରରେ ଉନ୍ନତ କରିବାକୁ ସହମତ ହୋଇଥିଲେ। ରଣନୈତିକ ସହଭାଗୀତା ଚାରୋଟି ସ୍ତମ୍ଭ, ଯଥା : ସ୍ଥିରତା ଏବଂ ସୁରକ୍ଷା ପାଇଁ ରଣନୈତିକ ଆଲୋଚନା ; ପରବର୍ତ୍ତୀ ପିଢ଼ିର ଆର୍ଥିକ ସହଭାଗୀତା ; ଉଦୀୟମାନ ପ୍ରଯୁକ୍ତି ବିଦ୍ୟା ଏବଂ ବିଶ୍ୱସ୍ତ ସଂଯୋଗ ; ଏବଂ ଆଗାମୀ କାଲିକୁ ଲୋକ, ଗ୍ରହ, ସ୍ୱାସ୍ଥ୍ୟ ଏବଂ ପ୍ରତିରୋଧୀ କ୍ଷମତା ଆଧାରରେ ଏକାଠି ଗଠନ କରିବା ଉପରେ ପର୍ଯ୍ୟବସିତ। ରଣନୈତିକ ସହଭାଗୀତାକୁ କାର୍ଯ୍ୟକାରୀ କରିବା ପାଇଁ, ଦୁଇ ନେତା ଭାରତ - ସ୍ୱିଡେନ ମିଳିତ କାର୍ଯ୍ୟ ଯୋଜନା ୨୦୨୬ - ୨୦୩୦ ଗ୍ରହଣ କରିଛନ୍ତି, ଯାହା ରାଜନୈତିକ, ଅର୍ଥନୈତିକ, ପ୍ରଯୁକ୍ତିବିଦ୍ୟା, ସୁରକ୍ଷା, ଜଳବାୟୁ ଏବଂ ଲୋକ - ଲୋକଙ୍କ ମଧ୍ୟରେ ସହଯୋଗ ପାଇଁ ଏକ ବ୍ୟାପକ ରୋଡମ୍ୟାପ୍ ପ୍ରଦାନ କରେ।

ଦୁଇ ନେତା ଗୁରୁତ୍ୱାରୋପ କରିଥିଲେ ଯେ, ସଦ୍ୟ ସମାପ୍ତ ଭାରତ - ୟୁରୋପୀୟ ସଂଘ ଏଫଟିଏ ଅର୍ଥନୈତିକ ଏବଂ ବାଣିଜ୍ୟିକ ସମ୍ପର୍କରେ ଏକ ନୂତନ ଅଧ୍ୟାୟ ଖୋଲିଛି। ସେମାନେ ବାଣିଜ୍ୟ, ନିବେଶ ଏବଂ ପ୍ରଯୁକ୍ତିବିଦ୍ୟା ସଂଯୋଗକୁ ଗଭୀର କରିବା ପାଇଁ ଏହାର ଶୀଘ୍ର କାର୍ଯ୍ୟକାରୀତା ପାଇଁ ପ୍ରୟାସ ଜାରି ରଖିବାକୁ ସହମତ ହୋଇଥିଲେ।

# ଆଶାନ୍ତି ଦୁଷ୍କର୍ମ ଓ ହତ୍ୟା ଉଦ୍ୟମ ଘଟଣାରେ ଅଭିଯୁକ୍ତଙ୍କ ତୁରନ୍ତ ଗିରଫ ଦାବି

ଅନୁଗୋଳ,୧୯।୫(ନି.ପ୍ର.): ଢେଙ୍କାନାଳ ଜିଲ୍ଲା ସଦର ବ୍ଲକ ଭାପୁର ଅଞ୍ଚଳର ବଣିଆସାହି ସ୍ଥିତ ସାପୁଆ ନଦୀ କୂଳରେ ୨୭ ଏପ୍ରିଲ ୨୦୨୬ ଦିନ ମଧ୍ୟାହ୍ନ ସମୟରେ ୨୩ ବର୍ଷୀୟା ବିବାହିତା ମହିଳା ଏବଂ ଛଅ ମାସର ଶିଶୁର ମା' ଶ୍ରୀମତୀ ଆଶାନ୍ତି ନାୟକଙ୍କ ସହ ଘଟିଥିବା ଜଘନ୍ୟ ଦୁଷ୍କର୍ମ ଓ ହତ୍ୟା ଉଦ୍ୟମ ଘଟଣା ପ୍ରତି ଆପଣଙ୍କ ଦୃଷ୍ଟିଆକର୍ଷଣ କରାଇବା ପାଇଁ ଆମେ ଏହି ସ୍ମାରକପତ୍ର ପ୍ରଦାନ କରୁଛୁ। ଘଟଣାକୁ ୨୫ ଦିନରୁ ଅଧିକ ସମୟ ବିତିଯାଇଥିଲେ ମଧ ଏପର୍ଯ୍ୟନ୍ତ ମୁଖ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇନାହିଁ, ଯାହା ସାଧାରଣ ଲୋକଙ୍କ ମଧ୍ୟରେ ଭୟ, କ୍ରୋଧ ଓ ଅସନ୍ତୋଷ ସୃଷ୍ଟି କରିଛି।

ଏହି ଘଟଣା ସମ୍ବନ୍ଧରେ ଆମେ ବାରମ୍ବାର ପୋଲିସ ପ୍ରଶାସନଙ୍କୁ ଅବଗତ କରାଇଥିଲୁ, ୧- ଘଟଣା ପରେ ପୀଡିତାଙ୍କ ପରିବାର ସଦସ୍ୟମାନେ ଓ ବିଜୁ ଜନତା ଦଳର ପ୍ରତିନିଧି ଦଳ ଭାପୁର ଫାଣ୍ଡିରେ ଆଇଆଇସି ଏବଂ ଏସଡିପିଓଙ୍କୁ ଭେଟିଥିଲେ। ସେମାନେ ୪୮ ଘଣ୍ଟା ମଧ୍ୟରେ ଅଭିଯୁକ୍ତଙ୍କୁ ଗିରଫ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

୨- ଘଟଣାର ୧୦ ଦିନ ପରେ ପୀଡିତାଙ୍କ ପରିବାର ଢେଙ୍କାନାଳ ଏସପିଙ୍କୁ ଭେଟି



ସ୍ମାରକପତ୍ର ପ୍ରଦାନ କରି ତୁରନ୍ତ ଗିରଫ ଦାବି କରିଥିଲେ।

୩- ଘଟଣାର ୧୫ ଦିନ ପରେ ହଜାର ହଜାର ମହିଳାଙ୍କ ସହ ବିଜୁ ଜନତା ଦଳର ପ୍ରତିନିଧି ଦଳ ଢେଙ୍କାନାଳ ଏସପିଙ୍କୁ ପୁନର୍ବାର ଭେଟି ତୁରନ୍ତ ଅଭିଯୁକ୍ତଙ୍କ ଗିରଫ ଦାବି କରିଥିଲେ। ଏସପି ମହୋଦୟ ଖୁବ ଶୀଘ୍ର ଗିରଫ କରାଯିବ ବୋଲି କହିଥିଲେ, କିନ୍ତୁ ଆଜି ପର୍ଯ୍ୟନ୍ତ କୌଣସି ଗିରଫ ହୋଇନାହିଁ। ଏପରି ବିଳମ୍ବ ପୋଲିସ ପ୍ରଶାସନ ଉପରେ ସାଧାରଣ ଲୋକଙ୍କ ବିଶ୍ୱାସକୁ ଦୁର୍ବଳ କରୁଛି ଏବଂ ପୀଡିତାଙ୍କ ପରିବାରକୁ ଗଭୀର ମାନସିକ ଯନ୍ତ୍ରଣା ଦେଉଛି।

୧- ଘଟଣାରେ ସମ୍ପୃକ୍ତ ସମସ୍ତ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରାଯାଉ। ୨- ଓଡିଶା ପୋଲିସର ଅଧିକ ଦକ୍ଷ ଓ ସ୍ୱତନ୍ତ୍ର ଟିମ ଗଠନ କରି ତଦନ୍ତକୁ ତ୍ୱରାନ୍ୱିତ କରାଯାଉ। ୩- ବରିଷ୍ଠ ଅଧିକାରୀଙ୍କ ତତ୍ତ୍ୱାବଧାନରେ ନିରପେକ୍ଷ ଓ ଶୀଘ୍ର ତଦନ୍ତ କରାଯାଉ। ୪- ପୀଡିତା ଓ ତାଙ୍କ ପରିବାରକୁ ସୁରକ୍ଷା ଓ ନ୍ୟାୟ ପ୍ରଦାନ କରାଯାଉ। ଆପଣ ଏହି ଘଟଣାରେ ତୁରନ୍ତ ହସ୍ତକ୍ଷେପ କରି ଦୃଢ ପଦକ୍ଷେପ ନେବେ ବୋଲି ଆମର ଆଶା ଓ ବିଶ୍ୱାସ। ଢେଙ୍କାନାଳ ସାଂସଦ ପ୍ରାର୍ଥୀ ଡ଼ଃ ଅବିନାଶ ସାମଲ, ପୂର୍ବତନ ସାଂସଦ ମହେଶ ସାହୁ, ଢେଙ୍କାନାଳ ଜିଲ୍ଲା ବିଜେଡ଼ି କାର୍ଯ୍ୟକାରୀ ସଭାପତି ସନ୍ଦୀପ ଷଡ଼ଙ୍ଗୀ, ଢେଙ୍କାନାଳ ଜିଲ୍ଲା ଛାତ୍ର ବିଜେଡ଼ି ସଭାପତି ଆର୍ଯ୍ୟନ ଦାସ, ହିନ୍ଦୋଳ ବ୍ଲକ ଅଧକ୍ଷା ସସ୍ମିତା ରାଣୀ ନାୟକ, ହିନ୍ଦୋଳ ବ୍ଲକ ବିଜେଡି ସଭାପତି ଦେବୀ ପଟ୍ଟନାୟକ, ଓଡ଼ାପଡ଼ା ବ୍ଲକ ବିଜେଡି ସଭାପତି ଜାତି ନାୟକ, ଅନୁଗୋଳ ଜିଲ୍ଲା ଯୁବ ଜନତା ଦଳର ସଭାପତି ଅରୁଣାଭ ସିଂହ, ପୂର୍ବତନ ଛାତ୍ର ବିଜେଡ଼ି ସଭାପତି ରାଜୀବ ଲୋଚନ ଦାସ, ରାଜ୍ୟ ଯୁବ ଜନତା ଦଳର ସାଧାରଣ ସମ୍ପାଦକ ଶିବାନୀ ଶଙ୍କର ଗୌଡ଼, ରାଜ୍ୟ ଯୁବ ଜନତା ଦଳର ସମ୍ପାଦକ ଚନ୍ଦ୍ରକାନ୍ତ ପ୍ରଧାନ, ଅନୁଗୋଳ ଓକିଲ ସଂଘ ର ସହ ସମ୍ପାଦକ ପ୍ରଭୁ ପ୍ରସାଦ ପ୍ରଧାନ।

# ଛଟେଇ ନୋଟିସ୍ ପ୍ରତିବାଦରେ ବିଦ୍ୟୁତ୍ କର୍ମଚାରୀଙ୍କ ବିକ୍ଷୋଭ

ଅନୁଗୁଳ,୧୯।୫(ନି.ପ୍ର.): ବିଦ୍ୟୁତ୍ ବିତରଣ କମ୍ପାନୀ ଟିପିସିଓଡିଏଲ୍ ଅନୁଗୁଳ ଡିଭିଜନ୍ରେ କାର୍ଯ୍ୟରତ ମିଟର ରିଡର, ବିଲ୍ କଲେକ୍ଟରଙ୍କ ସମେତ କେତେକ ବିଦ୍ୟୁତ୍ କର୍ମଚାରୀଙ୍କୁ କଷ୍ଟ କଟିଙ୍ଗ୍ ନାଁରେ ଛଟେଇ ନୋଟିସ୍ ପ୍ରଦାନ କରାଯାଇଥିବାରୁ କର୍ମଚାରୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଦୀର୍ଘବର୍ଷ ଧରି ବିଦ୍ୟୁତ୍ ଭଳି ଏକ ଅତ୍ୟାବଶ୍ୟକ ସେବାରେ କର୍ମଚାରୀମାନେ କାର୍ଯ୍ୟ କରିଆସୁଛନ୍ତି। କିନ୍ତୁ ଟିପିସିଓଡିଏଲ୍ କର୍ତ୍ତୃପକ୍ଷ ଜାଣିଶୁଣି କର୍ମଚାରୀଙ୍କ ପେଟରେ ନାତ ମାରୁଛନ୍ତି ବୋଲି ଅଭିଯୋଗ କରି ଆଜି ପୂର୍ବାହ୍ନରେ ବାବା ଚମ୍ପେଶ୍ୱର




ବିଦ୍ୟୁତ୍ କର୍ମଚାରୀ ସଂଘ, ଅନୁଗୁଳ ପକ୍ଷରୁ ଟିପିସିଓଡିଏଲ୍ ଅଫିସ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସଂଘର ସାଧାରଣ ସମ୍ପାଦକ ଦୀପକ କୁମାର ସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବିକ୍ଷୋଭ ସଭାରେ କାର୍ଯ୍ୟକାରୀ ସଭାପତି ମାନସ ପାଳ, ଏ.ଆଇ.ୟୁ.ଟି.ୟୁ.ସି. କାର୍ଯ୍ୟକର୍ତ୍ତା ତୀର୍ଥବାସୀ ଭୋଇ, ନବକିଶୋର ପ୍ରଧାନ ପ୍ରମୁଖ ବକ୍ତବ୍ୟ ମାଧ୍ୟମରେ ଛଟେର ନୋଟିସ୍ ପ୍ରତ୍ୟାହାର କରି କର୍ମଚାରୀ ମାନଙ୍କୁ କାର୍ଯ୍ୟ କରିବାର ସୁଯୋଗଦେବାସହ ସ୍ଥାୟୀ କର୍ମଚାରୀର ମାନ୍ୟତା ଦେବାକୁ ଦାବି କରିଥିଲେ। ସ୍ମାର୍ଟ ମିଟର ଲଗାଇ ଶୋଷଣ ନୀତି ଗ୍ରହଣ କରିବାସହ କର୍ମଚାରୀ ଛଟେଇ କରିବା ଅତ୍ୟନ୍ତ ଅନ୍ୟାୟ ଓ ଅଗଣତାନ୍ତ୍ରିକ ବୋଲି ମତବ୍ୟକ୍ତ କରିଥିଲେ। ବିକ୍ଷୋଭ ସ୍ଥଳରୁ ଏକ ପ୍ରତିନିଧି ଦଳ କର୍ତ୍ତୃପକ୍ଷଙ୍କୁ ଭେଟି ଏକ ଲିଖିତ ଦାବିପତ୍ର ପ୍ରଦାନ କରିବାସହ ତାର ନକଲ ଜିଲ୍ଲାପାଳ, ମାନ୍ୟବର ଶକ୍ତିମନ୍ତ୍ରୀ ଏବଂ ସ୍ଥାନୀୟ ମାନ୍ୟବର ବିଧାୟକମାନଙ୍କୁ ମଧ ପଠାଇଥିବା ଜଣାଯାଇଛି। ଏହି କାର୍ଯ୍ୟକ୍ରମରେ ସଂଘର କାର୍ଯ୍ୟକର୍ତ୍ତା ସୁକାନ୍ତ ସାହୁ, ପ୍ରଫୁଲ୍ଲ ସାହୁ, ମୋହନ ସାହୁ, ଦିଲ୍ଲୀପ ସାସମଲ, ପ୍ରସ୍ନ ସେନାପତି, ସତ୍ୟସୁନ୍ଦର ସାହୁ, ବିକାଶ ଗଡନାୟକ, ମନୋଜ ସାହୁ, ଦିଲ୍ଲୀପ ବିଶ୍ୱାଳ, ସାଫଲ୍ୟ ତ୍ରିପାଠୀ, ପ୍ରକାଶ ବେହେରା, ବୈକୁଣ୍ଠ ସାହୁ ପ୍ରମୁଖ ସାମିଲ ଥିଲେ।

Printed and Published by Sitesh Kumar Rout _ owned by Manthan Printers Pri\ate Limited and Printed at WEB LINE, Plot No. D-2/19, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at A-17/8, Surya Nagar, Unit-7, Bhubaneswar-3, Dist- Khurda (Odisha), Tele-Fax: Ph. No: (0674) 2397438, 9778071104, **Email : odishamanthan@gmail.com**

● **Editor : Sarat Raut**

ସଂପାଦକ: ଶରତ ରାଉତ